**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ମାର୍ଚ୍ଚ, ୩୧, ୨୦୨୪ ସୁଦ୍ଧା ରାଜ୍ୟର ଜିଲ୍ଲାରୁ ସଚିବାଳୟ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ କେତେ ଆଉଟ୍ ସୋର୍ସିଙ୍ଗ କର୍ମଚାରୀ କାମ କରୁଥିଲେ ଓ ଆଜିପର୍ଯ୍ୟନ୍ତ କେତେ କର୍ମଚାରୀ କାମ କରୁଛନ୍ତି; ୨୦୨୪ରୁ ଆଜିପର୍ଯ୍ୟନ୍ତ କେତେ ଆଉଟସୋର୍ସିଂ କର୍ମଚାରୀଙ୍କୁ ବିଭାଗୱାରୀ ଛଟେଇ କରାଯାଇଛି ଜଣାଇବେ କି; (ଖ) ୨୦୨୫ ଓ ୨୦୨୬ ବର୍ଷରେ ଆଉଟ୍ ସୋର୍ସିଂ କର୍ମଚାରୀ ଓ ରାଜ୍ୟ ସରକାରଙ୍କ ପ୍ରତିନିଧି ମାନଙ୍କ ମଧ୍ୟରେ ବୈଠକ ହୋଇ ଆନ୍ତମନ୍ତ୍ରୀ ମଣ୍ଡଳ କମିଟୀ ଗଠନ କରି ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ସମ୍ପର୍କରେ ଜଣାଇବେ କି ?

----

## କେନ୍ଦ୍ର ସରକାରଙ୍କ ଠାରୁ ମିଳିଥିବା ଅର୍ଥ

1676 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ୨୦୨୪-୨୫, ୨୦୨୫-୨୬ ଓ ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କଠାରୁ କେଉଁସୂତ୍ରରୁ କେତେ ବଜେଟ ଅର୍ଥ ପାଇବାର ଲକ୍ଷ୍ୟଧାର୍ଯ୍ୟ ଥିଲା ଏବଂ ସେ ବାବଦକୁ କେତେ ଅର୍ଥ ମିଳିଛି ; (ଖ) ରାଜ୍ୟ ସରକାରଙ୍କ ପକ୍ଷରୁ ଉପରୋକ୍ତ ୩ ବର୍ଷରେ କେନ୍ଦ୍ର ଅନୁଦାନ କେନ୍ଦ୍ର ଟିକସରେ ରାଜ୍ୟ ଅଂଶଧନ ଓ କେନ୍ଦ୍ର ଯୋଜନାରେ କେନ୍ଦ୍ର ଅଂଶଧନ ବ୍ୟତୀତ ରାଜ୍ୟର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ସ୍ୱତନ୍ତ୍ର ସହାୟତା ରାଶି ଅନୁଦାନ ଓ ପ୍ୟାକେଜ୍ ଦାବୀ ଉପସ୍ଥାପନ ହୋଇଥିଲା କି ?

----

## ଦେବଗଡ଼ ଜିଲ୍ଲାରେ ଖାଲିଥିବା ମଞ୍ଜୁରିପ୍ରାପ୍ତ ଡା଼କ୍ତର ପଦବୀ ପୂରଣ

1677 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ମଞ୍ଜୁରୀପ୍ରାପ୍ତ ଡ଼ାକ୍ତର ପଦବୀ ସଂଖ୍ୟା କେତେ ; ବର୍ତ୍ତମାନ କେତେଜଣ ନିୟମିତ, ଆଡହକ୍ ଏବଂ ଚୁକ୍ତିଭିତ୍ତିକ ଡାକ୍ତର କାର୍ଯ୍ୟରତ ଅଛନ୍ତି, ତାହାର ଏକ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି; (ଖ) ଜିଲ୍ଲାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (CHC) ମାନଙ୍କରେ ଅନେକ ବିଶେଷଜ୍ଞ ଡାକ୍ତର (Specialist Doctors) ପଦବୀ ଖାଲି ପଡ଼ିଛି; ଏବଂ କେବେ ସୁଦ୍ଧା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହେବେ?

----

## ଆମ୍ବୁଲାନ୍ସ ସେବା ଯୋଗାଇବା

1678 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ଼ ଜିଲ୍ଲାରେ ବର୍ତ୍ତମାନ କେତୋଟି ଗ୍ରାମକୁ ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁନାହିଁ; ଏହାର କାରଣ କ'ଣ ଏବଂ ଉକ୍ତ ଗ୍ରାମଗୁଡ଼ିକୁ ଆମ୍ବୁଲାନ୍ସ ସେବା ପହଞ୍ଚାଇବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି?

----

## ସରକାରୀ ମେଡ଼ିକାଲ Collegeରେ ଫାୟାର ସେଫ୍ଟିର ତ୍ରୁଟି

1679 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ୍ ଓ ହସ୍ପିଟାଲ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ମଧ୍ୟରୁ କେତୋଟିରେ ବର୍ତ୍ତମାନ ବୈଧ 'ଫାୟାର ସେଫ୍ଟି ସାର୍ଟିଫିକେଟ୍' ରହିଛି ଏବଂ କେତୋଟିରେ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟି ଚିହ୍ନଟ ହୋଇଛି, ତାହାର ବିବରଣୀ ପ୍ରଦାନ କରିବେ କି; (ଖ) ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ମେଡିକାଲ କଲେଜ୍ ଓ ହସ୍ପିଟାଲ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲ୍ଲାରେ ପଞ୍ଜୀକୃତ ସମସ୍ତ ଘରୋଇ ନର୍ସିଂହୋମ୍/ ଚିକିତ୍ସାଳୟ ମଧ୍ୟରୁ କେତୋଟିରେ ବୈଧ ଫାୟାର ସେଫ୍ଟି ସାର୍ଟିଫିକେଟ୍ ରହିଛି ଓ କେତୋଟିରେ ନିରାପତ୍ତା ଜନିତ ତ୍ରୁଟି ରହିଛି, ତାହାର ଏକ ପୃଥକ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି; ବୈଧ ଫାୟାର ସେଫ୍ଟି ସାର୍ଟିଫିକେଟ୍ ନ ଥାଇ କିମ୍ବା ସୁରକ୍ଷାଗତ ତ୍ରୁଟି ଥାଇ ମଧ୍ୟ ସ୍ୱାସ୍ଥ୍ୟସେବା ଜାରି ରଖିଥିବା ସରକାରୀ ତଥା ବେସରକାରୀ ଚିକିତ୍ସାଳୟ ଗୁଡ଼ିକରେ କୌଣସି ଅଘଟଣ ଘଟିଲେ, ରୋଗୀ ଓ କର୍ମଚାରୀଙ୍କ ଜୀବନହାନିର ଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯିବ ଏବଂ ଏଦିଗରେ ତ୍ରୁଟି ସୁଧାରିବା ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାର କେଉଁ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଫକିର ମୋହନ ମେଡ଼ିକାଲ କଲେଜର Blood Bank କାର୍ଯ୍ୟକ୍ଷମ

1680 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଫକୀରମୋହନ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେବା ପରେ ରକ୍ତ ଓ ରକ୍ତ-ଉପାଦାନର ଚାହିଦା ବୃଦ୍ଧି ପାଇଥିବା ପରିପ୍ରେକ୍ଷୀରେ, ସେଠାରେ ପ୍ରସ୍ତାବିତ Blood Bank ଏପର୍ଯ୍ୟନ୍ତ ପୂର୍ଣ କାର୍ଯ୍ୟକ୍ଷମ ହୋଇନଥିବାର କାରଣ କ'ଣ ଏବଂ ଏହା ପାଇଁ ଲାଇସେନ୍ସ, ଭିତ୍ତିଭୂମି, ଯନ୍ତ୍ରପାତି, ମାନବସମ୍ବଳ କିମ୍ବା ପ୍ରଶାସନିକ ଅନୁମୋଦନ, କେଉଁ ସ୍ତରରେ ବିଳମ୍ବ ରହିଛି; (ଖ) ଗତ ଦୁଇ ବର୍ଷରେ FMMCH ସମେତ ବାଲେଶ୍ୱର ଜିଲ୍ଲାର ସରକାରୀ ଚିକିତ୍ସାଳୟ ଗୁଡ଼ିକର ମାସୱାରୀ ରକ୍ତ ଚାହିଦା, ସଂଗ୍ରହ ଓ ଅନ୍ୟ Blood Centre ରୁ ଆଣାଯାଇଥିବା ରକ୍ତ/PRBC/Platelet/FFPର ତଥ୍ୟ କ'ଣ ରହିଛି ଏବଂ FMMCH ରେ 24x7 Blood Centre ଓ Component Separation Facility କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ?

----

## ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ଡ଼ାଏଲିସିସ କେନ୍ଦ୍ର

1681 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲାରେ ସରକାରୀ ଓ ବେସରକାରୀ ଭାବେ କେତୋଟି ଡାଏଲିସିସ୍ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି ଏବଂ ସେଗୁଡ଼ିକ କେଉଁ କେଉଁ ସ୍ଥାନରେ ଅବସ୍ଥିତ ତାହା ଜଣାଇବେ କି; ଗତ ତିନି ବର୍ଷ ମଧ୍ୟରେ ଉକ୍ତ କେନ୍ଦ୍ରଗୁଡ଼ିକରେ ପ୍ରତି ମାସରେ କେତେଜଣ ରୋଗୀ ପଞ୍ଜୀକୃତ ହୋଇଛନ୍ତି, କେତୋଟି ଡାଏଲିସିସ୍ ସେସନ୍ ସମ୍ପନ୍ନ ହୋଇଛି, କେତେଜଣ ରୋଗୀ ପ୍ରତୀକ୍ଷାରତ ତାଲିକାରେ ରହୁଛନ୍ତି ଏବଂ କେତେ କ୍ଷେତ୍ରରେ ଚିକିତ୍ସା ବାଧାପ୍ରାପ୍ତ ହୋଇଛି, ତାହାର ଏକ ହସ୍ପିଟାଲୱାରୀ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି; (ଖ) ଜିଲ୍ଲାରେ କ୍ରମାଗତ ଭାବରେ କିଡନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦୃଷ୍ଟିରୁ ତଥା ଉତ୍ତର ବାଲେଶ୍ୱର ଅଞ୍ଚଳର ରୋଗୀମାନଙ୍କ ଯାତାୟାତ ସୁବିଧାକୁ ବିଚାରକୁ ନେଇ, ଗମନାଗମନର ସୁଗମ ବ୍ୟବସ୍ଥା ଥିବା 'ବସ୍ତା କିମ୍ବା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର'ରେ ଏକ ନୂତନ ଡାଏଲିସିସ୍ କେନ୍ଦ୍ର ସ୍ଥାପନ ପାଇଁ ସରକାର ବିଶେଷ ପଦକ୍ଷେପ ଗ୍ରହଣ କରିବେ କି?

----

## ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗାଇବା

1682 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରେଙ୍ଗାଲି ବିଧାନ ସଭା ଅନ୍ତର୍ଗତ କୁଦ ଗୁଣ୍ଡେରପୁର, କରଡୋଲା ଓ ବସନ୍ତପୁର ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଦୀର୍ଘ ୩୦ କିଲୋମିଟର ଦୂରତାରେ ଥିବା ଦେବେଇପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରାଯାଉଥିବା ଦୃଷ୍ଟିରୁ ଉପରୋକ୍ତ ଅଞ୍ଚଳରେ ସହଜ ସ୍ୱାସ୍ଥ୍ୟ ସେବା ନିମନ୍ତେ ଉକ୍ତ ପଞ୍ଚାୟତଗୁଡିକର କେନ୍ଦ୍ର ସ୍ଥଳୀରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା କରିବେ କି?

----

## ଚାର୍ଜସିଟ୍ ଦେବାରେ ବିଳମ୍ବ

1683 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ୨ ବର୍ଷ ୨ ମାସ ମଧ୍ୟରେ ପୁଲିସ ହେପାଜତରେ ମୃତ୍ୟୁ, ଆହତ କିମ୍ବା ମାନବାଧିକାର ଉଲଂଘନ ସମ୍ପର୍କିତ କେତେ ଅଭିଯୋଗ ଆସିଛି ଏବଂ ସେଥିରେ କେଉଁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି; ଏହି ସମୟ ମଧ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ସମ୍ପର୍କିତ କେତେ ମାମଲାରେ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରାଯାଇନାହିଁ; ବିଳମ୍ବର କାରଣ କ'ଣ?

----

## ଫେରାର ଅଭିଯୁକ୍ତ ଗିରଫ

1684 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ୨ ବର୍ଷ ୨ ମାସ ମଧ୍ୟରେ ରାଜ୍ୟରେ କେତେ ଗ୍ୟାଙ୍ଗଷ୍ଟର, ମାଫିଆ, ଅବୈଧ ବାଲି, ପଥର ଓ ଖଣିଜ ପରିବହନ ସମ୍ପର୍କିତ ମାମଲା ରୁଜୁ ହୋଇଛି; କେତେ ଜଣଙ୍କ ବିରୋଧରେ ସମ୍ପତ୍ତି ଜବତ କିମ୍ବା ଅନ୍ୟାନ୍ୟ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି; ରାଜ୍ୟରେ କେତେ ଅପରାଧିକ ମାମଲା ଏକ ବର୍ଷରୁ ଅଧିକ ସମୟ ଧରି ତଦନ୍ତାଧୀନ ରହିଛି; ଜିଲ୍ଲାୱାରୀ ବିବରଣୀ ଦିଆଯିବ କି; ରାଜ୍ୟରେ କେତେ ଘୋଷିତ ଫେରାର ଅଭିଯୁକ୍ତ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି; ଜିଲ୍ଲାୱାରୀ ବିବରଣୀ କଣ?

----

**ଦ୍ରବ୍ୟ ଓ ସେବା କର ଆଦାୟ**

1685 **ଶ୍ରୀ ସି.ଏସ୍.ରାଜ୍ରେନ୍ ଏକ୍କା (ରାଜଗାଙ୍ଗପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପୂର୍ବ ବର୍ଷ (2024-25) ତୁଳନାରେ 2025-26 ରେ ଦ୍ରବ୍ୟ ଓ ସେବା କର ଆଦାୟ କମିଥିବା କଥା ସତ୍ୟ କି, ଉତ୍ତର ହଁ ହେଲେ ଏହା କେତେ ଓ କାରଣ କଣ ?

----

**ବାର୍ଷିକ ଆୟ ବୃଦ୍ଧି**

1686 **ଶ୍ରୀ ସି.ଏସ୍.ରାଜ୍ରେନ୍ ଏକ୍କା (ରାଜଗାଙ୍ଗପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବାର୍ଷିକ ରାଜସ୍ୱ ଆୟ ଗତ ବର୍ଷ 2024-25 ତୁଳନାରେ 2025-26 ତୁଳନାରେ ବୃଦ୍ଧି ପାଇଥିବା ସତ୍ୟ କି, ଉତ୍ତର ହଁ ହେଲେ (କ) 2024-25 ରେ ଟିକସ ବାବଦ ଆୟ କେତେ ଓ 2025-26 ରେ ଟିକସ ବାବଦ ଆୟ କେତେ ଥିଲା, (ଖ) 2024-25 ରେ ଅଣ ଟିକସ ବାବଦ ଆୟ କେତେ ଓ 2025-26 ରେ ଅଣ ଟିକସ ବାବଦ ଆୟ କେତେ ଥିଲା ?

----

**Radiologist ଏବଂ ଅନ୍ୟାନ୍ୟ ପଦବୀ ପୂରଣ**

1687 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ସମସ୍ତ CHC ଗୁଡ଼ିକରେ ଗର୍ଭବତୀ ମହିଳାଙ୍କ ପରୀକ୍ଷା ପାଇଁ Ultrasound Machine ଉପଲବ୍ଧ ଥିବା ସତ୍ତ୍ୱେ ଆବଶ୍ୟକ ସଂଖ୍ୟକ Obstetrics & Gynaecology Specialist, Radiologist, Anaesthesiologist ଓ Paediatrician ନଥିବାରୁ ନିୟମିତ ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଥିବା ଏବଂ ଅନେକ ରୋଗୀ ଚିକିତ୍ସା ପାଇଁ ଦୂରସ୍ଥ ଅଞ୍ଚଳ, ଏପରିକି ପଡ଼ୋଶୀ ରାଜ୍ୟ ର ବିଭିନ୍ନ ଘରୋଇ ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି ଏବଂ ବିଭିନ୍ନ ସମୟରେ ମୃତ୍ୟୁମୁଖରେ ପଡୁଥିବା ସରକାର ଜାଣନ୍ତି କି, ଯଦି ହଁ, ତେବେ ୨୦୨୪-୨୫ ଠାରୁ ବର୍ତ୍ତମାନ ସୁଦ୍ଧା ଉକ୍ତ ୪ଟି CHCରେ Gynaecologist, Radiologist, Anaesthesiologist ଓ Paediatricianଙ୍କ ମଞ୍ଜୁରୀପ୍ରାପ୍ତ ପଦବୀ, କାର୍ଯ୍ୟରତ ପଦବୀ ଓ ଖାଲି ପଦବୀ ସଂଖ୍ୟା କେତେ; Ultrasound Machine କେତୋଟି କାର୍ଯ୍ୟକ୍ଷମ ଅଛି ଏବଂ ପ୍ରତ୍ୟେକ ମେସିନ୍‌ରେ ମାସିକ ହାରାହାରି କେତୋଟି ପରୀକ୍ଷା ହେଉଛି ଏବଂ ଖାଲି specialist ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରି CHC ସ୍ତରରେ ନିୟମିତ ମାତୃ, ଶିଶୁ, ଅପରେସନ୍ ଓ diagnostic services ନିଶ୍ଚିତ କରିବା ସହିତ ରୋଗୀମାନଙ୍କୁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳତାରୁ ମୁକ୍ତ କରିବା ପାଇଁ ସରକାରଙ୍କ ସମୟବଦ୍ଧ କାର୍ଯ୍ୟଯୋଜନା କ'ଣ ?

----

## CHC କୁ SDH ରେ ପରିଣତ କରିବାକୁ ପଦକ୍ଷେପ

1688 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ ଲକ୍ଷ୍ମୀପୁର ସ୍ଥିତ CHC କୁ SDH ରେ ପରିଣତ କରିବା ପାଇଁ ସରକାରଙ୍କ ଯୋଜନା ଅଛି କି ନାହିଁ, ଯଦି ଅଛି ତାହେଲେ ଆବଶ୍ୟକୀୟ ଭିତ୍ତିଭୂମି କେବେ ସୁଧା ସ୍ଥାପନ କରିବେ, (ଖ) କାକିରିଗୁମ୍ମା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ଉପରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭରଶୀଳ ଥିବାବେଳେ, ଆବଶ୍ୟକୀୟ ଚିକିତ୍ସା ଉପକରଣ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ଯେପରିକି ରୋଗୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ନିମନ୍ତେ ୨ଟି Oxygen Concentrator, ୨ଟି 3-in-1 Steel Chair ଓ ୩ଟି Wheel Chair, ଖାଲି ଥିବା ସମସ୍ତ ପଦବୀ ତୁରନ୍ତ ପୂରଣ ଓ ପ୍ରସବ ପାଇଁ ଆସୁଥିବା ମହିଳା ଏବଂ ସେମାନଙ୍କ ସହ ଆସୁଥିବା ଆଟେଣ୍ଡାଣ୍ଟମାନଙ୍କ ପାଇଁ ଏକ Waiting Shed ନିର୍ମାଣ ପାଇଁ ବାରମ୍ବାର ଦାବି ହେଇ ଆସୁଥିଲେ ସୁଧା ଯୋଗାଇ ଦିଆଯାଉ ନ ଥିବାର କାରଣ କଣ, ଯଦି କରାଯିବ ତାହାଲେ କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ନୂତନ Mobile Tower ନିର୍ମାଣ

1689 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପାଲଲହଡା ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଞ୍ଚଳ, ନଗିରୀ, ବନ୍ଧାଭୁଇଁ, ବରଡହ, ଝାରବେଡା, ନମପଶ ଗ୍ରାମ ପଞ୍ଚାୟତରେ ଥିବା ମୋବାଇଲ ଟାୱାର ସଂଖ୍ୟା କେତେ, ଏହା କାର୍ଯ୍ୟକ୍ଷମ ହେଉଛି କି, ନୂଆଁ ଟାୱାର ବସାଇବା ପାଇଁ ପଦକ୍ଷେପ ନେବେ କି ?

----

## ଆକସ୍ମିକ ଦୁର୍ଘଟଣା ଚିକିତ୍ସା କେନ୍ଦ୍ର ସ୍ଥାପନ

1690 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ କେତୋଟି ଆକସ୍ମିକ ଦୁର୍ଘଟଣା ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ଅଛି ସମସ୍ତ କାର୍ଯ୍ୟରତ କେନ୍ଦ୍ରର ସ୍ଥାନୱାରୀ ତାଲିକା ଦେବେ କି, ବଡ଼ଚଣା ନିର୍ବାଚନ ମଣ୍ଡଳୀ ଦେଇ ଦୁଇଟି ଜାତୀୟ ରାଜପଥରେ ବହୁ ସଂଖ୍ୟାରେ ଯାନବାହନ ଯାତାୟତ କରୁଥିବାରୁ ଦୁର୍ଘଟଣା ବଢୁଥିବାରୁ ଦୃଷ୍ଟିରେ ରଖି ଏଠାରେ ଆକସ୍ମିକ ଦୁର୍ଘଟଣା ଚିକିତ୍ସା କେନ୍ଦ୍ର କେବେ ସୁଦ୍ଧା ଖୋଲାଯିବାର ଲକ୍ଷ୍ୟ ରଖାଯାଇଛି ?

----

## CHC ରେ ଅଧିକ ଡାକ୍ତର ନିଯୁକ୍ତି

1691 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଉଗାଁ CHC ଏବଂ ମଣ୍ଡାସାହି CHC, ଭୌଗଳିକ ଦୃଷ୍ଟି କୋଣରୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବହୁ ସଂଖ୍ୟକ ରୋଗୀମାନେ ଉକ୍ତ ଦୁଇଟିଯାକ CHC ଉପରେ ନିର୍ଭର କରୁଛନ୍ତି, ତେଣୁ ରୋଗୀମାନଙ୍କର ସୁବିଧା ପାଇଁ CHC କୁ ଅଧିକ ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ସଂଖ୍ୟା ବୃଦ୍ଧି କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ବକେୟା ଋଣ ଭାର ଟଙ୍କା ରହିଥିବା ସମ୍ପର୍କରେ

1692 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ଓଡ଼ିଶା ସରକାରଙ୍କ ମୋଟ ବକେୟା ଋଣ ଭାର କେତେ ଟଙ୍କା ରହିଛି, ଉକ୍ତ ମୋଟ ଋଣ ମଧ୍ୟରୁ ଆଭ୍ୟନ୍ତରୀଣ ଋଣ, ବଜାର ଋଣ, ଆର୍ଥିକ ସଂସ୍ଥା/ବ୍ୟାଙ୍କ ଠାରୁ ଋଣ, କେନ୍ଦ୍ର ସରକାରଙ୍କ ଠାରୁ ଋଣ ଏବଂ ଅନ୍ୟାନ୍ୟ ଉତ୍ସରୁ ଋଣ କେତେ କେତେ ରହିଛି, ଉତ୍ସୱାରୀ ବିବରଣୀ ପ୍ରଦାନ କରିବେ କି, ବର୍ତ୍ତମାନ ରାଜ୍ୟର ମୋଟ ଋଣ ଭାର ରାଜ୍ୟର GSDPର କେତେ ପ୍ରତିଶତ ଅଟେ ଏବଂ ଗତ ୫ ବର୍ଷରେ ଏହି ଋଣ-GSDP ଅନୁପାତ କିପରି ପରିବର୍ତ୍ତିତ ହୋଇଛି, ବର୍ତ୍ତମାନ ଓଡ଼ିଶାର ଜନସଂଖ୍ୟାକୁ ଆଧାର କରି ମୁଣ୍ଡପିଛା ରାଜ୍ୟ ସରକାରୀ ଋଣ ପ୍ରାୟ କେତେ ଟଙ୍କା ପଡୁଛି, ଗତ ୫ ବର୍ଷର ମୁଣ୍ଡପିଛା ଋଣର ବିବରଣୀ ଦେବେ କି, ଉକ୍ତ ଋଣ ଉପରେ ସରକାର ପ୍ରତିବର୍ଷ ସୁଧ ବାବଦରେ କେତେ ଟଙ୍କା ପରିଶୋଧ କରୁଛନ୍ତି ଏବଂ ୨୦୨୬-୨୭ ଆର୍ଥିକ ବର୍ଷରେ ସୁଧ ଓ ମୂଳଧନ ପରିଶୋଧ ବାବଦରେ ମୋଟ କେତେ ଅର୍ଥ ଆବଶ୍ୟକ ହେବ, ଆଗାମୀ ୫ ବର୍ଷରେ ରାଜ୍ୟର ଋଣ ଭାରକୁ ନିୟନ୍ତ୍ରଣରେ ରଖିବା ଓ ଋଣ ପରିଶୋଧନର ଆର୍ଥିକ ଚାପ କମାଇବା ପାଇଁ କି ପଦକ୍ଷେପ/ନୀତି ରହିଛି ?

----

## Odisha's convergence of Ayushman Bharat PM-JAY

1693 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Odisha's convergence of Ayushman Bharat PM-JAY with Gopabandhu Jana Arogya Yojana to cover about 86% of the population with health cards rolled out from April 2025 and early reports of rural access and private-hospital hesitancy (a) How many AB-PMJAY/GJAY health cards have been issued in Puri district and in Satyabadi constituency as of 31 August 2026 and what percentage of eligible families does this represent, (b) What is the total number of cashless claims approved and rejected in Puri district under AB-PMJAY/GJAY in FY 2025-26 and FY 2026-27 (till August 2026) and what are the top three reasons for rejection (e.g., documentation, code mismatch, eligibility), how many private empanelled hospitals are currently functional in Puri district and in/near Satyabadi and what steps are being taken to address reported private-hospital reluctance and claim-settlement delays so that cardholders can actually avail cashless treatment locally ?

----

## ଆମ୍ବୁଲାନ୍ସ ସେବା ଯୋଗାଇବା

1694 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ଆଦିବାସୀ ବହୁଳ ଗାଁ ହୋଇଥିବାରୁ ଏଠାରେ ଅଧିକ Ambulance ର ଆବଶ୍ୟକ ଅଛି ଯୋଗାଇବା ପାଇଁ ବ୍ୟବସ୍ଥା କରିବେ କି ଏବଂ ଏକ ଫିଜିଓଥେରାପି ସେଣ୍ଟର ପ୍ରତିଷ୍ଠା କରିବେ କି ?

----

## ଅବସରପ୍ରାପ୍ତ ପୋଲିସ୍ ଅଧିକାରୀମାନଙ୍କୁ କାର୍ଯ୍ୟରେ ନିୟୋଜନ

1695 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଯୁବ ସମାଜମାନେ ବେକାରୀ, ଧର୍ଯ୍ୟହରା ହୋଇ ସଚେତନ ଅଭାବରୁ ସାମାନ୍ୟ ଘଟଣାରେ ହତ୍ୟା କାଣ୍ଡ ଘଟାଉଛନ୍ତି ପ୍ରଚୁରମାତ୍ରାରେ ନିଶା ସେବନରେ ପୁଅ, ଝିଅମାନେ ବ୍ୟସ୍ତ ରହୁଛନ୍ତି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି କି, ଉତ୍ତର ଯଦି ହଁ ହୁଏ ତେବେ ପେନସନ ଭୋଗୀ ଦକ୍ଷ ପୋଲିସ ଅଧିକାରୀ ମାନଙ୍କୁ ସମାଜର ସୁସ୍ଥ ପରମ୍ପରା ସୃଷ୍ଟି କରିବା ପାଇଁ ସଚେତନ କରିବା ପାଇଁ ସେମାନଙ୍କୁ କାର୍ଯ୍ୟରେ ଲଗାଇବେ କି ?

----

## ରୋଗୀସେବା ସୂଚାରୁ କାର୍ଯ୍ୟ କରିବା

1696 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବରୀ ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ବନ୍ୟା ସରିଗଲା ପରେ ଲୋକମାନଙ୍କୁ ବର୍ତ୍ତମାନ ଝାଡାବାନ୍ତି, ଜ୍ୱର ବ୍ୟାପୁଛି ବର୍ତ୍ତମାନ ସମସ୍ତ Medical ରେ staff ଅଭାବ ଥିବାରୁ staff ଅଭାବ ଦୂର କରି ରୋଗୀମାନଙ୍କର ଚିକିତ୍ସା ସୂଚାରୁରୂପେ କରିବା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## ବରୀ ନିର୍ବାଚନ ମଣ୍ଡଳୀରେ ଥିବା PHC ଓ CHC ରେ ଖାଲିଥିବା ଡାକ୍ତର ପଦବୀ ପୂରଣ

1697 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାର ବରୀ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ CHC ଏବଂ PHC ରେ Doctor ଏବଂ ଅନ୍ୟାନ୍ୟ Paramedical Staff ମାନଙ୍କ Sanction ପଦବୀ ସଂଖ୍ୟା କେତେ ; ସେଥିମଧ୍ୟରୁ କେଉଁ PHC ଏବଂ CHC ରେ କେତେ Doctor ଏବଂ Paramedical Staff ଅଛନ୍ତି; Medical Staff କମ ଥିବାରୁ ଏବଂ ଖାଲିଥିବା ପଦବୀ ଗୁଡ଼ିକ ବହୁତ ଦିନ ହେଲା ପୂରଣ ହେଉନଥିବାରୁ ଏଠାରେ ରୋଗୀ ସେବାରେ ଘୋର ବ୍ୟାଘାତ ସୃଷ୍ଟି ହେଉଥିବା କଥା ସରକାର ଜାଣନ୍ତି କି ; ଯଦି ହଁ ତେବେ ଖାଲିଥିବା ପଦବୀ ସରକାର କେବେ ସୁଦ୍ଧା ପୂରଣ କରିବେ?

----

## ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ସ୍ଥାପନ

1698 **ଶ୍ରୀ ଛବି ମଲିକ (ନିଆଳି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାର ନିଆଳି ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତୋଟି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ମଞ୍ଜୁର ହୋଇଛି, ତନ୍ମଧ୍ୟରୁ କେତୋଟିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ କେତୋଟି ନିର୍ମାଣାଧୀନ ଅଛି ଏବଂ ସମ୍ପୂର୍ଣ୍ଣ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଆବଶ୍ୟକୀୟ ସଂଯୋଗ ରାସ୍ତା, ପାରିପାର୍ଶ୍ୱିକ ଉନ୍ନତି ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଗୋଲମୁଣ୍ଡା CHC ର Blood Bank ସ୍ଥାପନ

1699 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୁନାଗଡ଼ CHC ର MCH Building ପାଇଁ ଜମି ଅଧିଗ୍ରହଣ ପାଇଁ approval ହୋଇଥିବା ସତ୍ତ୍ୱେ Tender ପ୍ରକ୍ରିୟାକୁ ବିଭାଗ ଯାଇ ନଥିବାର କାରଣ କଣ ଏବଂ ଗୋଲାମୁଣ୍ଡା CHC ରେ ଏକ Blood Bank ସ୍ଥାପନା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବେ କି ଏବଂ ଜୁନାଗଡ଼ ବ୍ଲକର ମଥୁରାଠାରେ Ayurbedic Hospital ର ଉନ୍ନତି ପାଇଁ ସରକାର କ'ଣ କ'ଣ ପଦକ୍ଷେପ ନେଉଛନ୍ତି ?

----

## ଜଳେଶ୍ୱର CHC କୁ FRU ମାନ୍ୟତା

1700 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଥିବା ଜଳେଶ୍ୱରପୁର CHC କୁ FRU ମାନ୍ୟତା ଦେବା ପାଇଁ ଯେଉଁ ଦାବି କରିଥିଲି ତାହା ମଞ୍ଜୁର ହୋଇଛି କି, ଯଦି ମଞ୍ଜୁର ହୋଇଛି ଏହା କେବେଠାରୁ କାର୍ଯ୍ୟକ୍ଷମ ହେବ ଏବଂ FRU ହେଲେ ଏଠାରେ କି କି ଅତିରିକ୍ତ ସୁବିଧା ମିଳିବ, କେତେ ବିଶେଷଜ୍ଞ ଓ ଡାକ୍ତର, ନର୍ସ ରହିବେ, କେତେ ଶଯ୍ୟା ରୋଗୀଙ୍କ ପାଇଁ ରହିବ, (ଖ) ସେହିପରି ଏହି ହସ୍ପିଟାଲରେ NRC ଖୋଲିବା ପାଇଁ ଦେଇଥିବା ପ୍ରସ୍ତାବ ଏବଂ ଡାଇଲିସିସ୍ ସେଣ୍ଟର ପାଇଁ କରିଥିବା ଦାବି ଉପରେ କିଛି ନିଷ୍ପତ୍ତି ହୋଇଛି କି ?

----

## ଫକିରମୋହନ ମେଡିକାଲ College ର Machine ଲଗାଇବା

1701 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)ବାଲେଶ୍ୱର ସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ MRI ଓ CT Scan Machine କେବେ ଲାଗିବ, ଏଥିପାଇଁ ସରକରୀ ପ୍ରକ୍ରିୟା ଆରମ୍ଭ ହୋଇଛି କି, (ଖ)ଫକୀରମୋହନ ମେଡିକାଲ କଲେଜରେ କେଉଁ ବିଭାଗରେ କେତେ ଡାକ୍ତର ଓ କର୍ମଚାରୀ, ଅଧ୍ୟାପକ ରହିବା କଥା ଏବଂ ଏବେ କେତେ ପଦବୀ ଲେଖାଏଁ ଅଛନ୍ତି ଖାଲିଥିବା ପୋଷ୍ଟ କେବେ ପୂରଣ ହେବ ଫକୀର ମୋହନ ମେଡିକାଲ କଲେଜ ହସ୍ପିଟାଲରେ କେତୋଟି ବିଭାଗରେ PG ଖୋଲିବାକୁ Central Sterile Supply Department (CSSD) ଖୋଲିବା ନିହାତି ଅନିବାର୍ଯ୍ୟ ହୋଇଥିବାରୁ ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ କେବେ ଦୃଷ୍ଟି ଦେବେ ?

----

## ବଲିଙ୍ଗା ଫାଣ୍ଡିକୁ ଥାନାରେ ପରିଣତ

1702 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅଣତାରକା ବିଧାନସଭା ପ୍ରଶ୍ନ UDAQ. 1407 ତା: ୨୩.୦୨.୨୦୨୬ 'ଖ' ର ଉତ୍ତର ପରିପେକ୍ଷୀରେ ସରକାର ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ଆବଶ୍ୟକତା ଅନୁଯାୟୀ ଆଉ ମୋଟ ୯୧ ଟି ବିଭିନ୍ନ ବର୍ଗର ପଦବୀ ସୃଷ୍ଟି ପାଇଁ ପ୍ରସ୍ତାବ ରହିଥିବା କଥା କହିଥଲେ, ତେବେ ଉକ୍ତ ପ୍ରସ୍ତାବର ବର୍ତମାନର ସ୍ଥିତି କଣ ତାହା ଜଣାଇବା ସହ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ବଲିଙ୍ଗା ଫାଣ୍ଡିକୁ ଥାନାରେ ପରିଣତ କରିବା, ସୁନ୍ଦରଗଡ଼ ମେଡିକାଲ ନିକଟରେ ଏକ ନୂତନ ଫାଣ୍ଡି ପ୍ରତିଷ୍ଠା କରିବା ଏବଂ ବର୍ଣ୍ଣପାଲୀ ବିଟ୍ ହାଉସକୁ ଫାଣ୍ଡିକୁ ଉନ୍ନୀତ କରିବା, ନୂଆଁମୁଣ୍ଡା ଫାଣ୍ଡିକୁ ଉନ୍ନୀତ କରି ଥାନାରେ ପରିଣତ ଏବଂ ଏକମା ବିଟ୍ ହାଉସ୍ କୁ ଉନ୍ନୀତ କରି ଫାଣ୍ଡିରେ ପରିଣତ କରିବା ପାଇଁ ପଦକ୍ଷେପ ନେବେ କି ?

----

## ପଦବୀ ପୂରଣ

1703 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ସୁନ୍ଦରଗଡ଼ରେ କେଉଁ କେଉଁ ଅନୁମୋଦିତ ପଦବୀ (ବିଭିନ୍ନ ଯୋଜନା ଯଥା ନିର୍ମଳ++ ଓ ଅନ୍ୟାନ୍ୟ ଯୋଜନାରେ ଅନୁମୋଦିତ ପଦବୀ ସହିତ) ଗୁଡିକୁ କେତେ ସଂଖ୍ୟାରେ (ପଦବୀ ୱାରୀ - ସଂଖ୍ୟା ୱାରୀ) outsourcing ମାଧ୍ୟମରେ ପୂରଣ କରିବାକୁ ସରକାରଙ୍କଠାରୁ ନିର୍ଦ୍ଦେଶ ଦିଆଯାଇଛି ଓ ସେଥି ମଧ୍ୟରୁ କେଉଁ ପଦବୀ କେତେ ସଂଖ୍ୟାରେ ଅନୁଷ୍ଠାନ ଦ୍ୱାରା ପୂରଣ କରାଯାଇଛି, କେଉଁ ପଦବୀ କେତେ ସଂଖ୍ୟାରେ କେତେ ଦିନରୁ ଖାଲି ଅଛି ତାହା ଜଣାଇବା ସହ ଖାଲି ପଦବୀ ପୂରଣ ନ କରିବା ଯୋଗୁଁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଏବଂ Office ପରିଚାଳନାରେ ବ୍ୟାଘାତ ଘଟୁଥିବା କଥା ସରକାରଙ୍କ ନଜରକୁ ଆସିଛି କି, ତେବେ ଉକ୍ତ ଖାଲି ପଦବୀ ପୂରଣ ନ କରିବାର କାରଣ କଣ ଏବଂ କେବେ ସୁଦ୍ଧା ସେଗୁଡିକୁ ପୂରଣ କରିବେ ?

----

## ଚୋରି ଡ଼କାୟତି ରୋକିବା ପାଇଁ CCTV ବ୍ୟବସ୍ଥା

1704 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ମୁଖ୍ୟ ବ୍ୟବସାୟୀକ କେନ୍ଦ୍ର କଣ୍ଟାବାଞ୍ଜି ସହର ତଥା ସିନ୍ଧେକେଲା ଏବଂ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ମୁଖ୍ୟାଳୟ ରେ ଦୁଇ ବର୍ଷରେ କେତେ ଗୋଟି ଚୋରୀ, ଡକାୟତୀ, ରାହାଜାନୀ ଓ ସଡକ ଦୁର୍ଘଟଣା ଘଟିଥିବା କେସ୍ ସ୍ଥାନୀୟ ପୋଲିସଥାନା ମାନଙ୍କରେ ପଂଜିକୃତ ହୋଇଛି, ତାହାର ବର୍ଷ ଓ ଥାନାୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି, (ଖ) ଉକ୍ତ ଗ୍ରାମ ଗୁଡିକର ମୁଖ୍ୟ ଛକ, ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଟ୍ରାଫିକ ସମସ୍ୟା, ଚୋରୀ ଓ ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ CCTV Camera ଲଗାଇବାକୁ ଆରକ୍ଷୀ ଅଧିକ୍ଷକ ବଲାଙ୍ଗିରଙ୍କୁ ପତ୍ରମାଧ୍ୟମରେ ଅନୁରୋଧ କରଯାଇଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ତେବେ ଉକ୍ତ ସ୍ଥାନ ମାନଙ୍କରେ CCTV କ୍ୟାମେରା ସ୍ଥାପନ ନିମନ୍ତେ ଜିଲ୍ଲା ପୋଲିସ ପ୍ରଶାସନ କିମ୍ବା ଗୃହ ବିଭାଗ ତରଫରୁ ବର୍ତ୍ତମାନ ସୁଦ୍ଧା କୌଣସି ସର୍ବକ୍ଷେଣ (Field Survey) କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ଏହାର କାର୍ଯ୍ୟକାରିତା ପାଇଁ ପ୍ରସ୍ତାବ ପଠାଯାଇଛି କି ?

----

## ମାଲକାନଗିରି ଜିଲ୍ଲାରେ Dialysis Centre ସ୍ଥାପନ

1705 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ମାଲକାନଗିରି ଜିଲ୍ଲାରେ CKD (Kidney Patient) ରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ଡାୟାଲିସିସ୍ ସେବାର ଚାହିଦା ପୂରଣ ହେଉଛି କି, DHH ମାଲକାନଗିରିରେ କେତୋଟି Machine ଅଛି କେତୋଟି ଅତିରିକ୍ତ ଆବଶ୍ୟକ କାଳିମେଳା ଅଞ୍ଚଳରେ ଅଧିକ ସଂଖ୍ୟକ CKD ଓ Dialysis ରୋଗୀ ଥିବା ଦୃଷ୍ଟିରୁ ସେଠାରେ ଏକ ନୂତନ Dialysis Centre ସ୍ଥାପନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ମାଲକାନଗିରି ଜିଲ୍ଲାରେ ଖାଲିଥିବା ଡାକ୍ତର ପଦବୀ ପୂରଣ

1706 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- DHH ମାଲକାନଗିରିରେ Orthopedics, Anesthesiology, Radiology, Pediatrics ଓ Genecology ଭଳି ବିଶେଷଜ୍ଞ ପଦବୀ କେତୋଟି ମଞ୍ଜୁର ହୋଇଛି ଏବଂ କେତୋଟି ଖାଲିଅଛି ଖାଲି ପଦବୀ ପାଇଁ ଜିଲ୍ଲାର ରୋଗୀ ବହୁତ ଆସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଣୁ ସମସ୍ତ ଖାଲି ପଦ କେବେସୁଦ୍ଧା ପୂରଣ କରିବେ ?

----

## ଖାଲିପଡିଥିବା ଡାକ୍ତର ପଦବୀ ପୂରଣ

1707 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋନପୁର ଜିଲ୍ଲାରେ DHH, CHC Tarva, CHC Naikenpali ଏବଂ CHC Dunguripali ରେ କେଉଁ କେଉଁ ବିଭାଗ ର ଡାକ୍ତର ପଦବୀ କେବେ ଠାରୁ ଖାଲି ପଡିଛି ଉକ୍ତ ଖାଲି ପଦବି ଗୁଡିକୁ କେବେ ପୂରଣ କରିବେ ?

----

## Capital Expenditure ପାଇଁ Budget Provision

1708 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2026-2027 ରେ (ଆମର) Capital Expenditure ପାଇଁ କେତେ Budget Estimate ରେ Provision ଅଛି ବର୍ତ୍ତମାନ ସୁଦ୍ଧା ତାର expenditure କେତେ ହୋଇଛି ବିଭଗୱାରୀ କହିବେ କି ?

----

## Amount released from Budget 2026-27

1709 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The total amount released so far from the State Budget 2026-27 towards the RS85 crore Satyabadi heritage and tourism redevelopment package (including 495 crore for Satyabadi area and 90 crore for Bakula Bana), as announced on Utkal Divas, April 1, 2026, The break-up of funds allocated and expended under each sub- component (heritage corridor, Bana Vidyalaya revival, cultural-spiritual centre, road and civic infrastructure) up to August 31, 2026, Whether any funds have been diverted or remain unutilised due to administrative or procedural delays and if so, the reasons thereof and the corrective steps proposed by the Finance Department to ensure time- bound utilisation before March 2027 ?

----

## Number of vacant posts of civil constable

1710 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- the total number of sanctioned and vacant posts of Civil Constables, OISF Constables and Sub- Inspectors in Puri district as of 31 August 2026 (b) the timeline for filling these vacancies under the 7,664-post recruitment approved in June 2026 whether Satyabadi and Kanas blocks have been prioritised for new police outposts or mobile patrols in view of tourism and pilgrimage traffic ?

----

## 2024-25 ଓ 25-26 ରେ କେତେ ଗୋଟି ଅପରାଧ ଘଟିଥିଲା

1711 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ରେ ଗତ ୨୦୨୪-୨୫ ଓ ୨୦୨୫-୨୬ ବର୍ଷରେ କେତୋଟି କେଉଁ କେଉଁ ଶ୍ରେଣୀର ଅପରାଧ ଘଟି ଅଛି, କେତୋଟି କ୍ଷେତ୍ରରେ ଅପରାଧୀ ଧରା ପଡିଛନ୍ତି ଏବଂ ସେମାନଙ୍କ ନାଁ'ରେ କେସ୍ ରୁଜ୍ଜୁ କରା ଯାଇଅଛି, ଏହି ସମୟ ମଧ୍ୟରେ କେତୋଟି ଅପରାଧିଙ୍କ ମାମଲାରେ ମାନ୍ୟବର ନ୍ୟାୟାଳୟ ଫୈସଲା ଶୁଣାଇଛନ୍ତି ଏବଂ କେତେ ପ୍ରତିଶତ କେସ୍ ରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତିଞ୍ଚ ଅଧିକାଂଶ କ୍ଷେତ୍ରରେ ଅଭିଯୁକ୍ତମାନେ ବିଚାରଳୟରୁ ଦୋଷ ମୁକ୍ତ ସାବ୍ୟସ୍ତ ହେଉ ଥିବାର କାରଣ କ'ଣ ?

----

## ନୂତନ ଡାକ୍ତର ନିଯୁକ୍ତି

1712 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା କେତେ ଏବେ ଅଛନ୍ତି କେତେ ଖାଲି ପଦବୀ ସଂଖ୍ୟା କେତେ କେତେଜଣ ନିୟମିତ ଡାକ୍ତର ଅଛନ୍ତି, କେତେ ଜଣ ଡାକ୍ତର Posting ପାଇବା ପରେ କାର୍ଯ୍ୟରେ ବର୍ଷ ବର୍ଷ ଧରି ଯୋଗ ଦେଇନାହାନ୍ତି, କେତେ ଜଣ ଠିକା ଡାକ୍ତର ଅଛନ୍ତି ତାର ସମ୍ପୂର୍ଣ୍ଣ ହିସାବ ଦେବା ସହ ଲୋକସଂଖ୍ୟା ଅନୁପାତରେ ଡାକ୍ତର ଓ ଲୋକଙ୍କ (Ratio) ଅନୁପାତ କେତେ ହେବା କଥା ଏବେ ଅଛି କେତେ ଗତ 2 ବର୍ଷ ଭିତରେ କେତେ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି ?

----

## ଋଣ ବାବଦରେ ସୁଧ ପ୍ରଦାନ

1713 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର 2014 ରୁ 2024 ବର୍ଷ ଭିତରେ କେତେ ଟଙ୍କାର ଋଣ କରିଥିଲେ ଓ ସେ ବାବଦକୁ କେତେ ଟଙ୍କାର ସୁଧ ପ୍ରଦନ କରିଥିଲେ ଖୋଲା ବଜାରରୁ ଋଣ ଆଣିଲେ କେତେ ସୁଧ ଦେବାକୁ ପଡେ ଓ କେନ୍ଦ୍ର ସରକାରଙ୍କ ଠାରୁ ଋଣ ଆଣିଲେ କେତେ ସୁଧ ଦେବାକୁ ପଡେ ତାର ତୁଳନାତ୍ମକ Picture ଦେବେ କି; ସେହିଭଳି 2024-25 ଓ 2025-26 ଆର୍ଥିକ ବର୍ଷ ପାଇଁ ଓ ଚଳିତ ଆର୍ଥିକ ବର୍ଷ ଆଜିପର୍ଯ୍ୟନ୍ତ ସରକାର କେତେ ଟଙ୍କା ଋଣ ଆଣିଛନ୍ତି ଓ ସେ ଋଣ ଅର୍ଥରେ କି କି କାମ ଆରମ୍ଭ ହୋଇଛି ?

----

## କନ୍ଧମାଳ ଜିଲ୍ଲାରେ M.B.B.S ଡାକ୍ତର ନିଯୁକ୍ତି

1714 **ଶ୍ରୀ ପ୍ରଫୁଲ ଚନ୍ଦ୍ର ପ୍ରଧାନ (ଜି.ଉଦୟଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାରେ କେତେ ଜଣ M.B.B.S ଡାକ୍ତର ନିଯୁକ୍ତି ପାଇଛନ୍ତି ସେମାନଙ୍କର କେଉଁ କେଉଁ ଜାଗାରେ ଅବସ୍ଥାପିତ ହୋଇଛନ୍ତି M.B.B.S ଡାକ୍ତର ନିଯୁକ୍ତି ପାଇବା ପରେ କନ୍ଧମାଳ ଜିଲ୍ଲାରେ ନରହି କିମ୍ଵା ନିଯୁକ୍ତି ସ୍ଥାନରେ ନରହି ବର୍ତ୍ତମାନ ଅନ୍ୟ କେଉଁ ଯାଗାରେ କାର୍ଯ୍ୟରତ ଅଛନ୍ତି କି, ତାହାର ସବିଶେଷ ବିବରଣୀ ଦେବେ ବର୍ତ୍ତମାନ ଜିଲ୍ଲାରେ ଖାଲିଥିବା M.B.B.S ଡାକ୍ତର କେବେସୁଦ୍ଧା ପୂରଣ କରାଯିବ ?

----

## ଖାଲିଥିବା ବିଶେଷଜ୍ଞ ପଦବୀ ପୂରଣ

1715 **ଶ୍ରୀ ପ୍ରଫୁଲ ଚନ୍ଦ୍ର ପ୍ରଧାନ (ଜି.ଉଦୟଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାରେ ବିଭିନ୍ନ ବିଭାଗରେ ବିଶେଷଜ୍ଞ ଡାକ୍ତର ସଂଖ୍ୟା କେତେ ସେଗୁଡିକର P.H.C/C.H.C/ ଏବଂ D.H.H ଅନୁଯାଇ ତାଲିକା ଦେବେ ସେମାନଙ୍କ ମଧ୍ୟରୁ କେଉଁମାନେ ଗୋଟିଏ ସ୍ଥାନରେ ନିଯୁକ୍ତି ପାଇବା ପରେ ଅନ୍ୟଜାଗାରେ କାର୍ଯ୍ୟରତ ଯଦି ଅଛନ୍ତି ତାହାର ତଥ୍ୟ ପ୍ରଦାନ କରି ଖାଲିଥିବା ବିଶେଷଜ୍ଞ ଡାକ୍ତର ପଦବି ତୁରନ୍ତ ପୂରଣ କରିବେ କି ?

----

## କିଶୋରନଗର PHC କୁ CHC ର ଉନ୍ନତିକରଣ

1716 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- PHC/CHC ଗୁଡ଼ିକର ଉନ୍ନତିକରଣ, ଅତିରିକ୍ତ ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀ ନିଯୁକ୍ତି, ରୋଗ ନିରୂପଣ (diagnostic) ସୁବିଧା, ଔଷଧ, ଆମ୍ବୁଲାନ୍ସ ଏବଂ ଜରୁରୀକାଳୀନ ସେବାକୁ ଅନ୍ତର୍ଭୁକ୍ତ କରି କଟକ ସଦରରେ ସାର୍ବଜନୀନ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଏକ ବିସ୍ତୃତ ସୁଦୃଢ଼ୀକରଣ କରିବା ପାଇଁ କଣ ସବୁ ପଦକ୍ଷେପ ନେଉଛନ୍ତିଃ ଏଥିରେ ଅବହେଳିତ/ସେବାବଞ୍ଚିତ ଅଞ୍ଚଳଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସାମିଲ କରାଯାଇପାରିବ କି, ସେହିପରି ଆବଶ୍ୟକୀୟ ଭିତ୍ତିଭୂମି, ବିଶେଷଜ୍ଞ ସେବା, ରୋଗ ନିରୂପଣ ସୁବିଧା, ଶଯ୍ୟା, କର୍ମଚାରୀ ଏବଂ ଜରୁରୀକାଳୀନ ଚିକିତ୍ସା ସହ କିଶୋରନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) କୁ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) କୁ ଉନ୍ନତିକରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି କି ତଥା କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ହାଇ-ସ୍ପିଡ ଇଣ୍ଟରନେଟ୍ ସୁବିଧା

1717 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଷ୍ଟାର୍ଟଅପ୍, IT/ITES କମ୍ପାନୀ, ଡିଜିଟାଲ୍ ସେବା ଉଦ୍ୟୋଗ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ବ୍ୟବସାୟ ପାଇଁ ଇନକ୍ୟୁବେସନ୍ ସ୍ଥାନ ସହ କଟକ ସଦରରେ ଏକ "IT ଓ ପ୍ରଯୁକ୍ତିବିଦ୍ୟା ହବ୍ / IT ପାର୍କ' ସ୍ଥାପନ ହେବାକୁ ଥିବା ପ୍ରସ୍ତାବ ଉପରେ ସରକାର କଣ କଣ କାର୍ଯ୍ୟ ଆଗକୁ ନେଇଛନ୍ତି ବା ନେବାକୁ ଯାଉଛନ୍ତି ତଥା ଏଥପାଇଁ ଉପଯୁକ୍ତ ଜମି ଚିହ୍ନଟ ଏବଂ.DPR ପ୍ରସ୍ତୁତି ଅଗ୍ରାଧିକାର ଭିତ୍ତିରେ କରାଯାଇପାରିବ କି, ତା' ସହିତ ହାଇ-ସିଡ୍ ଇଣ୍ଟରନେଟ୍, ଡିଜିଟାଲ୍ ସେବା ସୁବିଧା, ନାଗରିକ ସେବା ଉପଲବ୍ଧତା ଏବଂ ଗ୍ରାମୀଣ ଯୁବକମାନଙ୍କ ପାଇଁ ଡିଜିଟାଲ୍-ଦକ୍ଷତା ସହାୟତାକୁ ଅନ୍ତର୍ଭୁକ୍ତ କରି କଟକ ସଦରର ସମସ୍ତ ଗ୍ରାମପଞ୍ଚାୟତରେ ଡିଜିଟାଲ୍ ସଂଯୋଗୀକରଣ ଏବଂ ଇ- ଗଭର୍ଣ୍ଣାନ୍ସ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି କି ?

----

## ଆଉଟସୋସିଂଙ୍ଗ କର୍ମଚାରୀ ମହାସଙ୍ଘ ଦାବୀ ସମାଧାନ

1718 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶା ଆଉଟସୋର୍ସିଂ କର୍ମଚାରୀ ମହାସଂଘ ସହ ଆଲୋଚନା କରି ସେମାନଙ୍କ ଦାବିର ସମାଧାନ ଓ ଛଟେଇ ବନ୍ଦ ନିମନ୍ତେ ଏକ ଆନ୍ତଃ ମନ୍ତ୍ରୀ ମଣ୍ଡଳ କମିଟି ଦୁଇ ମାସ ମଧ୍ୟରେ ଗଠନକରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ କି ?

----

## ନୂତନ Ayurveda/Homoeopathic ଡାକ୍ତରଖାନା ସ୍ଥାପନ

1719 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାସ୍ଥ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଥିବା P.H.C. / C.H.C ଓ UG, PHC ଇତ୍ୟାଦି ଡାକ୍ତରଖାନାଠାରୁ ଯେଉଁ ରାଜସ୍ୱ ଗ୍ରାମ/ଗ୍ରାମ ପଞ୍ଚାୟତ ଗୁଡିକ 15/20 କି.ମି ଦୂରତା ମଧ୍ୟରେ ଉପାନ୍ତ ଅଞ୍ଚଳରେ ଅବସ୍ଥିତ ଅଛି ଏବଂ ସେମାନେ ପ୍ରାଥମିକ ଚିକିତ୍ସିତ ସୁବିଧା ପାଇବାରୁ ବଞ୍ଚିତ ହେଉଅଛନ୍ତି ସେହି ରାଜସ୍ୱ ଗ୍ରାମ/ ଗ୍ରାମପଞ୍ଚାୟତ ହେଡକ୍ୱାଟର Ayurveda/Homoeopathic ଡାକ୍ତରଖାନା ସ୍ଥାପନ କରିବା ପାଇଁ ପଦକ୍ଷେପ ନେଇ ଗରିବ ଜନ ସାଧାରଣଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରିବେ କି ?

----

## ଖାଲିଥିବା ପୁଲିସ ପଦବୀ ପୂରଣ

1720 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସମେତ କେନ୍ଦୁଝର ଜିଲ୍ଲାରେ କେଉଁ କେଉଁ ଥାନାରେ କେତେ ସଂଖ୍ୟକ କନେଷ୍ଟବଳ ଓ ଅନ୍ୟାନ୍ୟ ଅଧିକାରୀ ବର୍ଗର ପୁଲିସ କର୍ମଚାରୀ- ପଦବୀ ଖାଲି ପଡିଅଛି, ଜିଲ୍ଲାରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟୟ ହେବା ସହିତ ସାଧାରଣ ଜନତା ତ୍ୱରିତ ନ୍ୟାୟ ପାଇବାରୁ ବଞ୍ଚିତ ହେଉ ଥିବାରୁ ଏହାର ମୁକାବିଲା କରିବା ନିମନ୍ତେ କେନ୍ଦୁଝର ଜିଲ୍ଲାରେ ଖାଲି ପଡିଥିବା ସମସ୍ତ ବର୍ଗର ପୋଲିସ୍ କର୍ମଚାରୀ ପଦବୀ ଗୁଡିକୁ ତୁରନ୍ତ ପୂରଣ କରିବା ନିମନ୍ତେ ପଦକ୍ଷେପ ନେବେ କି ?

----

## ଆୟୁଷ୍ମାନ ଯୋଜନାରେ ଚିକିତ୍ସାଧିନ ରୋଗୀ

1721 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆୟୁଷ୍ମାନ ଯୋଜନା ଅଧୀନରେ ଚିକିତ୍ସିତ ରୋଗୀମାନଙ୍କ କ୍ଷେତ୍ରରେ ଷ୍ଟଣ୍ଟ, ଅର୍ଥୋପେଡିକ୍ ଇମ୍ପ୍ଲାଣ୍ଟ ଓ ଅନ୍ୟାନ୍ୟ ମେଡିକାଲ୍ ଉକ୍ୟୁପମେଣ୍ଟ ପ୍ରତିରୋପଣ ସମୟରେ ଉଚ୍ଚମାନର ମେଡିକାଲ୍-ଗ୍ରେଡ୍ ମେଟାଲ୍, ଟିଟାନିୟମ୍ କିମ୍ବା ଅନ୍ୟାନ୍ୟ ଅନୁମୋଦିତ ଗୁଣବତ୍ତାସମ୍ପନ୍ନ ଇମ୍ପ୍ଲାଣ୍ଟ ଉପଲବ୍ଧ ରହୁଛି କି, ଆୟୁଷ୍ମାନ ଯୋଜନାରେ ରୋଗୀମାନଙ୍କୁ କେବଳ ନିର୍ଦ୍ଦିଷ୍ଟ ମାନର ଷ୍ଟିଲ୍ ଇମ୍ପ୍ଲାଣ୍ଟ କିମ୍ବା ଷ୍ଟେଣ୍ଟ ଯୋଗାଇ ଦିଆଯାଉଛି ଏବଂ ଡାକ୍ତରଙ୍କ ଚିକିତ୍ସାଗତ ପରାମର୍ଶ ଅନୁଯାୟୀ ଆବଶ୍ୟକ ଟିଟାନିୟମ୍ କିମ୍ବା ଅନ୍ୟ ଉଚ୍ଚମାନର ଇମ୍ପ୍ଲାଣ୍ଟ ଉପଲବ୍ଧ ନଥିବା ନେଇ ନିକଟରେ କୌଣସି ଅଭିଯୋଗ ବା ତଥ୍ୟ ରହିଛି କି, ଯଦି ଏପରି ଅଭିଯୋଗ ରହିଛି, ତେବେ ଇମ୍ପ୍ଲାଣ୍ଟର ଗୁଣବତ୍ତା ଓ ରୋଗୀଙ୍କ ଦୀର୍ଘକାଳୀନ ସୁରକ୍ଷା ଯାଞ୍ଚ ପାଇଁ ସରକାର କୌଣସି ବିଶେଷ ନିରୀକ୍ଷଣ, ଗୁଣବତ୍ତା ଯାଞ୍ଚ କିମ୍ବା ରିଭ୍ୟୁ ବ୍ୟବସ୍ଥା କରିଛନ୍ତି କି, ବର୍ତ୍ତମାନ ଆୟୁଷ୍ମାନ ଯୋଜନା ଅଧୀନରେ ଷ୍ଟେଣ୍ଟ ଓ ଇମ୍ପ୍ଲାଣ୍ଟ ପାଇଁ କେଉଁ କେଉଁ ପ୍ରକାରର ମେଡିକାଲ୍-ଗ୍ରେଡ୍ ମେଟାଲ୍, ଟିଟାନିୟମ୍ ଏବଂ ଅନ୍ୟାନ୍ୟ ଅନୁମୋଦିତ ସାମଗ୍ରୀ ବ୍ୟବହାର କରାଯାଉଛି, ସେଗୁଡ଼ିକର ନାମ, ମାନଦଣ୍ଡ/ ସ୍ପେସିଫିକେସନ୍ ଏବଂ ଅନୁମୋଦିତ ନିର୍ମାତା/କମ୍ପାନୀମାନଙ୍କର ତାଲିକା ପ୍ରଦାନ କରିବେ କି ?

----

## ରୋଗୀଙ୍କୁ ଆଣ୍ଟିବାୟୋଟିକ କିମ୍ବା ଇଞ୍ଜେକସନ କିଣିବାକୁ ବାଧ୍ୟ କରିବା

1722 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସାଧୀନ ଥିବା ଗୁରୁତର ଓ କ୍ରିଟିକାଲ୍ ରୋଗୀମାନଙ୍କୁ ଡାକ୍ତରଙ୍କ ଦ୍ୱାରା ପ୍ରେସକ୍ରାଇବ କରାଯାଇଥିବା ହାଇ-ଏଣ୍ଡ ଆଣ୍ଟିବାୟୋଟିକ୍, ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଔଷଧ ହସ୍ପିଟାଲ ଯୋଜନା ଅଧୀନରେ ସବୁବେଳେ ଉପଲବ୍ଧ ନଥିବା ନେଇ ସରକାରଙ୍କ ନଜରକୁ କୌଣସି ଅଭିଯୋଗ ବା ତଥ୍ୟ ଆସିଛି କି, ଯଦି ଏପରି ଅଭାବ ରହିଛି, ତେବେ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ପାଉଥିବା ରୋଗୀମାନେ ବାହାରୁ ନିଜ ଖର୍ଚ୍ଚରେ ଆବଶ୍ୟକ ଔଷଧ, ଆଣ୍ଟିବାୟୋଟିକ୍ କିମ୍ବା ଇଞ୍ଜେକ୍ସନ୍ କିଣିବାକୁ ବାଧ୍ୟ ହେଉଥିବା ଘଟଣା ଦୃଷ୍ଟିଗୋଚର ହୋଇଛି କି, ଆୟୁଷ୍ମାନ ଯୋଜନାରେ ଚିକିତ୍ସା " କ୍ୟାଶଲେସ୍" ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ଯଦି ଯୋଜନା ଅଧୀନରେ ଆବଶ୍ୟକ ଔଷଧ ଉପଲବ୍ଧ ନଥିବାରୁ ରୋଗୀ ବାହାରୁ ଔଷଧ କିଣୁଛନ୍ତି, ତେବେ ସେହି ଖର୍ଚ୍ଚର ଦାୟିତ୍ୱ କାହାର, ଏବଂ ଏପରି ଖର୍ଚ୍ଚ ପାଇଁ ରୋଗୀଙ୍କୁ ହସ୍ପିଟାଲ୍ ପକ୍ଷରୁ ବିଲ୍/ଭାଉଚର୍ ପ୍ରଦାନ କରାଯାଉଛି କି, ଏହି ସମସ୍ୟାର ସମୀକ୍ଷା ପାଇଁ କୌଣସି ବିଶେଷ ମନିଟରିଂ ବ୍ୟବସ୍ଥା କରିବେ କି ?

----

## NITI Aayogs Fiscal Health Index - 2026

1723 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) whether it is a fact, that the NITI Aayog's Fiscal Health Index-2026 ranked Odisha No. 1 on the basis of fiscal performance during 2023-24, and if so, the year-wise position of Odisha under each of the five major indicators of the Index; (b) whether it is also a fact that, as per the Budget Estimates for 2025-26, the State's fiscal deficit and outstanding liabilities have increased compared to the period on which the Fiscal Health Index ranking was based; if so, whether the Government considers mere compliance with the FRBM limits sufficient to establish that Odisha's fiscal health has remained unchanged; and if not, what specific measures has the Government taken to ensure that the increase in fiscal deficit and outstanding liabilities during 2025-26 does not adversely affect the State's debt sustainability and fiscal health in the coming years ?

----

## Sanction Strength & Vacant Posts doctors & nurses

1724 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The sanctioned strength, present working strength and vacant posts, category-wise, of doctors, specialists, faculty, nurses, pharmacists, technicians and other healthcare staff at Shaheed Rendo Majhi Government Medical College & Hospital, Bhawanipatna, as of September 2026; (b) the sanctioned bed

capacity, average occupancy and number of patients treated beyond available bed capacity during 2025-26 and 2026-27 so far; the reasons for the overcrowding and patients being treated in corridors or other non-designated areas, including the extent to which staff shortages, inadequate beds, specialist availability and diagnostic capacity contribute to it; and the number of patients referred outside Kalahandi due to non-availability of beds, doctors, specialists, diagnostics or other essential services, and the Government's time-bound plan to address these gaps?

----

## Tender ସରିଥିଲେ ମଧ୍ୟ ସବ୍ - ସେଣ୍ଟର କାର୍ଯ୍ୟକ୍ଷମ ନହେବା

1725 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ନୀଳଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ତିନିଦେଶ ସବ ସେଣ୍ଟର ନିର୍ମାଣ ପାଇଁ ତିନି ବର୍ଷ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହେବା ପରେ ମଧ୍ୟ ତିନିଦେଶ ସବ୍-ସେଣ୍ଟରର ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବାର କାରଣ କ'ଣ, ପୁରୁଣା ଗାଁରେ ସବ୍-ସେଣ୍ଟର ପାଇଁ ଜମି ସରକାରଙ୍କ ନାମରେ ପଞ୍ଜୀକରଣ ହୋଇସାରିଥିବା ସତ୍ତ୍ୱେ ଆଉ କୌଣସି ପ୍ରଶାସନିକ ବୈଷୟିକ କିମ୍ବା ଅନ୍ୟାନ୍ୟ ବାଧା ରହିଛି କି, ଯଦି କୌଣସି ବାଧା ରହିଛି, ତେବେ ତାହା କେବେ ସୁଦ୍ଧା ଦୂର କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ, ଉକ୍ତ ସବ୍-ସେଣ୍ଟରର ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ଏବଂ କେବେଠାରୁ ଏହା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହେବ?

----

## ରକ୍ତ ପୋଷଣ ଓ ରକ୍ତ ହୀନତାର ଶିକାର

1726 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାୟଗଡା ଜିଲ୍ଲାରେ ରକ୍ତ ପୋଷଣ ଓ ରକ୍ତ ହୀନତାରେ ଛୁଆ, ଛାତ୍ର ଛାତ୍ରୀ, ପୁରୁଷ ଓ ଗର୍ଭବତୀ ମହିଳା ଶିକାର ହେଉଛନ୍ତି ଏହି ପରିପେକ୍ଷୀ ରେ ସରକାର ପ୍ରତିକାର ପାଇଁ କି ପ୍ରକାର ପଦକ୍ଷେପ ନେଉଛନ୍ତି ?

----

## ନୂତନ ପୋଲିସ କନଷ୍ଟେବଳ ନିଯୁକ୍ତି

1727 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- Undivided କୋରାପୁଟ ଜିଲ୍ଲା ସମୟରେ ଯେତେ ସଂଖ୍ୟା ପୋଲିସ କନଷ୍ଟେବଳ ଥିଲେ ବର୍ତମାନ ମଧ୍ୟ ସେତିକି ସଂଖ୍ୟା ହିଁ ଅଛି ଜନସଂଖ୍ୟା ବଢିବା ସହ crime ବଢୁଛି ଏହି ପରିପ୍ରେକ୍ଷୀରେ ସରକାର କେବେ ନୂତନ reformation ସହ ନୂତନ ନିଯୁକ୍ତି କେବେ ସୁଦ୍ଧା କରିବେ ?

----

## ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ DHH ଡାକ୍ତରଖାନା ମାନ୍ୟତା

1728 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭବାନୀପାଟଣାଠାରେ ସ୍ଥାପିତ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରେଣ୍ଡୋ ମାଝୀ ମେଡ଼ିକାଲ କଲେଜର ଟିଚିଙ୍ଗ ଡାକ୍ତରଖାନା ରୂପେ କାର୍ଯ୍ୟ କରୁଛି, ମେଡ଼ିକାଲ କଲେଜର ନିଜସ୍ୱ ଡାକ୍ତରଖାନା ଅଳ୍ପ ଦିନରେ କାର୍ଯ୍ୟକାରୀ ହେଲେ ଏହା ନିଜସ୍ୱ ଗୁରୁତ୍ୱ ହରାଇବ, କୋରାପୁଟ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ମେଡ଼ିକାଲ କଲେଜ ହେବା ପରେ ଜୟପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରର ମାନ୍ୟତା ଦିଆଯାଇଛି , ଏହି ପରିପ୍ରେକ୍ଷୀରେ ଭବାନୀପାଟଣାଠାରେ ମେଡ଼ିକାଲ କଲେଜ ଡାକ୍ତରଖାନା କାର୍ଯ୍ୟକ୍ଷମ ହେବା ପରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ DHH ଡାକ୍ତରଖାନା ମାନ୍ୟତା ଦେବା ପାଇଁ ରାଜ୍ୟ ପଦକ୍ଷେପ ନେବେକି?

----

## ଧର୍ମଗଡ ଚିକିତ୍ସାଳୟ ICU Unit ଖୋଲିବା

1729 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରୀ ଓ ବେସରକାରୀ ହସ୍ପିଟାଲ ସମେତ ମେଡ଼ିକାଲ କଲେଜ ରେ କେତେ ସଂଖ୍ୟକ ICU Bed ଉପଲବ୍ଧ ଅଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, ରାଜ୍ୟର କେଉଁ କେଉଁ ଉପଖଣ୍ଡ ହସ୍ପିଟାଲ କେତେ ସଂଖ୍ୟାରେ ICU Bed ଅଛି, ଯଦି ନାହିଁ ଧର୍ମଗଡ଼ ସମେତ ଅନ୍ୟାନ୍ୟ ସରକାରୀ ହସ୍ପିଟାଲରେ ଗୁରୁତର ରୋଗୀଙ୍କ ନିମନ୍ତେ ଅତ୍ୟାବଶ୍ୟକୀୟ ଚିକିତ୍ସା ସୁବିଧା ପାଇଁ ICU Unit ଖୋଲିବା ପାଇଁ ପଦକ୍ଷେପ ନେବେ କି ?

----

## ବିନା ପଞ୍ଜିକରଣରେ ଚାଲୁଥିବା ନର୍ସିଂହୋମ ଓ କ୍ଲିନିକ୍

1730 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କ୍ଲିନିକାଲ୍ ଏଷ୍ଟାବ୍ଲିଶମେଣ୍ଟସ୍ ଆକ୍ଟ' (Clinical Establishments Act) ଅଧୀନରେ ବୈଧ ପଞ୍ଜୀକରଣ ବିନା ବର୍ତ୍ତମାନ ମୟୁରଭଞ୍ଜ ଜିଲ୍ଲାରେ କେତେ ଘରୋଇ ନର୍ସିଂ ହୋମ୍, କ୍ଲିନିକ୍ ଏବଂ ଡାଇଗୋଷ୍ଟିକ୍ ସେଣ୍ଟର ବର୍ତ୍ତମାନ ବୈଧ ପଞ୍ଜିକରଣ ବିନା କିମ୍ବା ମିଆଦ ଶେଷ ହୋଇଥିବା ଲାଇସେନ୍ସ ସହିତ କାର୍ଯ୍ୟ କରୁଛନ୍ତି, (ଖ) ଅଗ୍ନି ସେବା ନିର୍ଦ୍ଦେଶାଳୟରୁ ବୈଧ ଅଗ୍ନି ନିରାପତ୍ତା ପ୍ରମାଣପତ୍ର (FSC) କିମ୍ବା ଅନାପତି ପ୍ରମାଣପତ୍ର (NOC) ବିନା ଏହି ଘରୋଇ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରୁ କେତୋଟି କାର୍ଯ୍ୟ କରୁଛି ଏବଂ ନିୟମ ପାଳନ କରୁନଥିବା ପ୍ରତିଷ୍ଠାନଗୁଡ଼ିକ ବିରୁଦ୍ଧରେ କ'ଣ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରାଯାଇଛି, ଏବଂ କେତେ ଘରୋଇ ହସ୍ପିଟାଲ ଏବଂ ଡାଇଗୋଷ୍ଟିକ୍ ପରୀକ୍ଷାଗାରର ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ଚିକିତ୍ସା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (SPCB) ଠାରୁ ବାଧ୍ୟତାମୂଳକ ଅନୁମୋଦନ ନାହିଁ, ଏବଂ ସାର୍ବଜନୀନ ସ୍ଥାନରେ ଅବୈଧ ଭାବରେ ଚିକିତ୍ସା ବର୍ଜ୍ୟବସ୍ତୁ ଫୋପାଡୁଥିବା ସୁବିଧା ବିରୁଦ୍ଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ?

----

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନୁମୋଦିତ ରାଶିକୁ ବୃଦ୍ଧି କରିବା

1731 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ରୋଗୀ କଲ୍ୟାଣ ସମିତି ରେ ଅନୁମୋଦିତ ହୋଇଥିବା ଆର୍ଥିକ ରାଶି କୁ ବୃଦ୍ଧି କରିବା ନିମନ୍ତେ କିଛି ଯୋଜନା ରହିଅଛି କି, ମୟୁରଭଞ୍ଜ ଜିଲ୍ଲାର ବାଙ୍ଗରିପୋଷି ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କ ରେ ଆର୍ଥିକ ବର୍ଷ 2021-22 ରୁ 2025-26 ମଧ୍ୟରେ ରୋଗୀ କଲ୍ୟାଣ ସମିତିର ଆର୍ଥିକ ରାଶି କୁ କୋଉ କୋଉ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୋଇଅଛି ବର୍ଷୱାରୀ ତାଲିକା ଦେବା ସହ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ରେ ଖର୍ଚ୍ଚ ହୋଇଥିବା ଆର୍ଥିକ ରାଶି ର ତାଲିକା ପ୍ରଦାନ କରିବେ କି, (ଖ) ମୟୁରଭଞ୍ଜ ଜିଲ୍ଲାରେ ବନ୍ୟା ପ୍ରଭାବିତ ଅଞ୍ଚଳ ମାନଙ୍କ ରେ ଡେଙ୍ଗୁ, ମ୍ୟାଲେରିଆ, ସାପ କାମୁଡ଼ା କିମ୍ବା ଡାଇରିଆ ଭଳି ଋତୁକାଳୀନ ପ୍ରକୋପକୁ ମୁକାବିଲା କରିବା ପାଇଁ କେଉଁ ପ୍ରତିରୋଧୀ ପଦକ୍ଷେପ ଏବଂ ଔଷଧର ଜରୁରୀକାଳୀନ ଷ୍ଟକ ବ୍ୟବସ୍ଥା କରାଯାଇ ଅଛି କି, ବିଶେଷ ଭାବରେ ବାଙ୍ଗରିପୋଷି ନିର୍ବାଚନ ମଣ୍ଡଳ ଅଧିନରେ ଥିବା କୋଉ କୋଉ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ କେତେ ପରିମାଣ ର ଏ ବାବଦରେ ଔଷଧ ମହଜୁଦ ରହିଅଛି ?

----

## ବିଶେଷଜ୍ଞ ଡାକ୍ତର ନିଯୁକ୍ତି

1732 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସମୟରେ ହୃଦ୍‌ରୋଗ, କିଡ୍‌ନୀ ଆଦି ସମ୍ବନ୍ଧୀୟ ରୋଗର ମାତ୍ରା ଦିନକୁ ଦିନ ବୃଦ୍ଧି ପାଇବା ସହିତ ଏହି ରୋଗଗୁଡ଼ିକର ଚିକିତ୍ସା ପାଇଁ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କର ଆବଶ୍ୟକତା ବଢ଼ିଛି। ଭଦ୍ରକ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାର ବହୁ ଲୋକ ଚିକିତ୍ସା ପାଇଁ ଭଦ୍ରକ DHH ଉପରେ ନିର୍ଭରଶୀଳ ଥିବାରୁ, ଏଠାରେ Cardiologist, Nephrologist ଏବଂ Urologist ପରି ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ଅତ୍ୟନ୍ତ ଆବଶ୍ୟକ। ତେଣୁ, ଭଦ୍ରକ DHHକୁ ଏକ ଅଧିକ ସୁଦୃଢ଼ ଓ ଉନ୍ନତ ସ୍ୱାସ୍ଥ୍ୟସେବା କେନ୍ଦ୍ର ଭାବେ ବିକଶିତ କରିବା ସହିତ Cardiologist, Nephrologist ଓ Urologist ପରି ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତରଙ୍କ ପଦ ସୃଷ୍ଟି/ନିଯୁକ୍ତି ଏବଂ ନିୟମିତ ବିଶେଷଜ୍ଞ ସେବା ଯୋଗାଇଦେବା ପାଇଁ ସରକାର ବିଶେଷ ଗୁରୁତ୍ୱ ଦେଇ କୌଣସି ସ୍ୱତନ୍ତ୍ର ଯୋଜନା କିମ୍ବା ପଦକ୍ଷେପ ଗ୍ରହଣ କରିବେ କି, ଯଦି ହଁ, ତେବେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ଆଜିସୁଦ୍ଧା ବଜେଟ ଅର୍ଥ ବ୍ୟୟ

1733 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) 2024-25, 2025-26 ଓ ଚଳିତ ବର୍ଷର ଆଜିସୁଦ୍ଧା ବଜେଟ୍ ଅର୍ଥର କେତେ ବ୍ୟୟ ଅଟକଳ ଓ ପ୍ରକୃତ ବ୍ୟୟ ହୋଇଛି, ତାର ବର୍ଷୱାରୀ ବିଭାଗୱାରୀ ତଥ୍ୟ ଦେବେ କି, (ଖ)2024-25, 2025-26 ବର୍ଷର ଅନୁମୋଦିତ ବଜେଟ ଅର୍ଥ କେଉଁ କେଉଁ ବିଭାଗ ନିର୍ଦ୍ଧରିତ ସମୟ ମଧ୍ୟରେ ଖର୍ଚ୍ଚ କରିନପାରିବା କାରଣ FRBM Act ଅନୁଯାୟୀ ଉତ୍ତରଦାୟିତ୍ୱର ବିଫଳତା କଣ ଦଣ୍ଡ ବିଧାନ କରିଛନ୍ତି ଏବଂ ଉତ୍ତର ଦାୟିତ୍ୱ ରକ୍ଷା କଣ ପଦକ୍ଷେପ ନେଉଛନ୍ତି ?

----

## ବିଭିନ୍ନ ସୂତ୍ରରୁ ଆସିଥିବା ଋଣ

1734 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ମୋଟ ଋଣଭାର କେତେ ହେବ ବୋଲି ଆକଳନ କରାଯାଉଛି ଓ ଏହା ରାଜ୍ୟର ମୁଣ୍ଡପିଛା ଋଣ କେତେ ହେବ, (ଖ) 2024-25 ଆର୍ଥିକ ବର୍ଷରୁ ଆଜିପର୍ଯ୍ୟନ୍ତ ରାଜ୍ୟ ସରକାର କେଉଁ ସୂତ୍ରରୁ କେତେ ଋଣ ଆଣିଛନ୍ତି ତାର ବର୍ଷୱାରୀ ଋଣ ଓ ଖର୍ଚ୍ଚ ହିସାବ ଦେବେ କି ?

----

## ଥାନା ସୀମା ପୁନଃ ନିର୍ଦ୍ଧାରଣ

1735 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ଥାନା ଗୁଡ଼ିକର ସୀମା ନିର୍ଦ୍ଧାରଣରେ ଥିବା ଜଟିଳତା ଦୂର କରିବା ପାଇଁ ରାଜସ୍ୱ ଗ୍ରାମ ଗୁଡ଼ିକର ଭୌଗୋଳିକ ସ୍ଥିତି ଆଧାରରେ "ଥାନା ସୀମା ପୁନଃନିର୍ଦ୍ଧାରଣ" ପାଇଁ ସରକାର ପଦକ୍ଷେପ ନେଉଛନ୍ତି କି, ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ବଡ଼ମ୍ବା ଓ ମାଣିଆବନ୍ଧ ଥାନା ସୀମାରେ ଥିବା କିଛି ଗ୍ରାମର ବାସିନ୍ଦା ସେମାନଙ୍କ ନିକଟସ୍ଥ ଥାନାରେ ସୁବିଧା ନପାଇ ବହୁ ଦୂରରେ ଥିବା ଥାନା ଉପରେ ନିର୍ଭର କରୁଥିବା ବିଷୟ ଅବଗତ ଅଛିନ୍ତି କି, ଜନସାଧାରଣଙ୍କୁ ତୁରନ୍ତ ପୋଲିସ ସହାୟତା ଯୋଗାଇ ଦେବା ପାଇଁ ବଡ଼ମ୍ବା ଓ ମାଣିଆବନ୍ଧ ଥାନାର ସୀମା ପୁନଃନିର୍ଦ୍ଧାରଣ ପ୍ରସ୍ତାବକୁ ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରିବେ କି ?

----

## ଖାଲିଥିବା ଡାକ୍ତର, ନର୍ସ ପଦବୀ ପୂରଣ

1736 **ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଦ୍ମପୁର ଉପଖଣ୍ଡ ସ୍ତରୀୟ,ସଦର ମହକୁମା ଡାକ୍ତରଖାନା ଏବଂ ପଦ୍ମପୁର ଉପଖଣ୍ଡ ରେ ଥିବା ପ୍ରାଥମିକ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ କେତେ ଜଣ ଲେଖାଏ ସ୍ୱତନ୍ତ୍ର ଡାକ୍ତର, ସାଧାରଣ ଡାକ୍ତର, ପାରା ମେଡିକାଲ ଷ୍ଟାଫ, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ଲେଖାଏ ଖାଲି ପଡିଛି ତାହାର ଏକ ବିସ୍ତୃତ ତାଲିକା ପ୍ରଦାନ କରିବେ କି, ଏବଂ ବିଭିନ୍ନ ଡାକ୍ତରଖାନାରେ ଖାଲି ପଡିଥିବା ଡାକ୍ତର ନର୍ସ, ପାରା ମେଡିକାଲ ଷ୍ଟାଫ ତଥା କର୍ମଚାରୀଙ୍କପଦବୀ ପୂରଣ ନିମନ୍ତେ କେବେ ପଦକ୍ଷେପ ନେବେ ?

----

## ଚନ୍ଦକା ଥାନାରେ ଦିଆଯାଇଥିବା FIR ଗ୍ରହଣ

1737 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ତା.26.06.2026 ଏବଂ ତା.15.07.2026 ତାରିଖ ଦିନ ଚନ୍ଦକା ଥାନାରେ କେତୋଟି FIR ଦିଆଯାଇଥିବା ସେଥିମଧ୍ୟରୁ କେତୋଟି ଗ୍ରହଣ କରାଯାଇଛି ଓ ବାକି ଗ୍ରହଣ କରାଯାଇ ନଥିବାର କାରଣ କଣ, ତନ୍ମଧ୍ୟରୁ ଦାରୁଠେଙ୍ଗ ମୌଜାର କେଉଁ କେଉଁ Plot ସମ୍ବନ୍ଧରେ ଦୁଇଟି FIR ଦିଆଯାଇଥିବାସ୍ଥଳେ ଆଜି ପର୍ଯ୍ୟନ୍ତ ତାକୁ ଗ୍ରହଣ ନକରି କୌଣସି କାର୍ଯ୍ୟାନୁଷ୍ଠାନ ନଦେଇଥିବା କାରଣ କଣ ଜାଣିଛନ୍ତି କି?

----

## ଅନୁସନ୍ଧାନ ଭିତରକୁ ଆସିଥିବା ଅଧିକାରୀ ଓ କର୍ମଚାରୀଙ୍କ ସଂଖ୍ୟା

1738 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଭିଜିଲାନ୍ସ ବିଭାଗ ଗତ ଦୁଇ ବର୍ଷରେ 2024-25 ଓ 2025-26ରେ କେତେଜଣ ସରକାରୀ କର୍ମଚାରୀଙ୍କୁ ଅନୁସନ୍ଧାନ ଭିତରକୁ ଆଣିଛି ; (କ) କେତେଜଣ ଆଇ.ଏ.ଏସ୍ ଅଫିସର ; (ଖ) କେତେଜଣ ଓ.ଏ.ଏସ୍ ଅଫିସର ଓ କେତେଜଣ ତୃତୀୟ ଶ୍ରେଣୀ/4ର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି?

----

## ବଜେଟରୁ ହୋଇଥିବା ଖର୍ଚ୍ଚର ପରିମାଣ

1739 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବଜେଟ ବର୍ଷର ପ୍ରଥମ ଚାରିମାସରେ କାର୍ଯ୍ୟକ୍ରମ ବାବଦରେ ନିର୍ଦ୍ଧାରିତ ବାର୍ଷିକ ବଜେଟ(ଆୟ-ବ୍ୟୟ)ର କେତେ % କାର୍ଯ୍ୟ ଶେଷ ହେଇଛି ଅଥବା ଖର୍ଚ୍ଚ ହୋଇଛି ; ଜିଲ୍ଲାୱାରୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିବେ କି?

----

## ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା

1740 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମ୍ୟାଲେରିଆ ରୋଗର ପ୍ରଭାବ ଅଛି କି ; ଚଳିତ ବର୍ଷ (2025-26) ଅଗଷ୍ଟ ଶେଷ ସୁଦ୍ଧା ଏହି ରୋଗରେ ଆକ୍ରାନ୍ତ ସଂଖ୍ୟା କେତେ ; ଏବଂ କେଉଁ ଜିଲ୍ଲାରେ କେତେଜଣ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ଥିଲେ ଓ ମୃତ୍ୟୁବରଣ କରିଥିଲେ ତାର ଏକ ତାଲିକା ନାମ ଓ ଠିକଣା ସହିତ ଉପସ୍ଥାପନ କରିବେ କି ?

----

## ଶିଶୁ ମୃତ୍ୟୁ ସଂଖ୍ୟା

1741 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ବର୍ଷ (2025-26) ର ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଶିଶୁ ମୃତ୍ୟୁ ସଂଖ୍ୟା କେତେ ଏବଂ ସେମାନଙ୍କ ମଧ୍ୟରୁ ପୁଷ୍ଟିହୀନତା କାରଣରୁ କେତେଙ୍କର ମୃତ୍ୟୁ ହୋଇଛି?

----

## ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ବେଡ୍ ସଂଖ୍ୟା ବୃଦ୍ଧି କରିବାକୁ ପଦକ୍ଷେପ

1742 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ)ସୁନ୍ଦରଗଡ ଜିଲ୍ଲାର District Hospital, ବିଭିନ୍ନ Sub-divisional Hospital, CHC, PHC ଓ ଅନ୍ୟାନ୍ୟ Hospital ମାନଙ୍କରେ ଗତ 2020-21 ରୁ 2025-26 ମସିହା ମଧ୍ୟରେ କେଉଁ କେଉଁ ବର୍ଷରେ କେତେ ସଂଖ୍ୟକ OPD ଓ IPD ରେ କେତେ ରୋଗୀ treatment ହୋଇଛନ୍ତି ତାହାର ଏକ ତାଲିକା ଦେବେ କି ; (ଖ) ରୋଗୀ ସଂଖ୍ୟା ବୃଦ୍ଧି ଅନୁପାତରେ ଡାକ୍ତର, Nurse and other paramedic Staff including numbers of Bed ବୃଦ୍ଧି କରାଯାଇଅଛି କି ; 2026-27 financial year ରେ ଏହା କେତେ ବୃଦ୍ଧି ହେବ କିଛି ଯୋଜନା ଅଛି କି?

----

## ଇ-ଅଫିସ ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ

1743 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସମ୍ବଲପୁର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଇ-ଅଫିସ ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇଛି କି ; ଯେଉଁ କାର୍ଯ୍ୟାଳୟରେ ହୋଇନାହିଁ ତାହାର କାରଣ କଣ?

----

## WHO ଏବଂ IPHS ମାନଦଣ୍ଡ

1744 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) WHO ଏବଂ IPHS ମାନଦଣ୍ଡ ଅନୁସାରେ ସମ୍ବଲପୁର ଜିଲ୍ଲାରେ ଆବଶ୍ୟକୀୟ ହସ୍ପିଟାଲ ଶଯ୍ୟା ତୁଳନାରେ 43.୩୭% ଅଭାବ ଥିବା କଥା ସରକାର ଅବଗତ ଅଛନ୍ତି କି ; (ଖ) ରେଙ୍ଗାଲିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ (CHC) 24X7 ଜରୁରୀକାଳୀନ ଡାକ୍ତର ଏବଂ ରକ୍ତ ଭଣ୍ଡାର ସୁବିଧା ନଥିବା ଯୋଗୁଁ ଲୋକେ 40 କିଲୋମିଟର ଦୂର ବୁର୍ଲା ଯିବାକୁ ବାଧ୍ୟ ହେବାର କାରଣ କଣ?

----

## ଭିଜିଲାନ୍ସ ମାମଲାର ତଦନ୍ତ ସମାପ୍ତ ପାଇଁ ପଦକ୍ଷେପ

1745 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ଦୁଇ ବର୍ଷ ଦୁଇ ମାସରେ ସମ୍ବଲପୁର ଜିଲ୍ଲାରେ କେତୋଟି ବିଭାଗୀୟ ଶୃଙ୍ଖଳାଗତ ମାମଲା ଏକ ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ରହିଛି ; ବିଳମ୍ବର କାରଣ କଣ ଓ ଏହାର ସମାଧାନ ପାଇଁ କଣ ପଦକ୍ଷେପ ନିଆଯାଇଛି ; ଭିଜିଲାନ୍ସ ମାମଲାର ତଦନ୍ତ ସମାପ୍ତ କରିବା ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିଛନ୍ତି କି ; ଯଦି ହଁ, ତେବେ ସମ୍ବଲପୁର ଜିଲ୍ଲାର କେତୋଟି ମାମଲା ସେହି ସମୟସୀମା ଅତିକ୍ରମ କରିଛି ଏବଂ ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି?

----

## ଆୟବହିର୍ଭୂତ ସମ୍ପତ୍ତି ମାମଲା

1746 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ଦୁଇ ବର୍ଷ ଦୁଇ ମାସ ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ଭିଜିଲାନ୍ସ ଦ୍ୱାରା କେତୋଟି ଟ୍ରାପ୍ କେସ୍, ଆୟ ବହିର୍ଭୂତ ସମ୍ପତ୍ତି (Disproportionate Assets) ମାମଲା ଏବଂ ପ୍ରାଥମିକ ତଦନ୍ତ ରୁଜୁ କରାଯାଇଛି ; ବିଭାଗ ଭିତ୍ତିକ ବିବରଣୀ କଣ ; ସେଥିରୁ କେତେ ମୂଲ୍ୟର ସମ୍ପତ୍ତି ଜବତ କରାଯାଇଛି ; କେତେଜଣ ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଓ କେତୋଟି ମାମଲା ବିଚାରାଧୀନ ଅଛି?

----

## ଭିଜିଲାନ୍ସ ତଦନ୍ତ

1747 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସମ୍ବଲପୁର ଜିଲ୍ଲାର ବୃହତ୍ ଶିଳ୍ପ ପ୍ରତିଷ୍ଠାନ ଗୁଡିକରେ ଘଟୁଥିବା ଅନିୟମିତତା କିମ୍ବା ଦୁର୍ନୀତି ସମ୍ପର୍କରେ ଭିଜିଲାନ୍ସ କୌଣସି ତଦନ୍ତ କରିଛି କି ; କେତୋଟି ପ୍ରାଥମିକ ତଦନ୍ତ କିମ୍ବା ନିୟମିତ ମାମଲା ରୁଜୁ ହୋଇଛି ; ସେଗୁଡିକର ବର୍ତ୍ତମାନ ସ୍ଥିତି କଣ?

----

## କିଡନୀ ରୋଗର ଚିକିତ୍ସା

1748 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡମ୍ବା ନିର୍ବାଚନ ମଣ୍ଡଳୀରେ କିଡନୀ ରୋଗ ଏକ ମହାମାରୀ ଭାବେ ବ୍ୟାପୁଛି ଏବଂ ହଜାର ହଜାର ଲୋକ ଆକ୍ରାନ୍ତ ହୋଇ ପ୍ରାଣ ହରାଉଥିବା ବିଷୟ ସରକାରଙ୍କ ଅବଗତ ଅଛି କି ; ଏହି ରୋଗ ବ୍ୟାପିବାର କାରଣ କଣ ଏବଂ ଏଥିପାଇଁ ଓଡିଶା ସରକାର କିମ୍ବା କେନ୍ଦ୍ରୀୟ ସଂସ୍ଥା Regional Medical Research Centre (RMRC) ପକ୍ଷରୁ କୌଣସି ବିଧିବଦ୍ଧ ଗବେଷଣା ବା ଅଧ୍ୟୟନ କରାଯାଇଛି କି ; ଯଦି ହଁ, ତେବେ ସେହି ତଥ୍ୟର ନିଷ୍କର୍ଷ କଣ ; ଏଠିକାର ଅଧିକାଂଶ ରୋଗୀ ନିମ୍ନ ଆର୍ଥିକ ବର୍ଗର ହୋଇଥିବାରୁ, ସେମାନଙ୍କୁ ମାଗଣା ଡାୟାଲିସିସ୍, ଔଷଧ ଏବଂ କିଡନୀ ପ୍ରତିରୋପଣ ପାଇଁ ସରକାର କି ପ୍ରକାର ସ୍ୱତନ୍ତ୍ର ସହାୟତା ପ୍ରଦାନ କରୁଛନ୍ତି?

----

## SDPO କାର୍ଯ୍ୟାଳୟ ପାଇଁ ପ୍ରସ୍ତାବ

1749 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ତିନି ବର୍ଷ ମଧ୍ୟରେ ରାଜ୍ୟରେ କେତୋଟି ନୂତନ SDPO କାର୍ଯ୍ୟାଳୟ ମଂଜୁର କରାଯାଇଛି, ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; ରାଜ୍ୟରେ ନୂତନ ପୋଲିସ ଜିଲ୍ଲା ଏବଂ SDPO କାର୍ଯ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ନିକଟରେ କେତୋଟି ପ୍ରସ୍ତାବ ବିଚାରାଧୀନ ରହିଅଛି ; ବଡମ୍ବା ନିର୍ବାଚନ ମଣ୍ଡଳୀର ବଡମ୍ବା ଓ

----

## V1/V2 ବର୍ଷରେ ସାମିଲ କରିବାକୁ ପ୍ରସ୍ତାବ

1750 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡମ୍ବା ନିର୍ବାଚନ ମଣ୍ଡଳୀର ବଡମ୍ବା ଏବଂ ନରସିଂହପୁର ଅଞ୍ଚଳରେ ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବର୍ତ୍ତମାନ V0 ବର୍ଗରେ ଆସୁଛି ; ଯାହା କଟକ ମେଡିକାଲ ସାଙ୍ଗେ ବଡମ୍ବା ନରସିଂହପୁର ସମାନ କିନ୍ତୁ ବାସ୍ତବ ଚିତ୍ର ଭିନ୍ନ କଟକ ଜିଲ୍ଲା ମୁଖ୍ୟାଳୟ ନରସିଂହପୁର ଦୂରବର୍ତ୍ତୀ ଅଞ୍ଚଳ ପ୍ରାୟ 150 କିଲୋମିଟର ଦୂର ଯାହା ପାଇଁ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ମିଳିପାରୁନାହିଁ, ବଡମ୍ବା ନରସିଂହପୁର ଅଞ୍ଚଳକୁ V0 ରୁ ପରିବର୍ତ୍ତନ କରି V1/V2 ସାମିଲ ପାଇଁ ସରକାର ପଦକ୍ଷେପ ନେବେ କି?

----

## ଟ୍ରାଫିକ୍ ପରିଚାଳନା

1751 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) କଟକ ଜିଲ୍ଲା ବଡମ୍ବା ବ୍ଲକର ଜନସଂଖ୍ୟା ବୃଦ୍ଧି ଓ ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ବଡମ୍ବା ଗୋପିନାଥପୁର ଠାରେ ଏକ ନୂତନ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ଅଛି କି ; (ଖ) ବିଶେଷ କରି ପ୍ରସିଦ୍ଧ ଧାର୍ମିକ ପୀଠ ସ୍ଥଳ ବାବା ସିଂହନାଥ ଓ ମା ଭଟ୍ଟାରିକା ନିକଟରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପରିଚାଳନା ଏବଂ ସୁରକ୍ଷା ପାଇଁ ଅତିରିକ୍ତ ପୋଲିସ ବଳ ମୁତୟନ କରିବା ପାଇଁ ସରକାର କୌଣସି ସମୟସୀମା ଧାର୍ଯ୍ୟ କରିଛନ୍ତି କି?

----

## ଭୋଟର ତାଲିକା ସଂଶୋଧନ

1752 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କେବେ ସୁଦ୍ଧା ସରିବା ; (କ) ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା କେତେଜଣ ଭୋଟରଙ୍କ ନାମ ଯୋଡାଯାଇଛି, ସଂଶୋଧନ କରାଯାଇଛି ଏବଂ ବାଦ ଦିଆଯାଇଛି ; (ଖ) ନାମ ବାଦ ଦେବା ପୂର୍ବରୁ ସମ୍ପୃକ୍ତ ଭୋଟରଙ୍କୁ ନୋଟିସ୍ ଓ ନିଜ ପକ୍ଷ ରଖିବାର ସୁଯୋଗ ଦେବା ପାଇଁ କି ପଦକ୍ଷେପ ନିଆଯାଉଛି ; ମୃତ, ସ୍ଥାନାନ୍ତରିତ, ଡୁପ୍ଲିକେଟ୍ ଓ ଅଯୋଗ୍ୟ ଭୋଟରଙ୍କ ନାମ ଚିହ୍ନଟ ଓ ବାଦ ଦେବା ପାଇଁ କେଉଁ ମାନଦଣ୍ଡ ଅନୁସରଣ କରାଯାଉଛି ; ଏହି ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ଭୁଲ ବଶତଃ ବାଦ ପଡିନଯାଏ ସେଥିପାଇଁ ସରକାର/ନିର୍ବାଚନ କର୍ତ୍ତୃପକ୍ଷ କେଉଁ ସୁରକ୍ଷାମୂଳକ ବ୍ୟବସ୍ଥା କରିଛନ୍ତି?

----

## ପରାମର୍ଶଦାତାଙ୍କ ନିଯୁକ୍ତି

1753 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କ ଅଧିନସ୍ଥ ସଂସ୍ଥାରେ କାର୍ଯ୍ୟରତ ବରିଷ୍ଠ ପରାମର୍ଶଦାତାଙ୍କ ନିଯୁକ୍ତି ପ୍ରକ୍ରିୟା, ପାରିଶ୍ରମିକ ଏବଂ କାର୍ଯ୍ୟଦକ୍ଷତାର ମାନ ନିର୍ଦ୍ଧାରଣର ମାଧ୍ୟମ କଣ ; Executive Committee କିଏ ଚୟନ କରେ ; ବରିଷ୍ଠ ପରାମର୍ଶଦାତାମାନଙ୍କ ପାରିଶ୍ରମିକ 2 ଲକ୍ଷ କିପରି ନିର୍ଦ୍ଧାରଣ କରାଗଲା ଏବଂ ଏହାରର ଆଧାର କଣ ; ଏବଂ ସମ୍ପୃକ୍ତ ବରିଷ୍ଠ ପରାମର୍ଶଦାତାମାନେ ଦୀର୍ଘକାଳ ଧରି ସମାନ ସ୍ଥାନରେ ଅବସ୍ଥାପିତ ରହିଥିବାର କାରଣ କଣ?

----

## ମୌଳିକ ସୁବିଧା ପୂରଣ

1754 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ଦେବଗଡ ଜିଲ୍ଲାରେ ମୁଖ୍ୟ ଚିକିସାଳୟରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମଧ୍ୟରେ ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରୁଛି କି ; ସମସ୍ତ ଜିଲ୍ଲାରେ ଜିଲ୍ଲା ଯୋଜନା ଅଧିକାରୀ ଏବଂ ଜିଲ୍ଲା ବିତ୍ତ ଅଧିକାରୀମାନେ ଅବସ୍ଥାପିତ ଏମାନଙ୍କର କାର୍ଯ୍ୟ ଧାରାକୁ ମାନ ଦୃଷ୍ଟିରେ କିପରି କରାଯାଉଛି ; ପ୍ରତି ଜିଲ୍ଲାରେ କେତେ କେତେ ଟଙ୍କାର କ୍ଲିୟାରିଂ କେଉଁ ଆଧାରରେ କରାଯାଉଛି ?

----

## ସ୍ୱାସ୍ଥ୍ୟ ମିତ୍ରଙ୍କୁ ପୁନଃନିଯୁକ୍ତି

1755 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦୀର୍ଘ ଆଠ ବର୍ଷ ଧରି ବିଭିନ୍ନ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିବା ସତ୍ତ୍ୱେ ଛଟେଇ ହୋଇଥିବା ୭୨୩ ସ୍ୱାସ୍ଥ୍ୟ ମିତ୍ରଙ୍କୁ କେବେ ପୁନଃ ନିଯୁକ୍ତି ଦିଆଯିବ ; ସେମାନେ ଦୀର୍ଘ 42 ଦିନ ଧରି ଧାରଣା ଦେଇଥିବା ସତ୍ତ୍ୱେ ତାଙ୍କୁ କୌଣସି ନ୍ୟାୟ ନମିଳିବାର କାରଣ କଣ?

----

## ସ୍ଥାନୀୟ ପିଲାଙ୍କୁ ନିଯୁକ୍ତି

1756 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ ଜିଲ୍ଲା ବିଭିନ୍ନ ନୂତନ ଭାବେ Outsourcing ମାଧ୍ୟମରେ କେଉଁ କେଉଁ ପଦ ପଦବୀରେ କେତେ ପିଲାଙ୍କୁ ନିଯୁକ୍ତି ଦିଆଯାଇଛି ସେଥିରୁ ସ୍ଥାନୀୟ ପିଲା କେତେ ଓ ଅନ୍ୟ ଜିଲ୍ଲାରେ କେତେ ପିଲା ନିଯୁକ୍ତି ପାଇଛନ୍ତି ; କେଉଁ ସଂସ୍ଥାକୁ ନିଯୁକ୍ତି ଦାୟିତ୍ୱ ଦିଆଯାଇଛି ; କେଉଁ ପ୍ରକ୍ରିୟାରେ ନିଯୁକ୍ତି ଦେଇଛି ଓ କେତେ ଟଙ୍କାର Tender ପାଇଛି ; ସମୁଦାୟ କେତେ post ପାଇଁ ସମ୍ପୃକ୍ତ ସଂସ୍ଥା ନିଯୁକ୍ତି ଦେଇଅଛି?

----

## ଖାଦ୍ୟ ପଦାର୍ଥର ଗୁଣବତ୍ତା ଯାଞ୍ଚ

1757 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଖାଦ୍ୟ ପଦାର୍ଥର ଗୁଣବତ୍ତା ଯାଞ୍ଚ କରିବା ପାଇଁ କେଉଁ କେଉଁ ଜିଲ୍ଲାରେ କେତୋଟି ପରୀକ୍ଷାଗାର ଅଛି ଓ ଖାଦ୍ୟ ନମୁନା ପରୀକ୍ଷା କରିବା ପାଇଁ କେଉଁ ଭଳି expert ମାନଙ୍କର ଆବଶ୍ୟକତା ଅଛି ; ରାଜ୍ୟ ସରକାର expert ଅଭିଜ୍ଞମାନଙ୍କୁ ନିଯୁକ୍ତି କେତେ ଜଣଙ୍କୁ ଦେଇଛନ୍ତି?

----

## ଗାଇଡଲାଇନ୍ ପ୍ରଣୟନ

1758 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ବିଭିନ୍ନ ବିଭାଗରେ Outsourcing ସଂସ୍ଥା ଚୟନ ସମୟରେ ସର୍ବନିମ୍ନ ବୈଷୟିକ ଯୋଗ୍ୟତା ବ୍ୟତୀତ ଅତିରିକ୍ତ Technical Criteria ପାଇଁ ଅଧିକ ମାର୍କ ପ୍ରଦାନ କରି ସଂସ୍ଥା ଚୟନ ହେଉଥିବାରୁ ଯୋଗ୍ୟ ଲଘୁ, କ୍ଷୁଦ୍ର ଓ ମଧ୍ୟମ (MSME) ସଂସ୍ଥାଗୁଡିକ ଉପେକ୍ଷିତ ହେଉଥିବା ବିଷୟ ସରକାରଙ୍କ ଅବଗତିରେ ଅଛି କି ; (ଖ) ଯଦି ହଁ, ତେବେ ସମସ୍ତ ବିଭାଗର Outsourcing Tender ପାଇଁ ଏକୀକୃତ, ସ୍ୱଚ୍ଛ ଓ ପକ୍ଷପାତମୁକ୍ତ ଗାଇଡଲାଇନ୍ ପ୍ରଣୟନ କରି ଅତିରିକ୍ତ Technical Marking ଉପରେ ନିୟନ୍ତ୍ରଣ ଏବଂ ସମସ୍ତ ଯୋଗ୍ୟ ସଂସ୍ଥାଙ୍କୁ ସମାନ ସୁଯୋଗ ସୁନିଶ୍ଚିତ କରିବା ସହ ଆଗାମୀ 3 ମାସ ମଧ୍ୟରେ ଏହି ଗାଇଡଲାଇନ୍ ଜାରି କରିବାକୁ ସରକାର ନିଷ୍ପତ୍ତି ନେବେ କି?

----

## ରାଜସ୍ୱ ଆୟ ସ୍ଥିତି

1759 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ବର୍ତ୍ତମାନ ରାଜସ୍ୱ ଆଦାୟ, ନିଜସ୍ୱ ରାଜସ୍ୱ, କେନ୍ଦ୍ରୀୟ ଅନୁଦାନ, ମୋଟ ଋଣ ଓ ଋଣ ପରିଶୋଧନ ଦାୟିତ୍ୱର ସ୍ଥିତି କଣ ଏବଂ ଗତ ୩ ବର୍ଷ ତୁଳନାରେ ଏଥିରେ କି ପରିବର୍ତ୍ତନ ହୋଇଛି ; (ଖ) ରାଜ୍ୟର ବର୍ତ୍ତମାନ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଅନାବଶ୍ୟକ ସରକାରୀ ବ୍ୟୟ ହ୍ରାସ, ରାଜସ୍ୱ ବୃଦ୍ଧି, ଋଣ ନିୟନ୍ତ୍ରଣ ଏବଂ ବିକାଶମୂଳକ କାର୍ଯ୍ୟରେ ଅର୍ଥର ସର୍ବାଧିକ ସଦୁପଯୋଗ ପାଇଁ ସରକାର କି ନୂତନ ଆର୍ଥିକ ଶୃଙ୍ଖଳା ପଦକ୍ଷେପ ଗ୍ରହଣ କରୁଛନ୍ତି ; ବିଭିନ୍ନ ବିଭାଗରେ ଅନୁଦାନ ଅର୍ଥ ଖର୍ଚ୍ଚ ନହୋଇ ଅବ୍ୟବହୃତ ରହିବା, ବଜେଟ୍ ଅର୍ଥର ପୁନର୍ବିନିଯୋଗ ଓ ବର୍ଷ ଶେଷରେ ତ୍ୱରିତ ବ୍ୟୟ ଭଳି ପ୍ରବୃତ୍ତିକୁ ରୋକି ଫଳାଫଳ ଭିତ୍ତିକ ଓ ସ୍ୱଚ୍ଛ ଆର୍ଥିକ ପରିଚାଳନା ସୁନିଶ୍ଚିତ କରିବାକୁ ସରକାର କି ବ୍ୟବସ୍ଥା କରିଛନ୍ତି ; ଏହି ସମସ୍ତ ବିଷୟରେ ସବିଶେଷ ତଥ୍ୟ ସହିତ ବିବରଣୀ ଉପସ୍ଥାପନ କରିବେ କି?

----

## ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି

1760 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବର୍ତ୍ତମାନ ବଢୁଥିବା ହତ୍ୟା, ଦୁଷ୍କର୍ମ, ମହିଳା ଓ ଶିଶୁ ନିର୍ଯାତନା, ସାଇବର ଅପରାଧ ଏବଂ ନିଶାଦ୍ରବ୍ୟ କାରବାର ଭଳି ଗୁରୁତର ଅପରାଧ ନିୟନ୍ତ୍ରଣ ପାଇଁ ଗୃହ ବିଭାଗର ବର୍ତ୍ତମାନର ରଣନୀତି ଓ ପଦକ୍ଷେପ କଣ ; (ଖ) ରାଜ୍ୟର ବିଭିନ୍ନ ଥାନାରେ ପୋଲିସ୍ ପଦବୀ ଖାଲି ରହିବା ଓ ତଦନ୍ତକାରୀ ଅଧିକାରୀଙ୍କ ଅଭାବ ଯୋଗୁଁ ମାମଲା ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପ୍ରଭାବିତ ହେଉଥିବାରୁ, ଖାଲି ପଦବୀ ପୂରଣ, ଥାନାଗୁଡିକର ଆଧୁନିକୀକରଣ ଓ ତଦନ୍ତ ବ୍ୟବସ୍ଥା ସୁଦୃଢକରଣ ପାଇଁ ସରକାର କି ସମୟବଦ୍ଧ ପଦକ୍ଷେପ ଗ୍ରହଣ କରିବେ ; ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ଥାନାର କାର୍ଯ୍ୟଦକ୍ଷତା, FIR ପଞ୍ଜିକରଣ, ତଦନ୍ତ ଓ ଚାର୍ଜସିଟ୍ ଦାଖଲ ଉପରେ ଜିଲ୍ଲାୱାରୀ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କରିବା ସହ ଏହାର ଫଳାଫଳ ଉପସ୍ଥାପନ କରିବାକୁ ସରକାର ବିଚାର କରୁଛନ୍ତି କି ; ଏହି ସମସ୍ତ ବିଷୟରେ ସବିଶେଷ ତଥ୍ୟ ସହିତ ବିବରଣୀ ଉପସ୍ଥାପନ କରିବେ କି?

----

## ସରକାରୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମାନବ ସମ୍ବଳ ଅଭାବ

1761 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ସରକାରୀ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର, ବିଶେଷଜ୍ଞ, ନର୍ସ ଓ ପାରାମେଡିକାଲ୍ କର୍ମଚାରୀଙ୍କ ବହୁ ସଂଖ୍ୟକ ପଦବୀ ଖାଲି ରହିଥିବାରୁ ରୋଗୀସେବା ପ୍ରଭାବିତ ହେଉଥିବା ବିଷୟ ସରକାରଙ୍କ ଅବଗତିରେ ଅଛି କି; ଯଦି ହଁ, ତେବେ ଖାଲି ପଦବୀଗୁଡ଼ିକୁ ସମୟବଦ୍ଧ ଭାବେ ପୂରଣ କରିବାକୁ କି ପଦକ୍ଷେପ ନିଆଯାଉଛି, (ଖ) ଜିଲ୍ଲା ଓ ଉପଖଣ୍ଡସ୍ତରରେ ଆବଶ୍ୟକ ଡାକ୍ତର, ବିଶେଷଜ୍ଞ, ଔଷଧ, ଡାୟାଗ୍ନୋଷ୍ଟିକ୍ ସୁବିଧା ଓ ଆଧୁନିକ ଚିକିତ୍ସା ଭିତ୍ତିଭୂମି ସୁନିଶ୍ଚିତ କରି ରୋଗୀଙ୍କୁ ଅନାବଶ୍ୟକ ଭାବେ ଭୁବନେଶ୍ୱର/ବଡ଼ ସହରକୁ ରେଫର୍ ହେବାରୁ ରୋକିବା ଏବଂ ସମସ୍ତ ଜିଲ୍ଲାରେ ସମାନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଦେବା ପାଇଁ ସରକାର ଏକ ସମୟବଦ୍ଧ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବେ କି , ଏହି ସମସ୍ତ ବିଷୟରେ ସବିଶେଷ ତଥ୍ୟ ସହିତ ବିବରଣୀ ଉପସ୍ଥାପନ କରିବେ କି ?

----

## ଗୁଇନ୍ଦା ବିଭାଗର ସୁଦୃଢିକରଣ

1762 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ବିଭିନ୍ନ ବିଭାଗରେ ଦୁର୍ନୀତି, ଅନିୟମିତତା ଓ ସରକାରୀ ଅର୍ଥର ଅପବ୍ୟବହାର ସମ୍ପର୍କରେ ସାଧାରଣରେ ହେଉଥିବା ଅଭିଯୋଗ ସରକାରଙ୍କ ଅବଗତିରେ ଅଛି କି; ଯଦି ହଁ, ତେବେ ଏହାର ବିଭାଗୱାରୀ ତଦନ୍ତ ଓ ନିରୀକ୍ଷଣ ପାଇଁ ବର୍ତ୍ତମାନ କି ବ୍ୟବସ୍ଥା ରହିଛି, (ଖ) ଦୁର୍ନୀତି ନିବାରଣ ବିଭାଗ (Vigilance) ଓ ଗୁଇନ୍ଦା ବିଭାଗକୁ ଅଧିକ ସଜାଗ ଓ କ୍ରିୟାଶୀଳ କରି, ଦୁର୍ନୀତିର ସୂଚନା ମିଳିବାମାତ୍ରେ ପ୍ରାଥମିକ ଯାଞ୍ଚ, ତଦନ୍ତ ଓ ଆଇନାନୁଗତ କାର୍ଯ୍ୟାନୁଷ୍ଠାନକୁ ସମୟବୃଦ୍ଧ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବେ, ଏହି ସମସ୍ତ ବିଷୟରେ ସବିଶେଷ ତଥ୍ୟ ସହିତ ବିବରଣୀ ଉପସ୍ଥାପନ କରିବେ କି ?

----

## ସ୍ୱତନ୍ତ୍ର ଟ୍ରମା କେନ୍ଦ୍ର ସ୍ଥାପନ

1763 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା NH-16 ପାର୍ଶ୍ୱରେ କେତୋଟି ଲେଭଲ-୨ ଏବଂ ଲେଭଲ-୩ ଟ୍ରମା କେୟାର କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି, ସେଗୁଡ଼ିକରେ ୨୪x୭ ସିଟି ସ୍କାନ୍, ଆଇସିୟୁ, ଅସ୍ତ୍ରୋପଚାର ଗୃହ, ରକ୍ତ ଭଣ୍ଡାର ଏବଂ ସର୍ଜନ/ବିଶେଷଜ୍ଞ ଡାକ୍ତର ଉପଲବ୍ଧ ଅଛନ୍ତି କି, ଏଥିସହ ବିଗତ ୩ ବର୍ଷରେ କେତେଜଣ ଗୁରୁତର ଆହତଙ୍କୁ 'ଗୋଲ୍ଡେନ୍ ଆୱାର' ମଧ୍ୟରେ ଜରୁରୀକାଳୀନ ଚିକିତ୍ସା ମିଳିଛି ଏବଂ କେତେଜଣଙ୍କୁ ଉଚ୍ଚତର ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି, ତାହାର ଏକ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) ଜିଲ୍ଲାରେ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ପାଇଁ ଏକ ସୁଦୃଢ଼ 'ଗୋଲ୍ଡେନ୍ ଆୱାର ଟ୍ରମା ନେଟୱର୍କ' ଗଠନ କରିବା ସହ ଦୁର୍ଘଟଣାପ୍ରବଣ ତଥା ଜାତୀୟ ରାଜପଥ ନିକଟ 'ବସ୍ତା' ଅଞ୍ଚଳରେ ଏକ ସ୍ୱତନ୍ତ୍ର ଟ୍ରମା କେନ୍ଦ୍ର ସ୍ଥାପନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି?

----

## ନୂତନ ପୋଲିସ ଫାଣ୍ଡି ସ୍ଥାପନ

1764 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବସ୍ତା ଓ ବାଲିଆପାଳ ଥାନା ଅଧୀନସ୍ଥ ଫାଣ୍ଡିଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ, କାର୍ଯ୍ୟରତ ଓ ଖାଲି ପୋଲିସ ପଦବୀର ଥାନାୱାରୀ ବିବରଣୀ ସହିତ ବର୍ତ୍ତମାନ ଆନୁମାନିକ ଜନସଂଖ୍ୟା ଅନୁସାରେ ପ୍ରତି ୧୦,୦୦୦ ଜନସଂଖ୍ୟାରେ ପୋଲିସ ଉପଲବ୍ଧତା ଓଡ଼ିଶା ଏବଂ ଜାତୀୟ ହାର ତୁଳନାରେ କେତେ ରହିଛି ଏବଂ ଖାଲିପଡ଼ିଥିବା ପଦବୀଗୁଡ଼ିକର ପୂରଣ ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି, ଏଥିସହିତ ବାଲିଆପାଳ ବ୍ଲକ୍‌ର ଦକ୍ଷିଣ ଅଞ୍ଚଳର ଜନସଂଖ୍ୟା, ଭୌଗୋଳିକ ଦୂରତା ଓ ଆଇନଶୃଙ୍ଖଳା ଚାପକୁ ବିଚାରକରି ପଞ୍ଚୁପାଲିଠାରେ ନୂତନ ପୋଲିସ ଫାଣ୍ଡି ସ୍ଥାପନ ପାଇଁ ସରକାର ପଦକ୍ଷେପ ନେବେ କି?

----

## ନିଯୁକ୍ତି ସୁଯୋଗ ନିମନ୍ତେ ଯୋଜନା

1765 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା IT Policy-2025 ଅନୁଯାୟୀ ଭୁବନେଶ୍ୱର ବାହାରେ Tier-II ଓ Tier-III ସହରଗୁଡ଼ିକରେ IT/ITES, Startup, Digital Service ଏବଂ Skill Development ecosystemର ବିକାଶ ପାଇଁ ଆଗାମୀ ପାଞ୍ଚ ବର୍ଷରେ ସରକାରଙ୍କ ଜିଲ୍ଲାୱାରୀ ନିବେଶ, ଭିତ୍ତିଭୂମି ବିକାଶ, ଦକ୍ଷ ମାନବ ସମ୍ପଦ ପ୍ରଶିକ୍ଷଣ ଏବଂ ନିଯୁକ୍ତି ସୃଷ୍ଟି ସମ୍ବନ୍ଧୀୟ ଲକ୍ଷ୍ୟ କ'ଣ ରହିଛି, ଏହାସହିତ, ବାଲେଶ୍ୱର ଜିଲ୍ଲା, ବିଶେଷତଃ ବସ୍ତା ନିର୍ବାଚନମଣ୍ଡଳୀର ଗ୍ରାମୀଣ ସ୍ନାତକ ଯୁବକମାନଙ୍କ ପାଇଁ AI, Cloud Computing, Cyber Security, Data Analytics ଏବଂ Coding ଆଦି କ୍ଷେତ୍ରରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ଓ remote/distributed IT employment ସୁଯୋଗ ସୃଷ୍ଟି ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଯୋଜନା ଏବଂ ସମୟସୀମା ନିର୍ଦ୍ଧାରଣ ସମ୍ବନ୍ଧରେ ଜଣାଇବେ କି?

----

## ଚାକିରୀ ନିୟମିତୀକରଣ

1766 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ବିଭାଗ ତଥା ଅଧୀନସ୍ଥ କାର୍ଯ୍ୟାଳୟ ଗୁଡ଼ିକରେ ଗ୍ରୁପ୍-ସି ଏବଂ ଗ୍ରୁପ୍-ଡି ସମତୁଲ୍ୟ ନିୟମିତ ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିବା ଆଉଟସୋର୍ସଡ୍, ଡାଟା ଏଣ୍ଟ୍ରି ଅପରେଟର, ପ୍ରତ୍ୟକ୍ଷ ଚୁକ୍ତିଭିତ୍ତିକ ଏବଂ ଯୋଜନାଭିତ୍ତିକ କର୍ମଚାରୀଙ୍କ ସଂଖ୍ୟା କେତେ, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ନିୟମିତ କର୍ମଚାରୀଙ୍କ ସମତୁଲ୍ୟ ପାରିଶ୍ରମିକ ଓ ସେବା ସୁବିଧା ପ୍ରଦାନ କରାଯାଉନାହିଁ ଏବଂ କେତେ ଜଣ ନିୟମିତୀକରଣ ଅପେକ୍ଷାରେ ରହିଛନ୍ତି, ଏଥିସହ, ସେମାନଙ୍କ ବେତନ ସମାନତା, ନିରବଚ୍ଛିନ୍ନ ସେବା ଏବଂ ଯୋଗ୍ୟତା ତଥା ସେବାକାଳ ଆଧାରରେ ପର୍ଯ୍ୟାୟକ୍ରମେ ଚାକିରି ନିୟମିତୀକରଣ ନିମନ୍ତେ କୌଣସି ସମୟବଦ୍ଧ ନୀତି ଗ୍ରହଣ କରିବାକୁ ସରକାରଙ୍କ ବିଚାର ସମ୍ବନ୍ଧରେ ଜଣାଇବେ କି?

----

## ସାଇବର ଠକେଇ

1767 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ଦୁଇ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପୋଲିସ୍ ଥାନା ଏବଂ ସାଇବର୍ ପୋଲିସ୍ ଥାନାରେ ସାଇବର ଠକେଇ/Online Financial Fraud ସମ୍ବନ୍ଧୀୟ ମୋଟ କେତୋଟି ଅଭିଯୋଗ/ମାମଲା ରୁଜୁ ହୋଇଛି ଏବଂ ଉକ୍ତ ଠକେଇରେ ମୋଟ କେତେ ଟଙ୍କାର ଆର୍ଥିକ କ୍ଷତି ହୋଇଛି, ଉକ୍ତ ମାମଲାଗୁଡ଼ିକରେ ପୋଲିସ୍ ଓ ବ୍ୟାଙ୍କିଙ୍ଗ୍ ସଂସ୍ଥାର ସମନ୍ୱୟରେ କେତେ ଟଙ୍କାର ଅର୍ଥରାଶି freeze/hold/lien କରାଯାଇଛି ଏବଂ ସେଥିରୁ ପୀଡ଼ିତମାନଙ୍କୁ ପ୍ରକୃତରେ କେତେ ଟଙ୍କା recover/refund କରାଯାଇଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ଥାନା, ବ୍ଲକ ଏବଂ ପୌରାଞ୍ଚଳ ୱାରୀ ଭାବେ ପ୍ରଦାନ କରିବେ କି, ଏଥିସହିତ ଜନସାଧାରଣଙ୍କୁ ସଚେତନ କରିବା ନିମନ୍ତେ ବିଭାଗ ପକ୍ଷରୁ କଣ କଣ ପଦକ୍ଷେପ ନିଆଯାଉଛି ?

----

## Eat right ଯୋଜନା

1768 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମଣିଷ ଖାଇବା ଅନୁପଯୋଗୀ 'ସୂଚନା ବା ଚେତାବନୀ ସହ ବଜାରରେ ଉପଲବ୍ଧ Ghee / Oil ସାମଗ୍ରୀର ଯାଞ୍ଚ କେଉଁ ସରକାରୀ / ବେସରକାରୀ ପରୀକ୍ଷାଗାର ସ୍ଥାନମାନଙ୍କରେ କରିଛନ୍ତି ବିସ୍ତୃତ ତଥ୍ୟ ସହ କେଉଁ ଅଧିକାରୀଙ୍କ ନାମ /ସ୍ଥାନ କେତେଜଣଙ୍କୁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ତଥ୍ୟ ପ୍ରଦାନ କରିବେ କି, (ଖ) Eat right ଯୋଜନା ଅନ୍ତର୍ଗତ ବିଗତ ତିନି ବର୍ଷରେ ବିନିଯୋଗ, ଖର୍ଚ୍ଚ ଓ କାର୍ଯ୍ୟର ବିବରଣୀ ପ୍ରଦାନ ପୂର୍ବକ ଏହି କାର୍ଯ୍ୟକ୍ରମର ପରିଚାଳନା/ବିଶେଷଜ୍ଞ/ଟ୍ରେନର ମାନଙ୍କର ନାମ ପ୍ରଦାନ କରିବେ କି ?

----

### Status of cases of Mule account

1769 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- What is District wise the status of cases of Mule accounts, no. Of accounts/ name of bank,FIR loaged, arrested by Odisha and other state police, of last 3 years till 15, Sept 2026 ?

----

### କମ୍ପ୍ୟୁଟର ଶିକ୍ଷା ପାଇଁ ପାଇଲଟ୍ ପ୍ରକଳ୍ପ

1770 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 5T ପ୍ରୟାସ ଅଧୀନରେ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଯେତେ କମ୍ପ୍ୟୁଟର ଦିଆଯାଇଛି, ସେଗୁଡ଼ିକ ବିଦ୍ୟାଳୟର ଛାତ୍ରସଂଖ୍ୟା ଅନୁପାତରେ ବହୁତ କମ ଏବଂ ନିର୍ଦ୍ଦିଷ୍ଟ କମ୍ପ୍ୟୁଟର ଶିକ୍ଷକ ନଥିବାରୁ କମ୍ପ୍ୟୁଟର ଶିକ୍ଷା ପ୍ରଭାବିତ ହେବାସହ SOP (Standard Operating Procedure) ନଥିବାରୁ କମ୍ପ୍ୟୁଟର ଶିକ୍ଷାର ଦୃଷ୍ଟିକୋଣ କ୍ଷୀଣ ହେଉଛି କି, OCAC (Odisha Computer Application Centre) ଏହି ଅଭାବଗୁଡ଼ିକୁ ପୂରଣ କରି, ଉଚ୍ଚ ବିଦ୍ୟାଳୟ ସ୍ତରରେ ଦୃଢ଼ କମ୍ପ୍ୟୁଟର ସାକ୍ଷରତା ସୁନିଶ୍ଚିତ କରିପାରିବ କି, Rayagada ଜିଲ୍ଲା, ବିଶେଷତଃ Bissamcuttack ନିର୍ବାଚନମଣ୍ଡଳୀରେ ସମଗ୍ର କମ୍ପ୍ୟୁଟର ଶିକ୍ଷା ପାଇଁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିବାକୁ ପଦକ୍ଷେପ ନେବେ କି?

----

### ଯନ୍ତ୍ରପାତିର ରକ୍ଷଣାବେକ୍ଷଣ

1771 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଡାକ୍ତରଖାନା ମାନଙ୍କରେ ଥିବା ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ କେଉଁ ସଂସ୍ଥାମାନେ କିପରି ଓ କେଉଁ ଆଧାରିତ ପ୍ରାପ୍ୟରେ ନିୟୋଜିତ, ଗତ ପାଞ୍ଚବର୍ଷର ତଥ୍ୟ ସହ ବିଶେଷ କରି Rayagada କେଉଁ ଡାକ୍ତରଖାନାରେ କେଉଁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ମରାମତି କେତେ କେତେ ଅର୍ଥ ଖର୍ଚ୍ଚ ହୋଇଛି ସବିଶେଷ ତଥ୍ୟ ପ୍ରଦାନ ସହ କେଉଁ କେଉଁ ଯନ୍ତ୍ରପାତି କେଉଁ ସ୍ଥାନରେ ବ୍ୟବହାର ଅନୁପୋଯୋଗୀ ବର୍ତ୍ତମାନ ସେହି ଯନ୍ତ୍ରପାତିର ସ୍ଥିତବାନ କଣ ଏବଂ ଏଥିରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ କି?

----

## ନୂଆ ନିଯୁକ୍ତି ପାଇଁ ପଦକ୍ଷେପ

1772 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

----

## ବଜେଟ୍ ସ୍ଥିରତା ପାଣ୍ଠି

1773 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡିଶାରେ ବଜେଟ୍ ସ୍ଥିରତା ପାଣ୍ଠି କେବେ ଠାରୁ ଗଠନ କରା ଯାଇଅଛି ଏବଂ ଏପର୍ଯ୍ୟନ୍ତ ଏହି ପାଣ୍ଠିର ଗଚ୍ଛିତ ପରିମାଣ କେତେ, ଏଇ ପାଣ୍ଠିରୁ ନିବେଶ କରିବାର ପ୍ରଣାଳୀ କଣ ଓ ଏପର୍ଯ୍ୟନ୍ତ ଏଥରୁ କେତେ ସୁଧ ମିଳିଅଛି?

----

## ରାଜ୍ୟର ମୁଣ୍ଡ-ପିଛା ଆୟ

1774 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-

----

## ଡାକ୍ତର ପଦବୀ ପୂରଣ

1775 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର ରାଜ୍ୟରେ ବିଭିନ୍ନ ଡାକ୍ତରଖାନାରେ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା କେତେ ଏବଂ ବର୍ତ୍ତମାନ କେତେ ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି ଏବଂ କେତେ ପଦବୀ ଖାଲି ରହିଅଛି ତାହାର ଏକ ଜିଲ୍ଲାୱାରୀ ପରିସଂଖ୍ୟାନ ଦେବେ କି, ଖାଲି ପଦବୀ ପୂରଣ ପାଇଁ ସରକାର କି ପଦକ୍ଷପ ଗ୍ରହଣ କରିଛନ୍ତି, ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ଡାକ୍ତରଖାନା ମାନଙ୍କର କେତେ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ଅଛି ଏବଂ ସେଥିରୁ କେତେ ଖାଲି ଅଛି ?

----

## ବିଭିନ୍ନ ବିଭାଗର ଖର୍ଚ୍ଚ ପରିମାଣ

1776 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚଳିତ ଆର୍ଥିକ ବର୍ଷ ବଜେଟ୍ ରେ ବର୍ତ୍ତମାନ ସୁଦ୍ଧା କେଉଁ ବିଭାଗରେ କେତେ ଖର୍ଚ୍ଚ ହୋଇଅଛି ଏବଂ ଏହା ବଜେଟ୍ ଅନୁଦାନର କେତେ ଶତାଂଶ ଅଟେ, ବିଭିନ୍ନ ବିଭାଗର ଖର୍ଚ୍ଚ ପରିମାଣ ସନ୍ତୋଷଜନକ ହେଉ ନଥିବାର କାରଣ କ'ଣ ଏବଂ ଠିକ ସମୟରେ ବଜେଟ୍ ଅର୍ଥ ଖର୍ଚ୍ଚ କରିବାକୁ କି କି ପଦକ୍ଷପ ଗ୍ରହଣ କରିଛନ୍ତି ?

----

## Physibility Report ପ୍ରଦାନ

1777 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-

----

## ୯୯୩ ସ୍ୱାସ୍ଥ୍ୟ ମିତ୍ରଙ୍କୁ ପୁନଃ ନିଯୁକ୍ତି

1778 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୬ ଜୁନ ମାସରେ ଚାକିରିରୁ ଛଟେଇ ହୋଇଥିବା ୯୯୩ ଜଣ ସ୍ୱାସ୍ଥ୍ୟ ମିତ୍ରଙ୍କୁ କେଉଁ କାରଣରୁ ଏଭଳି କରାଗଲା, ଉଭୟ ସରକାରୀ ଓ ବେସରକାରୀ ହସ୍ପିଟାଲକୁ ଆସୁଥିବା ରୋଗୀମାନଙ୍କୁ ଆୟୁଷ୍ମାନ ଯୋଜନା ଓ ଅନ୍ୟ ସୁବିଧା ହାସଲ କରିବା ଲାଗି ସ୍ୱାସ୍ଥ୍ୟ ମିତ୍ର ବା ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ର ମାନଙ୍କର ସହାୟତା ଆ‌ାବଶ୍ୟକ ନାହିଁ କି, ଏହି ୯୯୩ ସ୍ୱାସ୍ଥ୍ୟ ମିତ୍ରଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ସରକାର ଚିନ୍ତା କରୁଛନ୍ତି କି ?

----

## ପୂର୍ଣ୍ଣକାଳୀନ ହସପିଟାଲରେ ପରିଣତ

1779 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଠାରେ ଥିବା AIIMS satellite centre କୁ ଏକ ୩୦୦ ଶଯ୍ୟା ବିଶିଷ୍ଟ ପୂର୍ଣ୍ଣକାଳୀନ ହସ୍ପିଟାଲରେ ପରିଣତ କରାଯିବ ବୋଲି ଏମ୍ସ କର୍ତ୍ତୃପକ୍ଷ ପୂର୍ବରୁ ଘୋଷଣା କରିଥିଲେ, ମାତ୍ର ବିଗତ ୬ ବର୍ଷ ହେଲା ଏହା କେବଳ ଏକ AIIMS weekly OPD ଭାବରେ କାର୍ଯ୍ୟ କରୁଛି, ଏହି satellite centre ଟି କେବେ AIIMS ପୂର୍ଣ୍ଣକାଳୀନ ହସ୍ପିଟାଲରେ ପରିଣତ ହେବ, କେବେ ଏଠାରେ ରୋଗୀମାନେ IPD ସୁବିଧା ପାଇବେ ?

----

## ମିଳିଥିବା ଅର୍ଥର ପରିମାଣ

1780 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ( Centrally Sponsored Scheme) ରେ ଗତ ୩ ଆର୍ଥିକ ବର୍ଷରେ ଓଡ଼ିଶାକୁ କେତେ ଅର୍ଥ ମିଳିଛି ଏବଂ କେତେ ଅର୍ଥ କେଉଁ ବିଭାଗରେ ମିଳିନାହିଁ, (ଖ) ଏହି Centrally Sponsored Scheme ରେ ଓଡ଼ିଶାକୁ ମିଳିଥିବା ଅର୍ଥ ବିଗତ ୩ ଆର୍ଥିକ ବର୍ଷରେ କେତେ ଖର୍ଚ୍ଚ ହୋଇଛି, କେବେ ଖର୍ଚ୍ଚ ନହୋଇ ଫେରିଯାଇଛି ବା maching state share ନ ଦେବାରୁ ଖର୍ଚ୍ଚ ହୋଇପାରି ନାହିଁ ?

----

## ଅବ୍ୟବହୃତ ହୋଇ ଜମା ରହିଥିବା ଜିଲ୍ଲା ଖଣିଜ ପାଣ୍ଠି

1781 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଜିଲ୍ଲା ଖଣିଜ ପାଣ୍ଠି (DMF) ଆକାଉଣ୍ଟ ଗୁଡିକରେ ବର୍ତ୍ତମାନ ସୁଦ୍ଧା ମୋଟ କେତେ ଅର୍ଥ ଅବ୍ୟବହୃତ ହୋଇ ଜମାରହିଛି, ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ବିଗତ ଦୁଇ ବର୍ଷ ମଧ୍ୟରେ କେତେ ଅର୍ଥ DMF ଆକାଉଣ୍ଟକୁ ଆସିଛି ଏବଂ ସେଥିରୁ କେଉଁ ଜିଲ୍ଲାରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ?

----

## ପଦୋନ୍ନତି ପାଇଥିବା SI ଙ୍କୁ ପୁର୍ବସ୍ଥାନରେ ପୋଷ୍ଟିଂ ସଂପର୍କରେ

1782 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ପୋଲିସ କମ୍ୟୁନିକେସନ ବିଭାଗରେ Order No.-3685/RO, dated 29.10.2026 ଦ୍ୱାରା ASI ରୁ SI କୁ ପଦୋନ୍ନତି ପାଇଥିବା 85 ଜଣଙ୍କ ମଧ୍ୟରୁ ପ୍ରାୟ 40 ଜଣଙ୍କର ପୂର୍ବ ପୋଷ୍ଟିଂ ଯେଉଁଠି ସେମାନଙ୍କୁ ପୁନଃ ସେହି ସ୍ଥାନରେ ବା ସେହି ପୁଲିସ ଜିଲ୍ଲାରେ ବା କଟକ ଭୁବନେଶ୍ୱରରେ ପୋଷ୍ଟିଂ ହୋଇଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, SI ମାନଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଭଳି ପୂର୍ବରୁ ଗୁରୁତର ଅଭିଯୋଗ ଥିବା ସତ୍ତ୍ୱେ ସେମାନଙ୍କ Range TIB ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ପୁନଃ ପୋଷ୍ଟିଂ କରାଯିବା ଘଟଣା ସରକାରଙ୍କ ଜ୍ଞାତସାରରେ ଅଛି କି, ଯଦି ହଁ ଉକ୍ତ ଅଭିଯୋଗର ବର୍ତ୍ତମାନ ସ୍ଥିତି କଣ, ଯଦି କୌଣସି ଅଧିକାରୀଙ୍କ ଦିର୍ଘକାଳୀନ ପୋଷ୍ଟିଂ ବା ପୁନଃ ପୋଷ୍ଟିଂ ପ୍ରଚଳିତ ନିୟମ ନିର୍ଦ୍ଦେଶାବଳୀର ବିରୋଧୀ ବୋଲି ଯାଞ୍ଚରେ ପ୍ରମାଣିତ ହୁଏ ତେବେ ସରକାରଙ୍କ ପକ୍ଷରୁ ସଂପୃକ୍ତ ପୋଷ୍ଟିଂ ପୁନଃସମୀକ୍ଷା କରାଯିବା ସହିତ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କେଉଁ କାର୍ଯ୍ୟାନୁଷ୍ଠାନ ନିଆଯିବ?

----

## Electronics ଶିଳ୍ପ ସ୍ଥାପନ ପାଇଁ ପଦକ୍ଷେପ

1783 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଏବେ Electronics ଶିଳ୍ପ ସ୍ଥାପନ ଲାଗି କି ପଦକ୍ଷେପ ନିଆଯାଇଛି ଏବଂ ଏଥିରେ କେତୋଟି ଶିଳ୍ପ ସ୍ଥାପିତ ହେବାର ସମ୍ଭାବନା ରହିଛି ଓ ସେସବୁର କେତେ ପୁଞ୍ଜିନିବେଶ ହେବ?

----

## ଜନ୍ମ ଓ ମୃତ୍ୟୁ ହାର

1784 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ ଜନ୍ମ ଓ ମୃତ୍ୟୁ ହାର କେତେ ଏବଂ ଏହା ଜାତୀୟ ହାରଠାରୁ କେତେ ଭିନ୍ନ ଜିଲ୍ଲାୱାରୀ ତଥ୍ୟ ଦେବେକି?

----

## Freehold ଫିସ ର ପରିମାଣ

1785 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜଧାନୀରେ ଏପର୍ଯ୍ୟନ୍ତ କେତୋଟି ବାସଉପଯୋଗୀ ଓ ଅନ୍ୟାନ୍ୟ ଜମି Freehold ହେଲାଣି ଏବେ କେତୋଟି Freehold ଦରଖାସ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନରେ ଅଛି ଏବଂ Freehold ଫିସ କେତେ ଧାର୍ଯ୍ୟ କରାଯାଇଛି, ରାଜଧାନୀ ଭୁବନେଶ୍ୱରରେ ଜମିର ବିଭିନ୍ନ ଅଂଚଳରେ ସରକାରୀ ଜମିର ମୂଲ୍ୟ କେତେ ଧାର୍ଯ୍ୟ କରାଯାଇଛି?

----

## Software ରପ୍ତାନୀର ପରିମାଣ

1786 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2024 2025 ଓ 2025 2026 ଆର୍ଥିକ ବର୍ଷରେ ରାଜ୍ୟରୁ କେତେ Software ରପ୍ତାନୀ କରାଯାଇଥିଲା ଓ ଚଳିତ ଆର୍ଥିକ ବର୍ଷ ତାହା କେତେ ହେବ ବୋଲି ଆଶା କରାଯାଉଛି ଏ କ୍ଷେତ୍ରରେ ରାଜ୍ୟର କେତୋଟି ସଂସ୍ଥା କାମ କରୁଛନ୍ତି ଏବଂ କେଉଁ କେଉଁ ସଂସ୍ଥାଗୁଡିକ ଏହି ସମୟ ମଧ୍ୟରେ କେତେ Software ରପ୍ତାନୀ କଲେଣି?

----

## ରାଜସ୍ୱ ହାର ସଂପର୍କରେ

1787 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2024 2025 ଓ 2025 2026 ଆର୍ଥିକ ବର୍ଷରେ ରାଜ୍ୟରେ ରାଜସ୍ୱ ଆୟ କେଉଁ ହାରରେ ବଢିଛି ନା କମିଛି ଏବଂ ଚଳିତ ଆର୍ଥିକ ବର୍ଷରେ ଏହା କେଉଁ ହାରରେ ବଢିବା ଆଶା କରାଯାଉଛି ଓ ଏଯାଏଁ ତାହା କେଉଁ ହାରରେ ବଢିଛି, ଏହି ସମୟରେ ରାଜସ୍ୱ କି କି କ୍ଷେତ୍ରରେ କେଉଁ ସମସ୍ୟା ଦେଖାଦେଇଛି ଓ ଚଳିତ ଆର୍ଥିକ ବର୍ଷରେ ଏ କ୍ଷେତ୍ରରେ କେଉଁ ସ୍ୱତନ୍ତ୍ର ସମସ୍ୟା ପରିଲକ୍ଷିତ ହୋଇଛି?

----

## Total number of crimes against women

1788 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The total number of crimes against women reported in Odisha from June 2024 to September 2026 along with the year-wise deatils (b) The present status of investigation and prosecution, including arrests, charge sheets filed and convictions secured and the progress made in expanding CCTV surveillance and strengthening the Investigative Units on Crime Against Women (IUCAW)?

----

**Number of personnel engaged at SVPPGIP**

1789 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the agency-wise and post-wise number of personnel engaged at SVPPGIP (Shishu Bhawan), Kataka, from 26.01.2026 till date (b) agency-wise name, address, post/designation, date of engagement and monthly remuneration of each such person and the total posts required, personnel deployed and posts presently vacant, post-wise; and the names of agencies engaged, contract value and payments made to each and steps taken to fill the remaining vacancies?

----

**Operational status of the Blood Bank**

1790 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The current operational status of the dedicated Blood Bank inside the SVPPGIP (Shishu Bhawan) campus in Kataka, (b) The average daily requirement of blood units and blood components for pediatric patients admitted at Shishu Bhawan and the timeline for obtaining final licensing, completing equipment installation, and posting staff to operationalize the 24/7 Blood Bank?

----

**The number of employees who are presently covered under NPS**

1791 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) Whether Government has examined the applicability of Government of India Office Memorandum No.57/05/2021-P&PW(B) dated 03.03.2023 to eligible NPS employees of Odisha (b) The number of State Government employees who are presently covered under

NPS and the number who may be eligible for coverage under the Old Pension Scheme as per the said memorandum; and whether any proposal has been initiated for extending such benefit in Odisha and, if so, the present status and timeline for taking a final decision?

----

### Category-wise number of valid gun licences

1792 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) With reference to UDAQ No.1370 dated 23.02.2026, the category-wise number of valid gun licences presently held by MLAs, MPs, ex-MLAs, Ex-MPs & other public representatives (b) The category-wise number of such licence holders against whom criminal cases are registered, indicating the number of pending cases; and whether any licence has been suspended, cancelled or rejected due to criminal antecedents during the last five years, and if so, the year-wise number and reasons?

----

### ସଚିବାଳୟ ସେବା ବର୍ଗର ଅଧିକାରୀଙ୍କ ବଦଳି

1793 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ସଚିବାଳୟ ସେବା ବର୍ଗର ଅଧିକାରୀଙ୍କର ପ୍ରତି ଛଅ ବର୍ଷରେ ଗୋଟିଏ ଶାଖାରୁ ଅନ୍ୟ ଏକ ଶାଖାକୁ ଏବଂ ପ୍ରତି ଦଶ ବର୍ଷରେ ଗୋଟିଏ ବିଭାଗରୁ ଅନ୍ୟ ଏକ ବିଭାଗକୁ ବଦଳି କରିବାର ନିୟମ ଥିବା ବେଳେ, କେତେକ ଅଧିକାରୀଙ୍କୁ ଗୋଟିଏ ଶାଖା ଏବଂ ଗୋଟିଏ ବିଭାଗରେ ଦୀର୍ଘ ବର୍ଷ ଧରି ରଖାଯାଇଛି ଏହା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଯଦି ହଁ ଏପରି ଅଧିକାରୀଙ୍କ ଏକ ବିଭାଗ ଓ ଶାଖା ୱାରୀ ତାଲିକା ପ୍ରଦାନ କରିବେ କି (ଖ) ଗୃହ ବିଭାଗ ନିଜ ଆଇନ ଖୁଲାପ କରି ଏମାନଙ୍କୁ ଦୀର୍ଘ ବର୍ଷ ଧରି ଗୋଟିଏ ବିଭାଗ/ ଶାଖାରେ ରଖିବାର କାରଣ କଣ ଏବଂ ଆଇନ ସ୍ୱଚ୍ଛତା ଦୃଷ୍ଟିରୁ ଏମାନଙ୍କୁ ତୁରନ୍ତ ବଦଳୀ କରିବା ପାଇଁ ନିର୍ଦ୍ଦେଶ ଦେବେ କି ?

----

### ଡାକ୍ତରଖାନାକୁ ଆସି ଚିକିତ୍ସିତ ହୋଇଥିବା ରୋଗୀଙ୍କ ସଂଖ୍ୟା

1794 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ଆର୍ଥିକ ବର୍ଷ (୨୦୨୬-୨୭) ରାଜ୍ୟରେ କେତେ ଜଣ ଲୋକଙ୍କୁ ବିଷଧର ସାପ କାମୁଡି ଥିଲା ତନ୍ମଧ୍ୟରୁ କେତେ ଜଣ ଲୋକ ଡାକ୍ତରଖାନାକୁ ଆସି ଚିକିତ୍ସିତ ହୋଇଛନ୍ତି, ଚିକିତ୍ସାଧନ ଅବସ୍ଥାରେ କେତେ ଜଣଙ୍କର ମୃତ୍ୟୁ ହୋଇଥିଲା କିନ୍ତୁ Indian King Cobra ବା ଓଡ଼ିଶାରେ ଦୃଶ୍ୟମାନ ହେଉଥବା ଅହିରାଜ ସାପ କାମୁଡା ପାଇଁ Antivenom Injection ସରକାରଙ୍କ ପାଖରେ ଉପଲବ୍ଧ ଅଛି କି ଯଦି ଉତ୍ତର ହଁ ହୁଏ ତାହେଲେ ଏହା କେଉଁ କେଉଁ ଡାକ୍ତରଖାନାରେ ଉପଲବ୍ଧ ଅଛି ଯଦି ଉତ୍ତର ନାଁ ହୁଏ ତାହେଲେ ସରକାର ଏହି Antivenom Injection ଡାକ୍ତରଖାନାକୁ ଯୋଗାଇ ଦେବା ପାଇଁ କଣ କଣ ପଦକ୍ଷେପ ନେଇଛନ୍ତି ବା ନେବାକୁ ଯାଉଛନ୍ତି?

----

## ପ୍ରାର୍ଥୀ ଚୟନ ସକାଶେ ପ୍ରକାଶ ପାଇଥିବା ବିଜ୍ଞାପନ ସଂପର୍କରେ

1795 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ୨୦୨୪ ମସିହା ଜୁନ ମାସ ୧୨ ତାରିଖ ଠାରୁ ଅଦ୍ୟାବଦ୍ଧି ରାଜ୍ୟ ସରକାର OPSC, OSSC,OSSSC, OPRB, OSSB, OUSSSC ଇତ୍ୟାଦି ସଂସ୍ଥା ଦ୍ୱାରା କେଉଁ ବିଭାଗର କେଉଁ ସେବାର କେତେ ଗୋଟି ପଦବୀ ପାଇଁ ପ୍ରାର୍ଥୀ ଚୟନ ସକାଶେ କେଉଁ ଦିନ ଲିଖିତ ଓ ମୌଖିକ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା ତାହା ସେବା ଓ ତାରିଖ ୱାରୀ ଜଣାଇବେ କି, (ଖ) ସେଥିମଧ୍ୟରୁ କେଉଁ ବିଭାଗର କେଉଁ ସେବାର ପରୀକ୍ଷା କେଉଁ କାରଣ ପାଇଁ ବାତିଲ କରାଯାଇଥିଲା ଏବଂ ବାତିଲି କରାଯାଇଥିବା ପରୀକ୍ଷାଗୁଡିକ ପାଇଁ ଉପରୋକ୍ତ ଚୟନକାରୀ ସଂସ୍ଥା ଦ୍ୱାରା ପୁନଃ ପରୀକ୍ଷା ପାଇଁ କେବେ ପୁନଃ ବିଜ୍ଞାପନ ପ୍ରକାଶ ପାଇଥିଲା ତନ୍ମଧ୍ୟରୁ କେଉଁ କେଉଁ ପରୀକ୍ଷା ଇତି ମଧ୍ୟରେ କେବେ କରାଯାଇଛି ଓ କେଉଁ କେଉଁ ସେବାର କେତେ ଜଣ ପ୍ରାର୍ଥଙ୍କର ଚୂଡାନ୍ତ ଚୟନ ପ୍ରକ୍ରିୟା ଶେଷ ହୋଇଛି ?

----

## DGP ପାହ୍ୟାରେ ଥିବା ମଂଜୁରୀପ୍ରାପ୍ତ ପୋଷ୍ଟ ସଂଖ୍ୟା

1796 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶା IPS cadre ରେ DGP ପାହ୍ୟାରେ କେତୋଟି ମଞ୍ଜୁରୀ ପ୍ରାପ୍ତ କ୍ୟାଡ଼ର ପୋଷ୍ଟ ଏବଂ ଅଣ କ୍ୟାଡ଼ର ପୋଷ୍ଟ ରହିଛି (ଖ) HOPF ପଦବୀ ପୂରଣ ସକାଶେ କେଉଁ ପାହ୍ୟାର କେତେ ଜଣଙ୍କ ନାମ UPSC କୁ ସୁପାରିଶ କରିବାର ଆଇନ୍ ରହିଛି ଏବଂ ସରକାର UPSCକୁ ଯେଉଁସବୁ ତାଲିକା ସୁପାରିଶ କରିଛନ୍ତି/ କରିଥିଲେ, ତାହା କେଉଁ ଆଧାରରେ କରିଛନ୍ତି ଜଣାଇବେ କି, କେଉଁ କାରଣ ପାଇଁ ସରକାର ମେ ମାସରେ ପଠାଇଥିବା UPSCକୁ ଚିଠା ଅଗଷ୍ଟ ମାସରେ ପ୍ରତ୍ୟାବର୍ତନ କଲେ ଏବଂ କେଉଁ ଆଧାରରେ ଦୁଇଟି postକୁ DGP promotion ଦେଇ ପୁନଃ UPSCକୁ ପଠାଇଲେ ?

----

## ଭିଜିଲାନ୍ସ ହାତରେ ଧରାପଡିଥିବା କର୍ମଚାରୀଙ୍କ ସଂଖ୍ୟା

1797 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ୨ବର୍ଷ ମଧ୍ୟରେ ରାଜସ୍ୱ ବିଭାଗ ଅଧିନରେ କାର୍ଯ୍ୟରତ କେତେ ଅଧିକାରୀ ଓ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସେମାନଙ୍କ ଠାରୁ କେତେ ପରିମାଣର ଆୟବର୍ହିଭୂତ ସମ୍ପତି ଠୁଳ ଅଭିଯୋଗ ହୋଇଛି ତାହାର ତାଲିକା ପ୍ରଦାନ କରିବେ କି ବର୍ତ୍ତମାନ ସୁଧା ଏହି ଦୁର୍ନୀତିଖୋର ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଏକାଉଟାଣ୍ଟ ପଦବୀ ପୂରଣ

1798 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ଟ୍ରେଜେରୀ କାର୍ଯ୍ୟାଳୟରେ କେତେ ଆକାଉଣ୍ଟାଟ ପଦବୀ ଖାଲି ପଡିଛି ତଳ ସ୍ତରରେ ପଦବୀ ଖାଲି ପଡିବା ବାହାନାରେ ବରିଷ୍ଠ ସହାୟକ ମାନଙ୍କୁ ଦୀର୍ଘ ବର୍ଷ ଧରି ପ୍ରମୋଶନରୁ ବଞ୍ଚିତ କରାଯାଉଥିବା ସରକାରଙ୍କର ଅବଗତ ଅଛନ୍ତି କି ; ସରକାର ପ୍ରତିବର୍ଷ କ୍ୟାଡର ଅନୁଯାୟୀ ବରିଷ୍ଠ ତାଲିକା ପ୍ରସ୍ତୁତ କରି ପ୍ରମୋଶନ ଦେବାକୁ ସରକାରଙ୍କ ନିୟମାବଳୀ ଥିବା ସତ୍ୱେ ଯୋଗ୍ୟ ପ୍ରାର୍ଥୀଙ୍କୁ ପ୍ରମୋଶନ ନ ଦେବାର କାରଣ କ'ଣ; କେବେ ସୁଧା ବରିଷ୍ଠ ସହାୟକମାନଙ୍କୁ ଏକାଉଟାଣ୍ଟ ପଦବୀରେ ପ୍ରମୋଶନ ଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ମୁଣ୍ଡପିଛା ଋଣ ଭାର ପରିମାଣ

1799 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2023-24 ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାର ଋଣ ଭାର କେତେଥିଲା ଗତ ଦୁଇ ବର୍ଷ ମଧ୍ୟରେ ଋଣ ଭାର କେତେ ବୃଦ୍ଧିପାଇଛି ବର୍ତ୍ତମାନ ରାଜ୍ୟର ମୁଣ୍ଡ ପିଛା ଋଣ ଭାର କେତେ ରହିଛି ?

----

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

1800 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଦୁର୍ନୀତି ଅଭିଯୋଗରେ କେତେ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ିଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି, ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି?

----

## ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା

1801 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଜିଲ୍ଲାୱାରୀ କେତୋଟି ସ୍ୱାସ୍ଥ୍ୟ ଅନୁଷ୍ଠାନ ରହିଛି ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନମାନଙ୍କରେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ଅଛି କି ଯଦି ନାଁ ତେବେ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡିକ ସାର୍ଟିଫିକେଟ ପାଇବାରେ ଅବହେଳା କରିବାର କାରଣ କଣ, ଏହି ସାର୍ଟିଫିକେଟ ପାଇବା ପାଇଁ କେଉଁ ବିଭାଗ ସହ ସଂପୃକ୍ତିର ଆବଶ୍ୟକତା ରହିଛି କେବେସୁଦ୍ଧା ଅଗ୍ନି ନିରାପତ୍ତା ସାର୍ଟିଫିକେଟ ପାଇବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି, ଯଦି ସମୟସୀମା ମଧ୍ୟରେ ସାର୍ଟିଫିକେଟ ନପାଆନ୍ତି ସରକାରଙ୍କ ସ୍ୱାସ୍ଥ୍ୟ ଅନୁଷ୍ଠାନ ପ୍ରତି କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ?

----

## ମୋବାଇଲ ସେବା ପ୍ରଦାନ

1802 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- UDAQ 2150 ତା .୦୨.03.26 ଉତ୍ତର ଆଧାରରେ ମୋବାଇଲ ସେବା ନଥିବା 1,237 ଟି ଗ୍ରାମକୁ ମୋବାଇଲ ସେବା ଯୋଗାଇ ଦିଆସରିଛି କି ; ଯଦି ହୋଇନାହିଁ ତେବେ କେତୋଟି ଗ୍ରାମ ବାକି ଅଛି ଏବଂ ଆଉ କେତୋଟି ମୋବାଇଲ ଟାୱାର କେଉଁ ଜିଲ୍ଲାର କେଉଁ ଗ୍ରାମରେ ସ୍ଥାପନା ପାଇଁ ବାକି ଅଛି ପ୍ରତ୍ୟେକ ଜିଲ୍ଲାରେ କେଉଁ ଟେଲିକମ ସଂସ୍ଥାଙ୍କ ଦ୍ୱାରା କାର୍ଯ୍ୟ କରାଯାଉଛି ତାର ଏକ ବିବରଣୀ ପ୍ରଦାନ କରିବେ କି; ଉପରୋକ୍ତ 1237 ଟି ଗ୍ରାମର କେତେ ଲୋକଙ୍କ ନିକଟରେ ଲୋକସଂଖ୍ୟା ଅନୁପାତରେ ମୋବାଇଲ ସେବା ଉପଲବ୍ଧ (ଟାୱାର ଥିବା ଗ୍ରାମ) ?

----

## ସାଇବର ଠକେଇ

1803 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର ତଥା ରାଜ୍ୟ ବାହାରର କେଉଁ ସ୍ଥାନମାନଙ୍କରେ ସାଇବର ଠକମାନେ ସେମାନଙ୍କ ରାକେର୍ଟ ଚଳାଇଥିବା ସରକାର ଜାଣିବାକୁ ପାଇଛନ୍ତି; ସାଇବର ସିଣ୍ଡିକେଟରେ କେଉଁ ପ୍ରଣାଳୀରେ ଠକେଇ କରୁଛନ୍ତି ଏବଂ ଠକେଇ ଟଙ୍କାକୁ କି ଉପାୟରେ ଉପଯୋଗ କରାଯାଉଛି; ଏହି କାର୍ଯ୍ୟରେ ରାଜ୍ୟର କେତେ ସଂଖ୍ୟକ ଯୁବକ ଯୁବତୀ ଓ ପୁରୁଷ ମହିଳା ସାମଲ ହୋଇଛନ୍ତି ?

----

## ଅଭିଯୋଗ ଫର୍ଦ୍ଦ ଦାଖଲ

1804 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଅଣତାରକା ପ୍ରଶ୍ନ 2053 ତା ୦୨ .03. 26 ଉତ୍ତର ଭିତିରେ ଏୟାରଫିଲଡ୍ ଥାନା ମାମଲା ସଂଖ୍ୟା 105 ତା 11.04. 2025 ରେ ଗିରଫ ହୋଇନଥିବା ପଳାତକ ଆଠଜଣ ଅଭିଯୁକ୍ତିଙ୍କୁ ଇତିମଧ୍ୟରେ ଗିରଫ କରାଗଲାଣି କି ; ଯଦି ହଁ ତେବେ ମାମଲାର ତଦନ୍ତ ଶେଷ କରାଯାଇ ଚୂଡ଼ାନ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି କି; ଯଦି ସମସ୍ତ ଅଭିଯୁକ୍ତ ଗିରଫ ନ ହୁଅନ୍ତି , ତେବେ ସେମାନଙ୍କ ବିରୁଦ୍ଧରେ ଅଭିଯୋଗଫର୍ଦ୍ଦ ଦାଖଲ କରାଯିବାପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଅଛି କି ?

----

## ଛତିକୁଡ଼ା ଛକରେ ହେଉଥିବା ଚୋରି ଡ଼କାୟତି ଅଭିଯୋଗ

1805 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛତିକୁଡ଼ା ଛକ (NH - 26) ଠାରେ ରାତିରେ 100 ରୁ ଅଧିକ ଟ୍ରକ ରହୁଥିବା ବେଳେ ଡ୍ରାଇଭର ମାନେ ଶୋଇଯିବା ସମୟରେ ବାରମ୍ବାର ଚୋରି ଓ ଡ଼କାୟତି ହେଉଥିବା ଘଟଣା, ଗତ ୧ ବର୍ଷ ମଧ୍ୟରେ ଛତିକୁଡ଼ା ଛକର ଏପରି କେତୋଟି ଚୋରି ଡ଼କାୟତି ଅଭିଯୋଗ ନର୍ଲା ଥାନାରେ ରୁଜୁ ହୋଇଛି ଓ କେତେଜଣ ଗିରଫ ହୋଇଛନ୍ତି ତାହାର ତାଲିକା ପ୍ରଦାନ କରିବେ କି; (ଖ) ଏହି ସ୍ଥାନରେ ରାତ୍ରିକାଳୀନ ପୋଲିସ ପେଟ୍ରୋଲିଂ ଓ ବିଟ ହାଉସ ବଦଳରେ ସ୍ଥାୟୀ ଫାଣ୍ଡି ସ୍ଥାପନ ପାଇଁ ସରକାର କଣ ପଦକ୍ଷେପ ନେବେ ?

----

## ମଞ୍ଜୁର ହୋଇଥିବା ଅନୁଦାନର ପରିମାଣ

1806 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ଆର୍ଥିକ ବର୍ଷ( 2019 - 20 ଠାରୁ 2024 - 25 ପର୍ଯ୍ୟନ୍ତ) ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟମିଶନ (NHM) ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ବର୍ଷୱାରୀ କେତେ ଅର୍ଥର ଅନୁଦାନ ମଞ୍ଜୁର କରାଯାଇଛି ଏବଂ ସେଥିରୁ ବର୍ଷୱାରୀ କେତେ ଅର୍ଥ କେଉଁ ବାବଦରେ ଖର୍ଚ୍ଚ କରାଯାଇଛି ?

----

## ସ୍ୱାସ୍ଥ୍ୟ କେନ୍ଦ୍ରକୁ ବରାଦ ହୋଇଥିବା ଅର୍ଥର ପରିମାଣ

1807 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ନର୍ଲା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ଓ Sub Centre ଗୁଡ଼ିକ ପାଇଁ ଗତ ୫ ବର୍ଷରେ ବର୍ଷୱାରୀ କେତେ ଅର୍ଥ ବରାଦ କରାଯାଇଛି, PHC, CHC, ଓ Sub Centre ତାଲିକା ପ୍ରଦାନ କରିବା ସହ ଅନୁଦାନ ଅର୍ଥ କେଉଁ କେଉଁ ବାବଦରେ ଖର୍ଚ୍ଚ କରାଯାଇଛି; ନର୍ଲା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ପ୍ରତ୍ୟେକ PHC, CHC, ଓ Sub Centre ରେ ଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ନୂତନ ଯନ୍ତ୍ରପାତି ଓ ସରଞ୍ଜାମ କ୍ରୟ କରାଯାଇଛି ଏବଂ ସେଥିପାଇଁ କେତେ ଅର୍ଥ ବ୍ୟୟ ହୋଇଛି ?

----

## CMSA ପାଣ୍ଠିର ପରିମାଣ

1808 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ 2024 ମସିହା ଠାରୁ ଆଜି ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାରେ CMSA ( Chief Minister's Special Assistance) ରାଶି /ପାଣ୍ଠି କେତେ ଦିଆଯାଇଛି ଏବଂ ନର୍ଲା ନିର୍ବାଚନ ମଣ୍ଡଳୀର କେତେ ପରିବାରକୁ ପାଣ୍ଠି ଦିଆଯାଇଛି ?

----

## ଡ଼ାଏଲେସିସ ମେସିନ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର

1809 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାର କେଉଁ କେଉଁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କିଡ଼ନୀ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଡ଼ାଏଲିସିସ ସେବା ଯୋଗାଇ ଦେବାପାଇଁ ସ୍ୱତନ୍ତ୍ର ଡ଼ାଏଲେସିସ ମେସିନ (ଉପଲବ୍ଧ) ସ୍ଥାପନ ହୋଇଅଛି ; (ଖ) ଦିନକୁ କେତେ ରୋଗୀ ଡ଼ାଏଲିସିସ ହେଉଛନ୍ତି ?

----

## ଅଗ୍ନିକାଣ୍ଡରେ ମୃତ ଓ ଆହତଙ୍କ ତାଲିକା

1810 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମାର୍ଚ୍ଚ, 2026 ରେ ଏସ.ସି.ବି. ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ କେତେଜଣ ରୋଗୀଙ୍କ ମୃତ୍ୟୁ ହୋଇଛି ଓ କେତେଜଣ ଆହତ ହୋଇଥିଲେ; ମୃତ ଓ ଆହତଙ୍କ ନାମ ତାଲିକା ସହ ସରକାରଙ୍କ ତରଫରୁ ଦିଆଯାଇଥିବା ଆର୍ଥିକ ସହାୟତା ରାଶି କେତେ କେବେ ପ୍ରଦାନ କରାଯାଇଛି ତାର ବିବରଣୀ ଦେବେ କି; (ଖ) ଅଗ୍ନିକାଣ୍ଡ ସମ୍ପର୍କିତ ରାଜ୍ୟ ସରକାରଙ୍କ ତରଫରୁ ଘୋଷିତ "ତଦନ୍ତ" ର ସ୍ଥିତି କଣ ଓ ଦାୟୀ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

## Number of persons killed in Mob

1811 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) How many persons have been killed in Mob lynching in the State since 2024 to till the date; Will the Govt furnish the details of information year -wise, reason of crime, person arrested & conviction rate; (b) How many persons have been attacked in Mob violance from 2024 to till the date; Will the Govt furnish the informatic year wise & person of crime, person arrested and conviction rate ?

----

### Number of case of missing of Women & Children

1812 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- (a) Howmany case of missing of Women & Children have been reported in the State from 2024 to till the date & recovery of victims by the police Deptt; Will the Govt. furnish the details of there on, success rate of recovery reason of crime, age groups of victims, persons arrested & racked if any busted and any upgradation of system to trace out the victim under " Anweshan"Program ?

----

### Status of allotment of GA Land

1813 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- (a) What is the status of allotment of GA land and financial assistance given to "Agharia Samaj "for construction of Community Centre at Bhubaneswar in 2023 by State Govt ; (b) What is the status of allotment of GA land and financial assistance given to Nikhil Odisha Meher Samaj for construction of community Center at Bhubaneswar in 2022 by the State Govt. and will the Govt furnish details of Land, financial assistance provided under CMSA & release of fund including progress of work of completion report of any ?

----

### Number of Police personals injured by the Sand Mafias

1814 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- Howmany Police personal have been attacked & injured by the Sand Mafias during raid conducted to control illegal Sand transformations ; Will the Govt furnish the details of case of attack year wise, district wise, no of sand mafia arrested & seizing of vehicle ?

----

### Number of Cases under prevention of atrocities Act

1815 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- Howmany cases under prevention of atrociaties ( SC & ST) Act. have been registered in various police station in the State since 2024 to till the date; Will the Govt. furnish the details including

no of cases, numbers of victims, person arrested, conviction rate, initiative of the Govt. for speedy trical and compensation given to victims if any year wise ?

----

## ଆସିଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ

1816 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆୟୁଷ୍ମାନ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କୁ ଆଡ଼ମିଶନ ଦେଉନଥିବା ଓ ହଇରାଣ କରୁଥିବା ସମ୍ପର୍କରେ କେଉଁ କେଉଁ ବେସରକାରୀ ହସ୍ପିଟାଲ ବିରୁଦ୍ଧରେ କେତେ ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି ଓ କାହା ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ?

----

## ଅର୍ଥ ପଇଠ ହସପିଟାଲୱାରୀ ତାଲିକା

1817 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆୟୁଷ୍ମାନ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଚିକିତ୍ସା ବାବଦକୁ ଭୁବନେଶ୍ୱର କଟକର କେଉଁ ହସ୍ପିଟାଲକୁ 2024 ରୁ ଆଜି ପର୍ଯ୍ୟନ୍ତ କେତେ ଅର୍ଥ ପଇଠ କରାଯାଇଛି; ହସ୍ପିଟାଲୱାରୀ, ରୋଗୀ ସଂଖ୍ୟା ଓ ଦିଆଯାଇଥିବା ଅର୍ଥରାଶିର ବିବରଣୀ ପ୍ରଦାନ କରିବେ କି ?

----

## PHC କୁ CHC ରେ ରୂପାନ୍ତର

1818 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋଣାର୍କରେ ଥିବା PHC କୁ CHC ରେ ରୂପାନ୍ତରିତ କରି ଏହାର Up- gradation ପାଇଁ କେବେ ସୁଦ୍ଧା ପଦକ୍ଷେପ ନେବେ ?

----

## ସୀମାନ୍ତ ଥାନା ସଂଖ୍ୟା

1819 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସୀମାନ୍ତ ଥାନା ସଂଖ୍ୟା କେତେ, କେଉଁଠାରେ, କେଉଁ ଜିଲ୍ଲାରେ, ସବଡ଼ିଭିଜନରେ ଅବସ୍ଥିତ, ଏହାର ସବିଶେଷ ବିବରଣୀ ଉପସ୍ଥାପିତ କରିବେ କି ; ଏହି ଥାନାଗୁଡ଼ିକ ଆଇନ ଶୃଙ୍ଖଳା ଦୃଷ୍ଟିରୁ ତଥା ଧନ ଜୀବନ ସୁରକ୍ଷିତ କରିବାକୁ କେଉଁ ନୀତି ଅବଲମ୍ବନ କରୁଛନ୍ତି ?

----

## ହେଉଥିବା Investigation ର ତଥ୍ୟ

1820 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ( RAIBANIA POLICE STATION) ରେ PS Case No. 43 / 2026 ରୁଜୁ ହୋଇଥିଲାବେଳେ ଏତଲାକାରୀଙ୍କୁ ନ୍ୟାୟନେବା ସକାଶେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କଣ ପଦକ୍ଷେପ ଗ୍ରହଣ କରାଯାଇଛି, Investigation କେଉଁ ସ୍ତରରେ କାହା ଉପରେ ଏହାର Investigation ଦାୟିତ୍ୱ ନ୍ୟସ୍ତ କରାଯାଇଛି ସରକାର ଏହାର ସବିଶେଷ, ତଥ୍ୟ ଉପସ୍ଥାପନ କରିବେ କି; ସଠିକ ତଦନ୍ତ ସକାଶେ ସରକାର କଣ ନିର୍ଦ୍ଦେଶ ଦେବେ ?

----

## ଫାଣ୍ଡି ପାଇଁ ଚାରିଚକିଆ ଗାଡ଼ି ବ୍ୟବସ୍ଥା

1821 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ବସ୍ତା ଥାନା ଅଧିନସ୍ଥ ଅମର୍ଦ୍ଦା ରୋର୍ଡ଼ ପୋଲିସ ଫାଣ୍ଡି ( Amarda Road Police Out post ) ରେ କେତେ ଜଣ କେଉଁ ଶ୍ରେଣୀର Staff କାର୍ଯ୍ୟରତ ଅଛନ୍ତି, ଆଉ କେତେ କର୍ମଚାରୀ ପଦ ଖାଲି ଅଛି, ସରକାର ଏହାର ସଠିକ ତଥ୍ୟ ଉପସ୍ଥାପନ କରିବେ କି ; ଅମର୍ଦ୍ଦାରୋଡ଼ଠାରେ ବହୁପୁରୁଣା ରେଳଷ୍ଟେସନ, ଦୋକାନ, ବଜାର ବୃଦ୍ଧି, ପୁରୁଣା ଡ଼ିଗ୍ରୀ ମହାବିଦ୍ୟାଳୟ, ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଅଞ୍ଚଳ ହୋଇଥିବା କାରଣରୁ, ବାଲେଶ୍ୱର ମୟୂରଭଞ୍ଜ ଜିଲ୍ଲା ମଧ୍ୟରୁ ସଦା ସର୍ବଦା ବସଚଳାଚଳ, ଜାତୀୟ ରାଜପଥ - ୬୦ ନମ୍ବର ଫାଣ୍ଡିଟି ଅତି ନିକଟ ହୋଇଥିବାରୁ ଏହି ଫାଣ୍ଡି ପାଇଁ ଏକ ଚାରିଚକିଆ ଗାଡ଼ି ଷ୍ଟାଫମାନଙ୍କ ବ୍ୟବହାର ସକାଶେ ଯୋଗାଇବେ କି ?

----

## ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ପ୍ରସ୍ତାବ

1822 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ଜଳେଶ୍ୱର ଥାନା / ବସ୍ତା ଥାନା ଅଧିନରେ କେତୋଟି ପୋଲିସ ଫାଣ୍ଡି ଅଛି, ସେ ଗୁଡ଼ିକ କେଉଁଠି, ନୂତନ ଫାଣ୍ଡି ପ୍ରତିଷ୍ଠାଲାଗି ସରକାରଙ୍କଠାରେ ପ୍ରସ୍ତାବ ଅଛି କି, ଥିଲେ କେଉଁଠି, ସେଥିମଧ୍ୟରୁ ଜଳେଶ୍ୱର ଥାନାଠାରୁ ୧୫ କି.ମି. ଦୂରତ୍ୱରେ ପଶ୍ଚିମବାଡ଼ଠାରେ (PASCHIMBAD) ଏକ ଫାଣ୍ଡି ପ୍ରତିଷ୍ଠାପାଇଁ ବହୁଦିନରୁ ଦାବୀ ଅନୁଯାୟୀ ସରକାର ବିଚାରକୁ ନେବେ କି ?

----

## ଧଳାଜହର/ମାଦକ ଦ୍ରବ୍ୟ ଜବଦ ଘଟଣା

1823 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ୨୦୨୬ ଜାନୁଆରୀ ଠାରୁ ଜଳେଶ୍ୱର ଥାନା ଅଞ୍ଚଳରେ କେଉଁ ପ୍ରକାର ଧଳାଜହର/ ମାଦକ ଦ୍ରବ୍ୟ ତଦନ୍ତ ପରିପ୍ରେକ୍ଷୀରେ କେତେ ସଂଖ୍ୟକ ବ୍ୟକ୍ତିଙ୍କଠାରୁ ଜବତ କରାଯାଇଛି, ଏଥିରେ ଆଇନଗତ ପଦକ୍ଷେପ କଣ ?

----

## Health Sub-Centre ନିର୍ମାଣ

1824 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ଯୋଜନା ଅନୁଯାୟୀ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ Health Sub Centre ନିର୍ମାଣ କରିବାକୁ ନୀତିଗତ ନିଷ୍ପତ୍ତି ଥିଲାବେଳେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ୨ ଟି ବ୍ଲକରେ ଏପର୍ଯ୍ୟନ୍ତ କେଉଁ ଗ୍ରାମ ପଞ୍ଚାୟତ କେଉଁଠାରେ Health Sub Centre କେନ୍ଦ୍ର ନିର୍ମାଣ କରାଯାଇ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ଏବଂ କେଉଁଠାରେ ନିର୍ମାଣ ହୋଇନାହିଁ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ; Health Sub Centre ନିର୍ମାଣ ହୋଇନଥିବା ଗ୍ରାମ ପଞ୍ଚାୟତରେ ଗୁଡିକରେ କେବେ ସୁଦ୍ଧା ନିର୍ମାଣ ହେବ ?

----

## ଗୃହ ନିର୍ମାଣ ଓ ମରାମତି ବାବଦରେ ପ୍ରଦାନ ଅର୍ଥର ପରିମାଣ

1825 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ PHC, CHC, SDH ର ନୂତନ ଗୃହ ନିର୍ମାଣ ଓ ମରାମତି ବାବଦରେ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ଗତ 2020 ମସିହାରୁ ଅଦ୍ୟାବଧି କେତେ ଅର୍ଥ ପ୍ରଦାନ କରାଯାଇଛି ଏବଂ ଉକ୍ତ ଅର୍ଥକୁ କେଉଁ କେଉଁ ଡାକ୍ତରଖାନାରେ ବିନିଯୋଗ କରାଯାଇଛି ତାହାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ଏବଂ ଚଳିତ ବର୍ଷ କେଉଁ କେଉଁ ଡାକ୍ତରଖାନାଗୁଡିକ ନୂତନ ଓ ମରାମତି ପାଇଁ ପ୍ରସ୍ତାବ ଅଛି ?

----

## ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର, ବିଶେଷ ଓ ପଦଖାଲି ପଡ଼ିଥିବା ସମ୍ପର୍କରେ

1826 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଅଧୀନରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (CHC) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (PHC) ଗୁଡିକରେ ବହୁ ଦିନ ଧରି ଡାକ୍ତର, ବିଶେଷଜ୍ଞ ଏବଂ ନର୍ସ ପଦ ଖାଲି ପଡିଥିବା ହେତୁ ରୋଗୀମାନେ ଚିକିତ୍ସା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେବା ସହ କଟକ ବା ଭୁବନେଶ୍ୱର ଉପରେ ନିର୍ଭର କରୁଥିବା ସରକାର ଜାଣନ୍ତି କି, ଏହି ପଦବୀ ଗୁଡିକ ପୂରଣ ପାଇଁ ବିଭାଗ ତରଫରୁ କି ପଦକ୍ଷେପ ନେଉଛନ୍ତି ?

----

## ଡ଼ାକ୍ତରଖାନାର ଭିତ୍ତିଭୂମି ଉନ୍ନୟନ

1827 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶନ କାର୍ଯ୍ୟକ୍ରମ ଜରିଆରେ କେନ୍ଦୁଝର ଜିଲ୍ଲାର କେଉଁ ସରକାରୀ ଡାକ୍ତରଖାନାର ଭିତ୍ତିଭୂମି ଉନ୍ନୟନ ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ବିନିଯୋଗରେ କେଉଁ କେଉଁ କାର୍ଯ୍ୟ ସମ୍ପାଦନ କରାଯାଇଛି ?

----

## ଆନନ୍ଦପୁର SDHରେ ମେଡ଼ିକାଲ ଗୃହ ନିର୍ମାଣ କାର୍ଯ୍ୟ

1828 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ଆନନ୍ଦପୁର SDH କୁ ପ୍ରତେକ ଦିନ ବହୁ ରୋଗୀ ଆସୁଛନ୍ତି, ରୋଗୀ ମାନେ ମେଡିକାଲର ବେଡ଼ ନ ପାଇଁ ତଳେ କିମ୍ବା,ବାରଣ୍ଡାରେ ସେବା କରାଯିବା କଥା ସରକାର ଅବଗତ ଅଛନ୍ତି କି; ଯଦି ଉତ୍ତର ହଁ, ତା ହେଲେ ଅଧିକ ସଂଖ୍ୟାରେ ବେଡ଼ ଯୋଗାଇଦେବାକୁ ବିଭାଗ କଣ ଯୋଜନା କରୁଛି ଜଣାଇବେ କି; (ଖ) SDHରେ ନିର୍ମାଣଧୀନ ମେଡିକାଲ ଗୃହ କେବେ ସୁଦ୍ଧା ସଂପୂର୍ଣ୍ଣ ହେବାର ଥିଲା, କେବେ ଏହା ସମ୍ପୂର୍ଣ୍ଣ ହେବ ଏହା ବିଳମ୍ବ ହେବାର କାରଣ କଣ ?

----

## କାର୍ଯ୍ୟରତ ଡ଼ାକ୍ତର ଓ କର୍ମଚାରୀଙ୍କ ତାଲିକା

1829 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାୟକାଣିଡିହ PHCର ସ୍ଥିତାବସ୍ଥା ସମ୍ପର୍କରେ ସରକାର ଜାଣନ୍ତି କି; ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବମୋଟ କେତେଜଣ ଡାକ୍ତର ତଥା କେତେଜଣ କର୍ମଚାରୀ କେଉଁ କେଉଁ ବିଭାଗରେ କାର୍ଯ୍ୟରତ ଅଛନ୍ତି ; (ଖ) ନାୟକାଣିଡିହ PHCରେ କେଉଁ ବିଭାଗରେ କେତେଜଣ ଡାକ୍ତର ପଦବୀ ଏବଂ କେଉଁ ବିଭାଗରେ କେଉଁ କେଉଁ କର୍ମଚାରୀ ପଦବୀ ଖାଲିପଡ଼ିଛି ତାହା ସରକାର ଜାଣନ୍ତି କି; ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ପୂରଣ ହେବ ଏବଂ ଉକ୍ତ PHCକୁ CHCରେ ପରିଣତ କରିବା ନିମନ୍ତେ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ଅଛି କି?

----

## ନୂତନ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲିବା ପାଇଁ ପ୍ରସ୍ତାବ

1830 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାସୁଦେବପୁରଠାରେ ନୂତନ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲିବା ନିମନ୍ତେ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ଅଛି କି; ଯଦି ଉତ୍ତର ହଁ ହୁଏ, ତେବେ କେବେ ଠାରୁ ଏହାର କାର୍ଯ୍ୟକ୍ରମ ଆରମ୍ଭ କରାଯିବ ?

----

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଓ କର୍ମଚାରୀଙ୍କ ତାଲିକା

1831 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତାବସ୍ଥା ସମ୍ପର୍କରେ ସରକାର ଜାଣନ୍ତି କି; ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବମୋଟ କେତେଜଣ ଡାକ୍ତର ତଥା କେତେଜଣ କର୍ମଚାରୀ କେଉଁ କେଉଁ ବିଭାଗରେ କାର୍ଯ୍ୟରତ ଅଛନ୍ତି ସେମାନଙ୍କର ନାମ ୱାରୀ ତାଲିକା ପ୍ରଦାନ କରିବେ କି; (ଖ) ବାରାପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କେଉଁ ବିଭାଗରେ କେତେଜଣ ଡାକ୍ତର ପଦବୀ ଏବଂ କେଉଁ ବିଭାଗରେ କେଉଁ କେଉଁ କର୍ମଚାରୀ ପଦବୀ ଖାଲିପଡ଼ିଛି; ତାହା କେବେ ସୁଦ୍ଧା ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ପୂରଣ ହେବ ?

----

## ବାଲିମେଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତରଙ୍କ ତାଲିକା

1832 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିମେଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତାବସ୍ଥା ସମ୍ପର୍କରେ ସରକାର ଜାଣନ୍ତି କି; ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବମୋଟ କେତେଜଣ ଡାକ୍ତର ତଥା କେତେଜଣ କର୍ମଚାରୀ କେଉଁ କେଉଁ ବିଭାଗରେ କାର୍ଯ୍ୟରତ ଅଛନ୍ତି ସେମାନଙ୍କର ନାମ ୱାରୀ ତାଲିକା ପ୍ରଦାନ କରିବେ କି; (ଖ) ବାଲିମେଦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କେଉଁ ବିଭାଗରେ କେତେଜଣ ଡାକ୍ତର ପଦବୀ ଏବଂ କେଉଁ ବିଭାଗରେ କେଉଁ କେଉଁ କର୍ମଚାରୀ ପଦବୀ ଖାଲିପଡ଼ିଛି; ତାହା କେବେ ସୁଦ୍ଧା ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ପୂରଣ ହେବ ?

----

## ମୋଟ ଡ଼ାକ୍ତର ଓ ନର୍ସିଂ ପଦବୀ ସଂଖ୍ୟା

1833 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଭଦ୍ରକ ଜିଲ୍ଲାରେ ଥିବା ସମସ୍ତ PHC, CHC, Area Hospital, SDH, DHHରେ ମୋଟ ଡାକ୍ତର ଓ ନର୍ସିଂ ପଦବୀ ସଂଖ୍ୟା କେତେ ଥିବାବେଳେ ବର୍ତ୍ତମାନ କେତେ ଜଣ, କେବେଠାରୁ କାର୍ଯ୍ୟ କରୁଛନ୍ତି ଓ କେତେ ପଦବୀ ଫାଙ୍କା ରହିଛି ତାର ଡାକ୍ତରଖାନାୱାରୀ ଏବଂ ପଦବୀୱାରୀ ତଥ୍ୟ ପ୍ରଦାନ କରିବେ କି; ଖାଲି ପଡିଥିବା ପଦବୀ ଗୁଡିକ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି; ଉକ୍ତ ଡାକ୍ତରଖାନା ଗୁଡିକରେ ରୋଗୀମାନଙ୍କ ନିମନ୍ତେ କେଉଁ କେଉଁ ସୁବିଧା ଉପଲବ୍ଧ କରାଯାଇଛି ?

----

## ନୂତନ ଆବଶ୍ୟକୀୟ କର୍ମଚାରୀ posting

1834 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ଥାନାରେ କର୍ମଚାରୀ ଅଭାବ ଥିବା ସରକାର ଜାଣନ୍ତି କି; ଯଦି ହଁ, ତେବେ କେଉଁ ବର୍ଗର କେତେ କେତେ କର୍ମଚାରୀ ଆବଶ୍ୟକତା ଠାରୁ କମ ଅଛନ୍ତି, ତାହା ଜଣାଇବା ସହ ପୋଲିସ ପ୍ରଶାସନକୁ ଠିକ ଭାବରେ ଚଳାଇବା ପାଇଁ କେବେ ସୁଦ୍ଧା ନୂତନ ଆବଶ୍ୟକୀୟ କର୍ମଚାରୀ Posting ଦେବେ ?

----

## ଅତିରିକ୍ତ Ambulance ଯୋଗାଇବା ପାଇଁ ପଦକ୍ଷେପ

1835 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଡାକ୍ତରଖାନା ଗୁଡିକରେ କେତୋଟି 108 Ambulance ନିୟୋଜିତ ଅଛି ଓ ଏଥିମଧ୍ୟରୁ କେତୋଟି BLS (Basic Life Support) ଓ କେତୋଟି ALS (Advanced Life Support) Ambulance, ତାହା ଜଣାଇବା ସହ ଏହି ଅଞ୍ଚଳର ଜନସଂଖ୍ୟା ଓ ଭୌଗୋଳିକ ଦୂରତା ଯୋଗୁଁ ଅନୁପାତରେ ପର୍ଯ୍ୟାପ୍ତ ହେଉ ନଥିବା ସରକାର ଜାଣନ୍ତି କି; ଯଦି ହଁ, ତେବେ ଅତିରିକ୍ତ Ambulance ଯୋଗାଇବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## Biometric / Face Reading ବ୍ୟବସ୍ଥା

1836 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ସିଏଚସିରେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀମାନେ ନିୟମିତ ଭାବେ ଓ ସଠିକ ସମୟରେ ଡାକ୍ତରଖାନାକୁ ଆସୁ ନଥିବାରୁ ରୋଗୀ ସେବା ବ୍ୟାଘାତ ହେଉଥିବା ଅଭିଯୋଗ ସରକାରଙ୍କ ନିକଟରେ ଅଛି କି ; ଯଦି ହଁ, ଏଗୁଡିକର ତଦାରଖ କରିବା ନିମନ୍ତେ Biometric/ Face Readingର ବ୍ୟବସ୍ଥା କରିବେ କି ?

----

## Cyber Fraudକୁ ରୋକିବା ନିମନ୍ତେ ପଦକ୍ଷେପ

1837 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ବହୁଳ ମାତ୍ରାରେ ଦେଖା ଯାଉଥିବା cyber fraud ବିଷୟରେ ସରକାର ଅବଗତ ଅଛନ୍ତି କି; ଯଦି ହଁ ତେବେ ସରକାର ଏହାକୁ ରୋକିବା ପାଇଁ କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ; ଗତ ୩ ବର୍ଷ ମଧ୍ୟରେ ଓଡ଼ିଶାରେ କେତେ cyber fraud ମାମଲା ରୁଜୁ ହୋଇଛି ଓ କେତେ ବ୍ୟକ୍ତି ଓ ସଂସ୍ଥାଙ୍କର କେତେ ଟଙ୍କା କ୍ଷତିଗ୍ରସ୍ତ ହୋଇଛି ଏବଂ କେତେ cyber ଠକ ଧରା ପଡିଛନ୍ତି ଓ ସେମାନଙ୍କ ଠାରୁ କେତେ ଟଙ୍କା ଉଦ୍ଧାର କରାଯାଇଛି ?

----

## Case କରିବା ପାଇଁ sanction ଲୋଡ଼ା ଯାଇଥିବା ସମ୍ପର୍କରେ

1838 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ୩ ବର୍ଷ ମଧ୍ୟରେ ଭିଜିଲାନ୍ସ ବିଭାଗ ତରଫରୁ କେତେ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ Case କରିବା ପାଇଁ ସରକାରଙ୍କର Sanction ଲୋଡ଼ା ଯାଇଛି ; ସେଥିମଧ୍ୟରୁ କେତେ ଜଣଙ୍କର Sanction ହୋଇଛି ?

----

## ୧୦୦ ଶଯ୍ୟା ବିଶିଷ୍ଟ medical ସମ୍ପ୍ରସାରଣ

1839 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

----

## ଉପାନ୍ତ ଅଞ୍ଚଳରେ ନିଶୁଳ୍କ ଆମ୍ବୁଲାନ୍ସ ସେବା

1840 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସମେତ କେନ୍ଦୁଝର ଜିଲ୍ଲାର ଅନେକ ପାହାଡିଆ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ/ହରିଜନ ଜନ ସାଧାରଣ ପ୍ରାୟ ଅଧିକାଂଶ ଆର୍ଥିକ ସ୍ୱଚ୍ଛଳତା ନଥିବାରୁ କୌଣସି ଲୋକର ସ୍ୱାସ୍ଥ୍ୟ ଖରାପ ହେଲେ ଆମ୍ବୁଲାନ୍ସ ସେବା ଓ କୌଣସି ଲୋକର ଅପମୃତ୍ୟୁ ହେଲେ ମହା ପ୍ରୟାଣ ଗାଡିର ସେବା ବ୍ୟବସ୍ଥା ପାଇ ପାରୁ ନାହାନ୍ତି, ଏଣୁ, ଜିଲ୍ଲାର ଉପାନ୍ତ ଅଞ୍ଚଳର ଜନସାଧାରଣ କିପରି ନିଶୁଳ୍କ ଆମ୍ବୁଲାନ୍ସ ସେବା ଓ ମହା ପ୍ରୟାଣ ଗାଡି ସୁବିଧାରେ ପାଇ ପାରିବେ ?

----

## ଦୁର୍ଗମ ଅଞ୍ଚଳରେ ନେଟୱାର୍କ ସେବା

1841 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସମେତ କେନ୍ଦୁଝର ଜିଲ୍ଲାରେ ଅନେକ ସ୍ଥାନରେ mobile Tower ସ୍ଥାପନ କରାଯାଇଥିଲେ ମଧ୍ୟ ଟାୱାରର ନେଟୱାର୍କ କାର୍ଯ୍ୟକ୍ଷମତାର ଦୂରତା ଆକଳନ ଅଭାବରୁ ଦୁର୍ଗମ ଅଞ୍ଚଳ ଓ ଅନେକ ସ୍ଥାନରେ ପ୍ରାୟ ନେଟ ୱାର୍କ ଆସୁନଥିବା ଦୃଷ୍ଟି ଗୋଚର ହେଉଅଛି, ଯାହା ଫଳରେ ଛାତ୍ର/ଛାତ୍ରୀ ଶିକ୍ଷାଲାଭରୁ ବଞ୍ଚିତ ହେବା ସହିତ ସାଧାରଣ ଜନତା ହୀନସ୍ତା ଭୋଗୁଥିବା ବିଷୟରେ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଆସିଥାଏ ତେବେ, କେନ୍ଦୁଝର ଜିଲ୍ଲାର ଦୁର୍ଗମ ଅଞ୍ଚଳରେ କିପରି ନେଟୱାର୍କ ଭଲ ରହିବ ସେ ଦିଗରେ ଧ୍ୟାନଦେଇ ଯଥେଷ୍ଟ ସଂଖ୍ୟକ mobile Tower ସ୍ଥାପନ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ବିଭାଗ ଦ୍ୱାରା ହେଉଥିବା କାର୍ଯ୍ୟ ଓ ବ୍ୟୟ ସମ୍ପର୍କରେ

1842 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗ ଅନ୍ୟ ସମସ୍ତ ବିଭାଗଙ୍କ ସହିତ ସମନ୍ୱୟ ରକ୍ଷା କରିବା କାର୍ଯ୍ୟ ତୁଳାଇବା ବ୍ୟତୀତ ଅନ୍ୟ କେଉଁ କେଉଁ କାର୍ଯ୍ୟଉକ୍ତ ବିଭାଗ ଦ୍ୱାରା ସମ୍ପାଦାନ କରାଯାଇ ଥାଏ ଏବଂ ଏଥି ନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇ ଥାଏ ?

----

## ଅବ୍ୟବହୃତ ଜମିକୁ ଭୂମିହୀନଙ୍କୁ ବଣ୍ଟନ

1843 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସମେତ କେନ୍ଦୁଝର ଜିଲ୍ଲାରେ ସାଧାରଣ ପ୍ରଶାସନ ବିଭାଗର କେତେ ଗୋଟି ମୂଲ୍ୟବାନ ପ୍ଲଟ ଓ କେତେ ପରିମାଣର ଜମି ଚିହ୍ନଟ କରାଯାଇ ଅଛି ଏବଂ ସେହି ପ୍ଲଟ ବା ଜମିରେ କେଉଁ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ରଖା ଯାଇଅଛି, ଯଦି ଏଭଳି କୌଣସି ସାଧାରଣ ବିଭାଗର ଜମି ବ୍ୟବହାର ନହୋଇ ପଡି ରହିଥାଏ, ତେବେ, ଉକ୍ତ ଜମିକୁ ଜିଲ୍ଲାର ଭୂମିହିନ ଗରିବ ପ୍ରଜାଙ୍କୁ ଆବଣ୍ଟନ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଇ-ମେଲ୍ ଚିଠିଗୁଡିକ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ

1844 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ः**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ସୂଚନା ପ୍ରଯୁକ୍ତି ବିଦ୍ୟାକୁ ଗୁରୁତ୍ୱ ଦେଇ କାଗଜ ବିହୀନ ପ୍ରଶାସନିକ ବ୍ୟବସ୍ଥା ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରୁଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତା, ବିଭିନ୍ନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗୟ ସଚିବ, ନିର୍ଦ୍ଦେଶାଳୟ, ଜିଲ୍ଲା ଓ କ୍ଷେତ୍ର କାର୍ଯ୍ୟାଳୟକୁ ଆସୁଥିବା ଇ-ମେଲ ଚିଠିଗୁଡିକୁ ନିରନ୍ତର ଯାଞ୍ଚ କରି ତାହାକୁ ଅନୁଧ୍ୟାନ କରି ଏହାକୁ OSWAS/E-Mail ମାଧ୍ୟମରେ ଡାଇରୀ କରିନଥିଲେ ପେଶ କରି ତାହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ପ୍ରାପ୍ତି ସ୍ୱୀକାର କରିଥିବାର ବିବରଣୀ

1845 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ः**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2024 ଜୁନ ମାସଠାରୁ 2026 ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ କେଉଁ କେଉଁ ମାନ୍ୟବର ବିଧାୟକ, ସାଂସଦ, ମାନ୍ୟବର ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳନେତା, ବିଭିନ୍ନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବ, ନିର୍ଦ୍ଦେଶକ, ଜିଲ୍ଲାପାଳ ଓ ସମସ୍ତ କ୍ଷେତ୍ର କାର୍ଯ୍ୟାଳୟକୁ ଡାକ ଯୋଗେ, ସ୍ୱ ହସ୍ତରେ, ଇ-ମେଲ୍ ଯୋଗେ ପ୍ରଦାନ କରିଥିବା ପତ୍ରକୁ ଗ୍ରହଣ କରି ତାହା ଉପରେ ବୁକ୍ ସର୍କୁଲାର 47 ଆଧାରରେ କେତେଗୋଟି ପତ୍ରର ପ୍ରାପ୍ତୀ ସ୍ୱୀକାର ଓ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରିଛନ୍ତି, ତାହାର ତଥ୍ୟ ପ୍ରଦାନ କରିବା ସହ ମାନ୍ୟବର ବିଧାୟକମାନଙ୍କ ପତ୍ରକୁ ସ୍ୱତନ୍ତ୍ର ଭାବରେ ପଞ୍ଜିକୃତ କରି ତାହା ଉପରେ ପ୍ରାପ୍ତି ସ୍ୱୀକାର ଓ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରିବେ କି ?

----

## ବିଳମ୍ବ କରୁଥିବା ଅଧିକାରୀଙ୍କ ଠାରୁ ଏହି ସୁଧ ଆଦାୟ ପାଇଁ ବ୍ୟବସ୍ଥା

1846 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ସରକାରୀ କର୍ମଚାରୀମାନଙ୍କ ପେନସନ୍ ମଞ୍ଜୁରୀ 1 ବର୍ଷ ବିଳମ୍ବିତ ହେଲେ ତାହା ଉପରେ ସାତ ପ୍ରତିଶତ ସୁଧ ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ଏହି ସୁଧ ପେନସନ୍ ମଞ୍ଜୁରୀରେ ବିଳମ୍ବ କରୁଥିବା ଅଧିକାରୀଙ୍କଠାରୁ ଆଦାୟ ପାଇଁ ବ୍ୟବସ୍ଥା କରିବେ କି, (ଖ) ଅବସର ଗ୍ରହଣ ଦିନ ସମସ୍ତ ସରକାରୀ କର୍ମଚାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ, ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀଙ୍କ ପୂର୍ଣ୍ଣାଙ୍ଗ ପେନସନ୍ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ ମଞ୍ଜୁର ପାଇଁ କଠୋର ନିଷ୍ପତ୍ତି ଗ୍ରହଣ କରିବେ କି ?

----

## ଭଡାରେ ରହୁଥିବା ବ୍ୟକ୍ତିଙ୍କ ତଥ୍ୟ ନିକଟସ୍ଥ ଥାନାରେ ପ୍ରଦାନ

1847 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବାହାର ରାଜ୍ୟର ଅପରାଧୀମାନେ ପ୍ରବେଶ କରି ଘର ଭଡା ନେଇ ଅପରାଧ ସଂଘଟିତ କରୁଥିବା ପରିପ୍ରେକ୍ଷୀରେ ରାଜଧାନୀ ଭୁବନେଶ୍ୱର ସହିତ ସମସ୍ତ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ଘର ଭଡା ନେଇ ରହୁଥିବା ବ୍ୟକ୍ତିଙ୍କ ତଥ୍ୟ ନିକଟସ୍ଥ ଥାନାରେ ପ୍ରଦାନ ବାଧ୍ୟତାମୂଳକ କରିବେ କି, (ଖ) ରାଜ୍ୟରେ ରାତ୍ରକାଳୀନ ଅପରାଧ ବୃଦ୍ଧି ହେଉଥିବା ପରିପ୍ରେକ୍ଷୀରେ ରାତ୍ରିରେ ଯାତାୟତ କରୁଥିବା ବ୍ୟକ୍ତିମାନଙ୍କୁ ନିଜ ପାଖରେ ପରିଚୟ ରଖିବା ବାଧ୍ୟତାମୂଳକ କରିବେ କି ?

----

## ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି

1848 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଟଣୀ ନିର୍ବାଚନ ମଣ୍ଡଳୀରେ ଥିବା ଚନ୍ଦକା, ମେଣ୍ଢାଶାଳ ଡାକ୍ତରଖାନା ସହ ଅନ୍ୟ ଡାକ୍ତରଖାନାମାନଙ୍କରେ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ, ଡାକ୍ତର ଓ ଅନ୍ୟ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଆବଣ୍ଟିତ ଅର୍ଥରୁ ହୋଇଥିବା ଖର୍ଚ୍ଚର ପରିମାଣ

1849 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚଳିତ ଆର୍ଥିକ ବର୍ଷରେ ବିଭାଗ ଦ୍ୱାରି ଆବଣ୍ଟିତ ହୋଇଥିବା ଅର୍ଥରୁ କେତେ ଅଦ୍ୟାବଧି ଖର୍ଚ୍ଚ ହୋଇଛି ଏବଂ ତାହା କେତେ ପ୍ରତିଶତ ଉଭୟ ପ୍ରଶାସନିକ ଓ କାର୍ଯ୍ୟକ୍ରମ ବ୍ୟୟର ତଥ୍ୟ ପ୍ରଦାନ କରିବେ କି, ବିଗତ ୨ ଆର୍ଥିକ ବର୍ଷରେ ଠିକ ଏହି ସମୟରେ ବିଭାଗ ଦ୍ୱାରି କେତେ ଅର୍ଥ ବ୍ୟୟ କରାଯାଇଥିଲା ତାହାର ଏକ ପରିସଂଖ୍ୟାନ ଓ ତୁଳନାତ୍ମକ ଚିତ୍ର ପ୍ରଦାନ କରିବେ କି ?

----

## OP ଏବଂ ପୋଲିସ ଅନୁଷ୍ଠାନ ଗୁଡିକର ଉନ୍ନତିକରଣ

1850 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଉନ ଥାନା ସମେତ ବିଭିନ୍ନ OP ଏବଂ ପୋଲିସ ଅନୁଷ୍ଠାନ ଗୁଡିକର ଉନ୍ନତିକରଣ ପାଇଁ କଣ ସବୁ ପ୍ରସ୍ତାବ ରହିଛି ବା ଦିଆଯାଇଛି; ବର୍ତ୍ତମାନ ଉକ୍ତ ପ୍ରସ୍ତାବ ଗୁଡିକର ସ୍ଥିତାବସ୍ଥା କଣ, ପ୍ରସ୍ତାବ ୱାରୀ, ଅର୍ଥ ତଥା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କାର୍ଯ୍ୟ ୱାରି ଏକ ତଥ୍ୟ ପ୍ରଦାନ କରିବେ କି ?

----

## Orthopedic ବିଭାଗ କାର୍ଯ୍ୟକ୍ଷମରେ ବିଳମ୍ବ

1851 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ building ଥାଇ ମଧ୍ୟ Orthopedic ବିଭାଗ କାର୍ଯ୍ୟକ୍ଷମ ନହେବାର କାରଣ କଣ, କେବେ ସୁଦ୍ଧା ଉକ୍ତ ବିଭାଗ କାର୍ଯ୍ୟକ୍ଷମ ହେବ ତାହାର ନିର୍ଦ୍ଦିଷ୍ଟ ତାରିଖ ଦେବେ କି, Ortho ସମେତ ENT ଓ ଅନ୍ୟାନ୍ୟ ବିଭାଗ ପାଇଁ DHH ପକ୍ଷରୁ ବିଭାଗକୁ ଯେଉଁ ଆବଶ୍ୟକ ଉପକରଣ ପାଇଁ ଅନୁରୋଧ ଦିଆଯାଇଥିଲା ବର୍ତ୍ତମାନ ସୁଦ୍ଧା ଉକ୍ତ ଉପକରଣ ସମସ୍ତ ଯୋଗାଇ ନଦେବାର କାରଣ କଣ, କେବେ ସୁଦ୍ଧା ଉପକରଣ ଗୁଡ଼ିକ ବିଭାଗ hospital କୁ ପ୍ରଦାନ କରିବ ?

----

## Peripheral ମେଡିକାଲ ପାଇଁ ଆସିଥିବା ଅର୍ଥର ବିବରଣୀ

1852 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଓ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ peripheral ମେଡିକାଲ ପ୍ରତିଷ୍ଠାନ ଗୁଡିକ ପାଇଁ କେଉଁ head/ କାର୍ଯ୍ୟ ପାଇଁ ବିଭାଗ ତରଫରୁ କେତେ ଅର୍ଥ ଆସିଛି, (ଖ) NHM ପକ୍ଷରୁ ନୂତନ staff quarter ଓ PIP ପ୍ଲାନ୍ ଅନୁଯାଇ ନୂତନ surgery ward ସମତେ DHHରେ ବିଭିନ୍ନ building ନିର୍ମାଣ କରିବା ପାଇଁ କଣ ପ୍ରସ୍ତାବ ସବୁ ଦିଆଯାଇଥିଲା ତାହାର ଏକ ତାଲିକା ପ୍ରଦାନ କରିବେ କି, ଉକ୍ତ ପ୍ରସ୍ତାବ ଗୁଡିକୁ ମଞ୍ଜୁର କରିବା ପାଇଁ ଏତେ ବିଳମ୍ୱ ହେବାର କାରଣ କଣ ଓ ଚଳିତ ବର୍ଷ ଉକ୍ତ ପ୍ରସ୍ତାବ ମଧ୍ୟରୁ କେଉଁ କେଉଁ ପ୍ରସ୍ତାବ କେତେ ଅର୍ଥ ବ୍ୟୟରେ ପାରିତ ହୋଇଛି ?

----

## ନୂତନ PHC ଓ CHC ଅନୁମୋଦନରେ ବିଳମ୍ବ

1853 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨ବର୍ଷ ମଧ୍ୟରେ ଓଡ଼ିଶାରେ ନୂତନ PHC ଓ CHC ଅନୁମୋଦନ ନହେବାର କାରଣ କଣ, ଚଳିତ ବର୍ଷ ନୂତନ PHC ଓ CHC ଖୋଲିବା ପାଇଁ ସରକାର ବିଚାର କରିବେ କି, ଏହି ମର୍ମରେ ଅଦ୍ୟାବଧି ବାଲେଶ୍ୱର ଜିଲ୍ଲାରେ ନୂତନ PHC ଓ CHC ପାଇଁ ସରକାର ପାଖରେ ପ୍ରସ୍ତାବ ଅଛି ?

----

## ଅଣ ବ୍ୟବହୃତ ପାଣ୍ଠିର ବିଭାଗୱାରୀ ବିବରଣୀ

1854 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଆର୍ଥିକ ବର୍ଷରେ ଘୋଷଣା କରାଯାଇଥିବା ବିଭିନ୍ନ ଯୋଜନା ବଜେଟ୍ ଅନୁଦାନର ଏଯାବତ୍ କେତେ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି ଏବଂ କେଉଁ ବିଭାଗରେ ଅଣ-ବ୍ୟବହୃତ ପାଣ୍ଠି (unspent balance) କେତେ ରହିଛି ତାର ବିଭାଗୱାରୀ ଏକ ବିବରଣୀ ଉପସ୍ଥାପନା କରିବେ କି, (ଖ) ରାଜ୍ୟର ମୁଣ୍ଡପିଛା ଋଣହାର (Per Capital Debt) ବର୍ତ୍ତମାନ କେତେ ଏବଂ ରାଜ୍ୟର ମୋଟ ଋଣ ପରିମାଣ କେତେ ଟଙ୍କାରେ ପହଞ୍ଚିଛି ଜଣାଇବା ସହ 'ସୁଭଦ୍ରା' ଯୋଜନା ପାଇଁ ସ୍ୱତନ୍ତ୍ରଭାବେ କେତେ ଋଣ ହୋଇଛି ଏବଂ କେତେ ଅର୍ଥ ରାଜ୍ୟ ସରକାର ବହନ କରିଛନ୍ତି ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ?

----

## ଅନୁମୋଦିତ Entry Level ଡାକ୍ତର ପଦବୀ ସଂଖ୍ୟା

1855 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବର୍ତ୍ତମାନ ରାଜ୍ୟରେ କେତେ ସଂଖ୍ୟକ ଅନୁମୋଦିତ Entry Level ଡାକ୍ତର ପଦବୀ ଅଛି ଏବଂ ସେଥିମଧ୍ୟରୁ ଖାଲିଥିବା ଡାକ୍ତରୀ ପଦବୀଙ୍କ ସଂଖ୍ୟା କେତେ, ଏହାକୁ କେବେସୁଧା ପୂରଣ କରାଯିବ ଏବଂ ଏଥିପାଇଁ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି, (ଖ) ରାଜ୍ୟରେ କଲେଜୱାରୀ ଖାଲିଥିବା ଡାକ୍ତରୀ ପଦବୀ ସଂଖ୍ୟା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ୱାରୀ ପ୍ରଦାନ କରିବେ କି, ଗତ ତିନି ବର୍ଷରେ ରାଜ୍ୟରେ ବିଭିନ୍ନ ମେଡିକାଲ କଲେଜରୁ ଉତ୍ତୀର୍ଣ୍ଣ ହୋଇଥିବା MBBS ତଥା ସ୍ନାତକୋତ୍ତର ଡାକ୍ତରଙ୍କ ସଂଖ୍ୟା କେତେ ଏବଂ ତନ୍ମଧ୍ୟରୁ କେତେଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି, ଗତ ତିନି ବର୍ଷରେ Entry Level ପଦବୀରେ ନିଯୁକ୍ତି ଦିଆଯାଇଥିବା ଡାକ୍ତରଙ୍କ ସଂଖ୍ୟା କେତେ ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## PMU ଏବଂ TSUର ସଂପୂର୍ଣ୍ଣ ବିଭାଗୱାରୀ ସୂଚନା

1856 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ପାଞ୍ଚ ବର୍ଷରେ ଓଡିଶାରେ ବିଭିନ୍ନ ବିଭାଗ ଅଧୀନରେ କେତେଗୋଟି Project Monitoring Unit (PMU) ଏବଂ Technical Support Unit (TSU) କାର୍ଯ୍ୟ କରୁଅଛି, ସରକାରଙ୍କ ନୂତନ ନୀତି ଅନୁସାରେ ଏହି ପରାମର୍ଶଦାତା ସଂସ୍ଥାଗୁଡିକର ସେବା କମ କରିବା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଉଛି, ଗତ ପାଞ୍ଚ ବର୍ଷରେ ସରକାର ନିଯୁକ୍ତ କରିଥିବା PMU ଏବଂ TSUର ସଂପୂର୍ଣ୍ଣ ସୂଚୀ ବିଭାଗୱାରୀ ପ୍ରଦାନ କରିବା ସହ ଏବଂ ପ୍ରତ୍ୟେକଙ୍କ ମୂଳ କାର୍ଯ୍ୟ ଅବଧି କାଳ ଏବଂ ତାଙ୍କୁ ପ୍ରଦାନ କରାଯାଉଥିବା ପରାମର୍ଶ ଫି (Consulting Fee), ତାଙ୍କ ସେବା ନିବୃତି କାଳର ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି ?

----

## ଦେଇଥିବା Administrative Approval ର ସ୍ଥିତି

1857 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୂର୍ତ୍ତ ବିଭାଗ SE, Charabatia ଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୮୨୬ ତା.୦୩.୦୮.୨୦୨୬ ରେ SDH, Athagad ର 2 କେତୋଟି Estimate of Administrative Approval & Placement of Funds ପାଇଁ ଦେଇଛନ୍ତି, ସେଗୁଡିକର ବର୍ତ୍ତମାନର ସ୍ଥିତି କ'ଣ ଏବଂ ସେଗୁଡିକୁ ପୂର୍ତ୍ତ ବିଭାଗକୁ କେବେ ଅର୍ଥ ପ୍ରଦାନ କରାଯିବ ?

----

## CHC, PHC ରେ ପଦବୀ ପୂରଣ

1858 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ଓ ତାର ଅଧିନରେ କେଉଁ CHC, PHC ଗୁଡିକରେ ଅଦ୍ୟାବଧି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ନର୍ସିଂଷ୍ଟାଫ୍ କେତେ ଆବଶ୍ୟକ ଥିବା ସ୍ଥଳେ କେତେ ଜଣରେ କାର୍ଯ୍ୟ ତୁଲାଉଛନ୍ତି ତାର ଏକ ତାଲିକା ଦେବାସହ ସେଗୁଡିକ କେବେ ସୁଦ୍ଧା ପୁରଣ କରାଯିବ ଜଣାଇବେ କି, (ଖ) SDH ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଡାକ୍ତରାଖାନାରେ ଡାକ୍ତର ପଦବୀ ଖାଲିଥିବା ସ୍ଥଳେ SYBS ମାନଙ୍କରେ ବିଭାଗ ତରଫରୁ ଡାକ୍ତର ପଦବୀ ପୂରଣ କରାଯାଉଅଛି, ଏହାଦ୍ୱାରା SDH ର ମାନ ଓ ରୋଗୀଙ୍କ ବିଶ୍ୱାସ ହରାଇବା ଦୃଷ୍ଟିରୁ ନିଯୁକ୍ତି କ୍ଷେତ୍ରରେ POHC/CHC ଅପେକ୍ଷା SDHକୁ ପ୍ରାଥମିକତା ଦେବାର ବ୍ୟବସ୍ଥା କରିବେ କି, SDH Athagad ରେ ଆଇସିୟୁ ଖୋଲିବା ପାଇଁ ପଦକ୍ଷେପ ନେବେ କି ?

----

## କର୍ମଚାରୀଙ୍କ ଅବସର ପୂର୍ବରୁ ଆନୁସଙ୍ଗିକ ସୁବିଧା ପ୍ରଦାନ ପାଇଁ ପଦକ୍ଷେପ

1859 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାରୀ କର୍ମଚାରୀଙ୍କ ଅବସର ପୂର୍ବରୁ ସେମାନଙ୍କ ବିରୁଦ୍ଧରେ ଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ଣ୍ଣାଙ୍ଗ କରିବା ସହିତ ସେମାନଙ୍କ ବେତନ ନିର୍ଦ୍ଧାରଣ, ଆନୁସଙ୍ଗିକ ସୁବିଧା ପ୍ରଦାନ ସୁବ୍ୟବସ୍ଥିତ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## CCTV କ୍ୟାମେରା ମୁତୟନ ପାଇଁ ବ୍ୟବସ୍ଥା

1860 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ଥାନା ଓ ଫାଣ୍ଡିଗୁଡିକରେ CCTV କ୍ୟାମେରା ଲଗାଇବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି କି, ଉତ୍ତର ହଁ ହେଲେ CCTV କ୍ୟାମେରା ଖରାପ ହେଲେ ତାହାକୁ ଅବିଳମ୍ବେ ମରାମତି କରିବା ସହ ଥାନାରେ FIR ଦେବାବେଳେ ଓ Investigation ସମୟରେ ପ୍ରତ୍ୟେକ ଥାନାରେ CCTV କୁ ଜାଗ୍ରତ ପ୍ରହରୀ ଭାବେ ପ୍ରବର୍ତ୍ତନ ବ୍ୟବସ୍ଥା କରିବେ କି ?

----

## OSWAS ମାଧ୍ୟମରେ ନଥି କାର୍ଯ୍ୟ

1861 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଲୋକସେବା ଭବନଠାରୁ ଆରମ୍ଭ କରି କ୍ଷେତ୍ର କାର୍ଯ୍ୟାଳୟ ପର୍ଯ୍ୟନ୍ତ OSWAS ମାଧ୍ୟମରେ ନଥି କାର୍ଯ୍ୟ ସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଅନୁଦାନ ପ୍ରଦାନର କାର୍ଯ୍ୟକାରୀତା

1862 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ରାସ୍ତା ଦୁର୍ଘଟଣା ଓ ଆକସ୍ମିକ ମୃତ୍ୟୁର ଶୀକାର ବ୍ୟକ୍ତିମାନଙ୍କ ପରିବାରର ନିରାପତ୍ତା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସାର୍ବଜନୀନ ଭାବେ ଚାରି ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଶିଶୁ ଭବନରେ ପଦବୀ ପୂରଣ

1863 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- SCB Medical College & Hospital, Acharya Harihar Cancer Institute, S.B. Patel ଶିଶୁ ଭବନରେ ମଞ୍ଜୁରୀପ୍ରାପ୍ତ କେଉଁ ବିଭାଗରେ କେଉଁ ବର୍ଗର ଅଧ୍ୟାପକ, ଡାକ୍ତର ପଦବୀରୁ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଦନ୍ତ ଚିକିତ୍ସକଙ୍କ ସଂଖ୍ୟା

1864 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଧୁନା କେତେଜଣ ଦନ୍ତ ଚିକିତ୍ସକ (Dentist) ଅଛନ୍ତି ଓ କେତେ ଦନ୍ତ ଚିକିତ୍ସକ ପଦବୀ ଖାଲି ପଡିଛି, କେତେଜଣ ଦନ୍ତ ଚିକିତ୍ସିକ କୋର୍ସ complete ପରେ ନିଯୁକ୍ତି ପାଇଁ ଅପେକ୍ଷାରେ ଅଛନ୍ତି ଓ ସରକାର ସେମାନଙ୍କ ପାଇଁ କଣ ବ୍ୟବସ୍ଥା କରିଛନ୍ତି, 2016 ମସିହାରୁ OPSC ଦ୍ୱାରା selection ହୋଇ posting ହୋଇଥିବା ଦନ୍ତ ଚିକିତ୍ସକ ମାନଙ୍କର ପଦୋନ୍ନତି ବିଷୟରେ ସରକାର କଣ ଚିନ୍ତା କରୁଛନ୍ତି ଓ କେବେ ସେମାନଙ୍କୁ ପଦନ୍ନୋତି (Promotion) ମିଳିବ ?

----

## ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ନିର୍ମାଣ

1865 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କନ୍ଧମାଳ ଜିଲ୍ଲାରେ ସବୁ ଗାଁକୁ ମୋବାଇଲ ନେଟୱାର୍କ ଉପଲବ୍ଧ ହେଉ ନଥିବାରୁ ଲୋକମାନଙ୍କର ଅସୁବିଧା ଦୂର କରିବାକୁ ସମସ୍ତ ଦୁର୍ଗମ ଅଞ୍ଚଳରେ ପାହାଡ ଜଙ୍ଗଲ ଅଞ୍ଚଳ ମାନଙ୍କରେ ମୋବାଇଲ ଟାୱାର ବସାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ କି ?

----

## EV ଗାଡି କିଣିବାପାଇଁ ଆବେଦନକାରୀଙ୍କ ସଂଖ୍ୟା

1866 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ 2026 January 1 ତାରିଖରୁ 2026 March 31 ମଧ୍ୟରେ କେତୋଟି ଚାରିଚକିଆ EV ଗାଡି ଓ କେତୋଟି 2 ଚକିଆ EV ଗାଡି କିଣିବାକୁ ଋଣ ପାଇବାପାଇଁ ଆବେଦନ କରିଛନ୍ତି ଓ ସରକାର କେତେ ଋଣ କେଉଁ କେଉଁ ଗାଡି ପାଇଁ ଅନୁମୋଦନ କରିଛନ୍ତି, EV ଗାଡି କିଣିଲେ ସରକାର କେତେ ଟଙ୍କାର Subsidy ଦେଇଛନ୍ତି ଓ ସରକାରୀ ଅନୁମୋଦନ ଅନୁସାରେ କେଉଁ କେଉଁ କମ୍ପାନୀର EV ଗାଡି କିଣିବାକୁ ପଡିଥାଏ ?

----

## ଖାଲିଥିବା ପଦବୀ ସଂଖ୍ୟା

1867 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ମୋଟ କେଉଁ କେଉଁ ପଦବୀରେ କେତେ ସଂଖ୍ୟାରେ Police କର୍ମଚାରୀ ଓ ଅଫିସର Post କେବେଠାରୁ Vacancy ଅଛି ଓ ସରକାର କେତେ ଖାଲି ପଦବୀ ପୁରଣ କରିବେ ସେହିଭଳି କେତେ ଅଗ୍ନିଶମ କର୍ମଚାରୀ, Home Guard ପଦଖାଲି ଅଛି ସରକାର କେତୋଟି ନୂତନ ବାଟାଲିଅନ୍ (Battalion) ପାଇଁ ମଞ୍ଜୁରୀ ପଦବୀ କରିଛନ୍ତି ଓ ସେଥିରେ କେବେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ?

----

## ଅପରାଧ ନିୟନ୍ତ୍ରଣ କରିବାପାଇଁ ଖାଲିଥିବା ପଦବୀ ପୂରଣ

1868 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ ଥିବା ଥାନା ଓ ଫାଣ୍ଡି ମାନଙ୍କର ମଞ୍ଜୁରୀପ୍ରାପ୍ତ ପଦବୀ କେତେ ଅଛି ଓ ତନ୍ମଧ୍ୟରୁ କେଉଁ ବର୍ଗର କେତେ ପଦବୀ ଖାଲି ପଡିଛି ଜଣାଇବା ସହିତ ଅପରାଧ ନିୟନ୍ତ୍ରଣ କରିବାପାଇଁ ଖାଲି ପଡିଥିବା ପଦବୀ ଗୁଡିକ ପୁରଣ ନିମନ୍ତେ ପଦକ୍ଷେପ ନେବେ କି ?

----

## କର୍ମଚାରୀଙ୍କ ପାଇଁ ବାସଗୃହ ନିର୍ମାଣ

1869 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ ଥିବା ସମସ୍ତ CHC/PHC ସମସ୍ତ କର୍ମଚାରୀମାନେ ନିରନ୍ତର ସେବା ଯୋଗାଇବା ନିମନ୍ତେ ବାସଗୃହ (Quarter) ଅଛି କି ଯଦି ନାହିଁ ତେବେ ଯେଉଁ ସବୁ କର୍ମଚାରୀଙ୍କ ପାଇଁ ବାସଗୃହ ନାହିଁ ତାହା ନିର୍ମାଣ ନିମନ୍ତେ କି ପଦକ୍ଷେପ ନେଇଛନ୍ତି ?

----

## ଚିକିତ୍ସା ସେବା ପାଇଥିବା ହିତାଧିକାରୀଙ୍କ ତାଲିକା

1870 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ 2025-26 ଆର୍ଥିକ ବର୍ଷରେ କେନ୍ଦ୍ରାପଡା ଜିଲ୍ଲାରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ କେତେ ସଂଖ୍ୟକ ହିତାଧିକାରୀଙ୍କୁ କେତେ ଟଙ୍କାର ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଇଛି ?

----

## ବିଲ ପୌଠ କରିବା ସମୟରେ ପୁନର୍ବାର ରୟାଲ୍ଟି କାଟିନେଉଥିବା ସମ୍ପର୍କରେ

1871 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

----

## ଆଉଟସୋର୍ସିଂ ନିୟୋଜନ ପାଇଁ ନିର୍ଦ୍ଦେଶାବଳୀ

1872 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାରଙ୍କ ବିଭିନ୍ନ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ, ସାସ୍ଥ୍ୟ କେନ୍ଦ୍ର ଓ ଶିକ୍ଷାନୁଷ୍ଠାନ ଗୁଡିକରେ ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ନିୟୋଜିତ ହେଉଥିବା ସୁରକ୍ଷାକର୍ମୀ, ସଫେଇ କର୍ମଚାରୀ, ଡାଟା ଏଣ୍ଟ୍ରୀ ଅପରେଟର ଓ ଅନ୍ୟାନ୍ୟ ଅନୁସାଙ୍ଗିକ ପଦବୀରେ ସଂପୃକ୍ତ ଜିଲ୍ଲାର ସ୍ଥାନୀୟ ଯୋଗ୍ୟ ଯୁବକ-ଯୁବତୀଙ୍କ ପ୍ରାଥମିକତା ଦେବା ପାଇଁ ସରକାରଙ୍କର କୌଣସି ନିର୍ଦ୍ଦେଶାବଳୀ କିମ୍ବା ନୀତି ନିୟମ (Policy Guidlines) ରହିଛି କି, (ଖ) ସମ୍ପୃକ୍ତ ଆଉଟସୋସିଂ ଏଜେନ୍ସି ଗୁଡିକ ଟେଣ୍ଡର ପୁର୍ତ୍ତି ସମୟରେ ସ୍ଥାନୀୟ ଜିଲ୍ଲାର ଯୋଗ୍ୟ ଯୁବକଯୁବତୀ ଙ୍କୁ ଚୟନ କରୁଛନ୍ତି କି ନାହିଁ, ତାହା ତଦାରଖ କରିବା ପାଇଁ କି ବ୍ୟବସ୍ଥା ରହିଛି, ଏବଂ ଅନେକ ସମୟରେ ଆଉଟସୋର୍ସିଂ ଏଜେନ୍ସି ଗୁଡିକ ସ୍ଥାନୀୟ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ନଦେଇ ବାହାର ଜିଲ୍ଲାର ଲୋକଙ୍କୁ ନିଯୁକ୍ତି ଦେବା ଫଳରେ ସ୍ଥାନୀୟ ଅଂଚଳର ବେକାର ଯୁବକ-ଯୁବତୀମାନେ ନିଯୁକ୍ତି ସୁଯୋଗରୁ ବଂଚିତ ହେଉଥିବା ବେଳେ ସରକାରଙ୍କ ତାଙ୍କ ଯୋଗ୍ୟତା ଅନୁଯାଇ ନିଯୁକ୍ତି ସୁନିଶ୍ଚିତ କରିବେକି ?

----

## "ଆୟୁଷ୍ମାନ ଭାରତ-ଗୋପାବନ୍ଧୁ ଜନ ଆରୋଗ୍ୟ ଯୋଜନା” ରେ ଅର୍ନ୍ତଭୁକ୍ତ ପରିବାରଙ୍କ ସଂଖ୍ୟା

1873 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନ ସୁଦ୍ଧା ରାଜ୍ୟର କେତେ ଗୋଟି ଗରିବ ଓ ଆର୍ଥିକ ସଚ୍ଛଳ ନଥିବା ପରିବାରଙ୍କୁ ଆୟୁଷ୍ମାନ ଭାରତ-ଗୋପାବନ୍ଧୁ ଜନ ଆରୋଗ୍ୟ ଯୋଜନା" ରେ ଅର୍ନ୍ତଭୁକ୍ତ କରାଯାଇଛି ଏବଂ ଆଉ କେତେ ପରିବାରଙ୍କୁ ଉକ୍ତ କାର୍ଡ ଯୋଗାଇ ଦିଆଯିବାର ବାକି ଅଛି, ରାଜ୍ୟ ବାହାରେ ଥିବା ୨୯୦୦୦ ରୁ ଉର୍ଦ୍ଧ୍ୱ ତାଲିକାଭୁକ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲରେ ନଗଦବିହୀନ (Cashless) ଚିକିତ୍ସା ସୁବିଧା ପାଇ ପାରିବେ ବୋଲି ସରକାର ଘୋଷଣା କରିଥିବା ବେଳେ, ଅନେକ ରୋଗୀ ରାଜ୍ୟ ବାହାର ହସ୍ପିଟାଲକୁ ଗଲାବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ଆୟୁଷ୍ମାନ ଭାରତ-ଗୋପାବନ୍ଧୁ ଜନ ଆରୋଗ୍ୟ କାର୍ଡ ଗ୍ରହଣ କରୁନାହାନ୍ତି କିମ୍ବା ଅନେକ କ୍ଷେତ୍ରରେ ଯୋଗ୍ୟ ଥିବା ଅନେକ ରୋଗୀଙ୍କୁ କାର୍ଡ ପ୍ରଦାନ ରେ ବିଳମ୍ବ ଯୋଗୁଁ ଚିକିତ୍ସିତ ଅବସ୍ଥାରେ କାର୍ଡ ପାଇବା ପୂର୍ବରୁ ମୃତ୍ୟୁବରଣ କରୁଥିବା ଏବଂ ମୃତ୍ୟୁ ଅନ୍ତେ କାର୍ଡ ଜେନେରେଟ୍ କରୁଥିବାରୁ କୌଣସି ସୁଫଳ ପାଇପାରୁନଥିବା ବିଷୟ ରେ ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଆସିଛି, ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ଏବଂ ଯେଉଁ ଗରିବ ପରିବାରକୁ ଏପର୍ଯ୍ୟନ୍ତ ଜନ ଆରୋଗ୍ୟ କାର୍ଡ ମିଳି ନାହିଁ, ସେମାନଙ୍କୁ କେବେ ସୁଦ୍ଧା ଏବଂ କେଉଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଡ ପ୍ରଦାନ କରଯିବ ?

----

## ସର୍ବନିମ୍ନ ମଜୁରୀ ଟଙ୍କାର ପରିମାଣ

1874 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ / କାର୍ଯ୍ୟାଳୟ ଗୁଡିକରେ ଆଉଟ୍‌ସୋର୍ସିଂ ଏଜେନ୍ସି ମାଧ୍ୟମରେ ନିୟୋଜିତ ହେଉଥିବା ସଫେଇ କର୍ମଚାରୀ, ସୁରକ୍ଷା କର୍ମଚାରୀ ଏବଂ ଅନ୍ୟାନ୍ୟ ଆନୁଷାଙ୍ଗିକ ସେବା ଯୋଗାଉଥିବା କର୍ମଚାରୀଙ୍କ ପାଇଁ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟବୀମା (L&ESI) ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ ସର୍ବନିମ୍ନ ମଜୁରୀ (Minimun Wages) କେତେ ଟଙ୍କା ଧାର୍ଯ୍ୟ କରାଯାଇଛି, ବର୍ତମାନର ସରକାରୀ ନିୟମାନୁସାରେ ବିଭିନ୍ନ ବର୍ଗର (Unskilled,/Semi-Skilled/Skilled, / High Skilled) ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପାଇଁ ଦୈନିକ ଓ ମାସିକ ସର୍ବନିମ୍ନ ମଜୁରି, ଇ.ପି.ଏଫ୍ (EPF-12%) ଏବଂ ଇ.ଏସ୍.ଆଇ (ESI-3.25%) ବାବଦକୁ ଏଜେନ୍ସି ଗୁଡିକୁ କେତେ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି, ଏବଂ ଆଉଟ୍‌ସୋର୍ସିଂ ଏଜେନ୍ସିଗୁଡିକ ଟେଣ୍ଡର ପ୍ରାପ୍ତ କଲାପରେ ଦୁଇରୁ ଛଅ ମାସ ପର୍ଯ୍ୟନ୍ତ କର୍ମଚରୀ ନିଯୁକ୍ତି ପ୍ରକ୍ରିୟାରେ ଅତିବାହିତ କରି ସାଧାରଣ ଜନତାଙ୍କୁ ସେବା ଯୋଗେଇବାରେ ଅହେତୁକ ବିଳମ୍ବ କରନ୍ତି ଏବଂ ଅନେକ ସ୍ଥାନରେ ଆଉଟସୋର୍ସିଂ ଏଜେନ୍ସିଗୁଡିକ କର୍ମଚାରୀଙ୍କ ପ୍ରାପ୍ତରୁ ବେଆଇନ ଭାବେ ଅର୍ଥ କାଟୁଥିବା କିମ୍ବା ପୂର୍ବ ମଜୁରୀ (EPF/ESI) ଜମା କରୁନଥିବା ନେଇ ଦୃଷ୍ଟିଗୋଚର ହୋଇଛି କି, ଯଦି ନାହିଁ ତେବେ ଏହାର ବିଧବଦ୍ଧ ତଦନ୍ତ କରାଯାଇ ଆଉଟ୍‌ସୋର୍ସିଂ ଏଜେନ୍ସି ଗୁଡିକର ଟେଣ୍ଡର ବାତିଲ କରି ସରକାରୀ ସ୍ତରରେ ସର୍ତଭିତିକ ଆବଶ୍ୟକୀୟ ନିଯୁକ୍ତି କରିବାକୁ ବିଧବଦ୍ଧ ପଦକ୍ଷେପ ଗ୍ରହଣ କରିବେକି ?

----

## ଆର୍ଥିକ ଓ ମାନସିକ ଦୁର୍ଗତିର ଶୀକାର ହେଉଥିବା ସମ୍ପର୍କରେ

1875 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ପୋଲିସ ବେତାର ବିଭାଗରେ ବିନା କାରଣରେ କର୍ମଚାରୀମାନଙ୍କୁ Administrative ground ରେ ବଦଳି କରିବା, ସେମାନଙ୍କର spouse ମାନଙ୍କୁ ଅଯଥା ବଦଳି କରିବା ଓ ବିଭାଗୀୟ proceeding draw କରି ସେମାନଙ୍କୁ ସମୟୋଚିତ୍ତ ପଦୋନ୍ନତିରୁ ବଂଚିତ କରିବା ଦ୍ୱାରା ସେମାନେ ଓ ସେମାନଙ୍କ ପରିବାର ଆର୍ଥିକ ଓ ମାନସିକ ଦୁର୍ଗତିର ଶିକାର ହେଉଥିବା ରାଜ୍ୟ ସରକାର ଜାଣିଛନ୍ତି କି 2022 ମସିହାରୁ କେତେଜଣଙ୍କୁ ଏମିତି ବଦଳି କରାଯାଇଛି ସେମାନଙ୍କ ନାମ ଓ rank ସହିତ administrative ground ରେ ବଦଳି କେବେ, କେଉଁଠାରୁ କେଉଁ ଜାଗାକୁ ହୋଇଛି ତାର କାରଣ ଓ ସେମାନଙ୍କ spouse ଙ୍କ ବଦଳିର ଯଥାର୍ଥତା ଜଣାଇବେ କି, (ଖ) ପୁନଶ୍ଚ ଉପରୋକ୍ତ କର୍ମଚାରୀଙ୍କ proceeding କେବେ draw ହୋଇଛି, କେବେ close ହେଲା ସେମାନେ କେବେ ପଦୋନ୍ନତି ପାଇଲେ, ସେମାନଙ୍କୁ ଅଯଥା ବଦଳିରେ ନ୍ୟାୟ ପ୍ରଦାନ ପାଇଁ କି ପଦକ୍ଷେପ ନେଇଛନ୍ତି ?

----

## ପଦୋନ୍ନତି ଓ ପେନସନ ପ୍ରଦାନରେ ବିଳମ୍ବ

1876 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ପୋଲିସ ବେତାର ବିଭାଗରେ ଅକାରଣରେ ବେଆଇନ ଓ ଉଦ୍ଦେଶ୍ୟମୂଳକ ଭାବରେ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିବା ତଥା କିଛି କର୍ମଚାରୀଙ୍କ ବିରୁଦ୍ଧରେ prog draw କରିବା ଯୋଗୁଁ କର୍ମଚାରୀମାନେ ପଦୋନ୍ନତି ଓ ପେନସନ ପାଇବାରେ ଅହେତୁକ ବିଳମ୍ବ ହେଉଥିବା ସମ୍ପର୍କରେ ସରକାର ଜାଣିଛନ୍ତି କି (କ) ୨୦୨୨ ରୁ ଅଦ୍ୟାବଧି ଏଭଳି ଆକ୍ରୋଶର ଶିକାର ହୋଇଥିବା କର୍ମଚାରୀଙ୍କ ନାମ, rank, proceeding draw ର କାରଣ, proceeding ପାଇଁ ସୁପାରିଶର କାରଣ, ସେମାନେ ପଦୋନ୍ନତି/pension କେବେ ପାଇବା କଥା, କେବେ ପାଇଲେ, (ଖ) ଏହା ବ୍ୟତୀତ ଅବସର ନେଉଥିବା କର୍ମଚାରୀ ସରକାରୀ ଘର ରଖୁନଥିବା କିମ୍ବା ସରକାରୀ ପାଉଣା ଦେବାକୁ ନଥିବା ପରୀପ୍ରେକ୍ଷୀରେ ସେମାନଙ୍କର ଗ୍ରାଚୁଇଟି ଶତକଡା ୫୦ କିମ୍ବା ଶତକଡା ୧୦ ସ୍ଥଗିତ ରଖି ପରେ ଦେବାର କାରଣ ଜଣାଇବେ କି ?

----

## SIP ପାଉଥିବା ଅଧିକାରୀଙ୍କ ସଂଖ୍ୟା

1877 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ଅର୍ଥ ବିଭାଗ Resolution No. 44800 dtd. 30.09.2008 ଏବଂ addendum no. 3691/ D & A ଅନୁଯାୟୀ କର୍ମଚାରୀଙ୍କ ପାଇଁ ମଂଜୁର SIP, communication ରେଞ୍ଜ କାର୍ଯ୍ୟାଳୟରେ ଅବସ୍ଥାପିତ କେଉଁ ଅଧିକାରୀ ପାଉଛନ୍ତି କି, (ଖ) 2018 ମସିହା ଠାରୁ ଏବେ ପର୍ଯ୍ୟନ୍ତ କେତେଜଣ ଓ କେଉଁ କେଉଁ ଅଧିକାରୀ କେତେ ଟଙ୍କା ଲେଖାଏଁ ପାଇଛନ୍ତି, ସେମାନଙ୍କ ନାମ, Rank, ନେଇଥିବା ଅର୍ଥର ପରିମାଣର ସବିସ୍ତୃତ ବିବରଣୀ ଗୃହକୁ ଜଣାଇବେ କି, ଉପରୋକ୍ତ ଅଧିକାରୀ କେଉଁ ଆଦେଶନାମା ବଳରେ ଏଇ ସୁବିଧା ଆପଣେଇଛନ୍ତି, ସେମାନେ ଏହି SIP ପାଇବାକୁ ଯୋଗ୍ୟ କି ନୁହେଁ ତାହା ଜଣାଇବେ କି, ଯଦି ଯୋଗ୍ୟ ନୁହେଁ ତେବେ ଉପରୋକ୍ତ ଅଧିକାରୀଙ୍କ ଠାରୁ ନେଇଥିବା ଅର୍ଥ recovery ପାଇଁ କଣ ପଦକ୍ଷେପ ନିଆଯାଇଛି ବା କେବେ ସୁଦ୍ଧା ନେବେ ?

----

## ଟ୍ରମାକେୟାର ନିର୍ମାଣ

1878 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁରଜିଲ୍ଲାର ପାଣିକୋଇଲି ପାଖରେ ଜାତୀୟ ରାଜପଥ -16 ପାର୍ଶ୍ୱରେ ଏକ 200 ଶଯ୍ୟାବିଶିଷ୍ଟ ଟ୍ରମାକେୟାର ର ନିର୍ମାଣ ସମ୍ପୂର୍ଣ୍ଣ ସେବା ସରକାର ଜାଣନ୍ତି କି ଏହି ଟ୍ରମାକେୟାର ସେଣ୍ଟରକୁ ସବ୍-ଡିଭିଜନାଲ୍ ହସ୍ପିଟାଲର ମାନ୍ୟତା ଦେଇ ଜନସାଧାରଣଙ୍କ ସେବା ପାଇଁ କେବେ ସୁଦ୍ଧା ଲୋକାର୍ପିତ କରିବେ ଓ ଏହି ହସ୍ପିଟାଲକୁ PPP ମୋଡରେ ପରିଚାଳନା କରିବାକୁ କିଛି ଯୋଜନା ରଖିଛନ୍ତି କି, ଯଦି ହଁ ତେବେ ଏହାର ଅଗ୍ରଗତି ଏବଂ କେବେ କାର୍ଯ୍ୟକ୍ଷମ ହେବ ?

----

## ଝାରସୁଗୁଡା ଜିଲ୍ଲାରେ ଥିବା ଥାନା ଓ ଫାଣ୍ଡିର ସଂଖ୍ୟା

1879 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ କେତୋଟି ଥାନା ଓ ଫାଣ୍ଡି ରହିଛି, ଏହିସବୁ ଥାନା ଫାଣ୍ଡିଗୁଡିକରେ କେତୋଟି ମଞ୍ଜୁରୀପ୍ରାପ୍ତ ପୁଲିସ୍ ଓ ଅନ୍ୟାନ୍ୟ ପଦବୀ ରହିଛି, ଏହିସବୁ ପଦବୀରେ ବର୍ତ୍ତମାନ କେତେଜଣ ନିୟମିତ ଏକ ଥାନାୱାରୀ କର୍ମଚାରୀ ରହିଛନ୍ତି ଓ କେତୋଟି ପଦବୀ ଖାଲି ରହିଛି ?

----

## ଝାରସୁଗୁଡା ଜିଲ୍ଲାରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ସଂଖ୍ୟା

1880 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ କେତୋଟି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପ୍ରତିଷ୍ଠା ହୋଇଛି ଏହିସବୁ କେନ୍ଦ୍ରରେ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ଡାକ୍ତର ଓ ଅଣଡାକ୍ତର ପଦବୀ ରହିଛି ଏବଂ ଏଥିରେ ବର୍ତ୍ତମାନ କେତେ ସଂଖ୍ୟକ ନିୟମିତ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଓ କେତେ ପଦବୀ ଖାଲି ପଡିଛି, ଚଳିତବର୍ଷର ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କେତେ ସଂଖ୍ୟକ ରୋଗୀ ଚିକିତ୍ସିତ ହୋଇଛନ୍ତି ?

----

## ଅନଲାଇନ ଜରିଆରେ ଅଭଯୋଗ କରିବା ପାଇଁ ବ୍ୟବସ୍ଥା

1881 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅନ୍‌ଲାଇନ୍ ଜରିଆରେ ସରାକରଙ୍କ ନିକଟରେ ଅଭିଯୋଗ କରିବାପାଇଁ କି ପ୍ରକାର ବ୍ୟବସ୍ଥା ରହିଛି ଓ ଏହା କେବେ ଠାରୁ କାର୍ଯ୍ୟକାରୀ ହୋଇଛି ? ଏହାର ଠିକଣା ପ୍ରଦାନ ସହିତ ଏହା କାର୍ଯ୍ୟକାରୀ ହେବା ପରଠାରୁ କେଉଁ ବିଭାଗକୁ କେତେ ସଂଖ୍ୟକ ଅଭିଯୋଗ ଆସିଛି ଏବଂ ଏଥିରୁ କେଉଁ ବିଭାଗର କେତୋଟି ଅଭିଯୋଗ ସମାଧାନ ହୋଇଛି ?

----

## ବିଧାନପରିଷଦ ଗଠନ ପ୍ରକ୍ରିୟା

1882 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଧାନପରିଷଦ ଗଠନ ପାଇଁ କେବେ ପ୍ରକ୍ରିୟା ଆରମ୍ଭ କରିଥିଲେ ଓ ଏ ଦିଗରେ କଣ ଅଗ୍ରଗତି ହୋଇଛି, କେବେ ସୁଦ୍ଧା ବିଧାନ ପରିଷଦ ଗଠନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ଓ ଏ ଦିଗରେ କ'ଣ ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସାଟେଲାଇଟ ହସ୍ପିଟାଲରେ ଥିବା ଅତିରିକ୍ତ ସୁବିଧା

1883 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର କେଉଁ କେଉଁ ମ୍ୟୁନିସିପାଲିଟିରେ ଥିବା Urban PHC ମାନଙ୍କୁ ସାଟେଲାଇଟ ହସ୍ପିଟାଲଭାବେ କେବେଠାରୁ ଘୋଷଣା କରିଛନ୍ତି ଓ ସେହି ସେହି ହସ୍ପିଟାଲମାନଙ୍କରେ ସାଟେଲାଇଟ ହସ୍ପିଟାଲ ହେତୁ କି କି ଅତିରିକ୍ତ ସୁବିଧାମାନ ରୋଗୀଙ୍କ କଲ୍ୟାଣ ଦୃଷ୍ଟିରୁ ଯୋଗାଇ ଦେଇଛନ୍ତି ?

----

## ସ୍ୱାଧିନତା ସଂଗ୍ରାମୀ ପାଇଥିବା ଭତ୍ତା ସମ୍ପର୍କରେ

1884 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେତେ କେତେ ଜଣ ସ୍ୱାଧୀନତା ସଂଗ୍ରାମୀ ଜୀବିତ ଅଛନ୍ତି ଓ ସେମାନଙ୍କୁ କେନ୍ଦ୍ର ଏବଂ ରାଜ୍ୟ କେତେ କେତେ ପରିମାଣର ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଦେଇଛନ୍ତି ଜଣାଇବେ କି, (ଖ)କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ସ୍ୱାଧୀନତା ସଂଗ୍ରାମୀ ଭତ୍ତାଧାରୀ ଅଛନ୍ତି ସେମାନଙ୍କର ପୂର୍ଣ୍ଣାଙ୍ଗ ବିବରଣୀ ସହ କିଏ କେଉଁ ଅର୍ଥାତ କେନ୍ଦ୍ର ବା ରାଜ୍ୟ ଉଭୟ ଭତ୍ତା ପାଉଛନ୍ତି ନାମ ଓ ଠିକଣା ସହ ଜଣାଇବେ କି ?

----

## ବଜେଟ ଅନୁମୋଦିତ ଅର୍ଥରେ ହୋଇଥିବା ଖର୍ଚ୍ଚ

1885 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାର 2019-24 ଠାରୁ 2025-26 ମଧ୍ୟରେ କେଉଁ ଆର୍ଥିକ ବର୍ଷରେ ବଜେଟ ଅନୁମୋଦିତ ଅର୍ଥରେ କେତେ କେତେ ଶତାଂଶ ଖର୍ଚ୍ଚ କରିଥିଲେ କହିବେ କି, (ଖ) କେଉଁ କେଉଁ ନିର୍ଦ୍ଦିଷ୍ଟ କାରଣ ବଶତଃ ବଜେଟ ଅର୍ଥ ଶତ ପ୍ରତିଶତ ଖର୍ଚ୍ଚ ହୋଇପାରୁନାହିଁ ?

----

## ଅର୍ଥରାଶି ପ୍ରଦାନ ପାଇଁ ସୁପାରିଶ

1886 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ)ପଞ୍ଚଦଶ ଅର୍ଥ କମିଶନ ଓଡିଶା ରାଜ୍ୟକୁ କେଉଁ କେଉଁ ବର୍ଷରେ କେତେ କେତେ ଅର୍ଥରାଶି ଯୋଗାଇ ଦେବାକୁ କେଉଁ କେଉଁ ବାବଦରେ ସୁପାରିଶ କରିଥିଲେ ଓ ତନମଧ୍ୟରୁ ସେହି ସେହି ବର୍ଷରେ କେତେ କେତେ ଅର୍ଥ ଓଡିଶାକୁ ଉପଲବ୍ଧ ହୋଇଥିଲା ତାର ଏକ ବିଶଦ ବିବରଣୀ ଦେବେ କି, (ଖ) ଷୋଡଶ ଅର୍ଥ କମିଶନ Award Period ମଧ୍ୟରେ କେଉଁ କେଉଁ ବର୍ଷରେ କେଉଁ କେଉଁ ବାବଦରେ କେତେ କେତେ ଅର୍ଥରାଶି ପ୍ରଦାନ ନିମନ୍ତେ ସୁପାରିଶ କରିଛନ୍ତି ?

----

**Black Listed Out Sourcing ସଂସ୍ଥାକୁ କାର୍ଯ୍ୟାଦେଶ**

1887 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ମୁଖ୍ୟ ଚିକିତ୍ସାଳୟରେ ଆଉଟ ସୋର୍ସିଙ୍ଗ ସଂସ୍ଥା କାର୍ଯ୍ୟ କେତେ ବର୍ଷଧରି କରୁଛନ୍ତି ତାର ଜିଲ୍ଲାୱାରୀ ତାଲିକା ଦେବା ସହ ନୟାଗଡ ଜିଲ୍ଲାରେ ଠିକା ସଂସ୍ଥାକୁ without EMD ରେ କାର୍ଯ୍ୟାଦେଶ ଦେବାର କାରଣ କଣ ରାଜ୍ୟରେ Black Listed Out Sourcing ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି ଏହା ସତ୍ୟ କି ଯଦି ଉତ୍ତର ହଁ ହୁଏ ତେବେ କାର୍ଯ୍ୟାନୁଷ୍ଠା ଗ୍ରହଣ କରିବେ କି ?

----

**Jail ରେ ଥିବା ST ଓ SC ଙ୍କ ସଂଖ୍ୟା**

1888 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅନୁସୂଚିତ ଜାତି/ଜନଜାତି ବ୍ୟକ୍ତି ବିଶେଷମାନେ ସଚେତନ ଓ ଆର୍ଥିକ ଅଭାବରୁ ପୋଲିସ ସେମାନଙ୍କୁ ମିଥ୍ୟା (Case) ମକଦ୍ଦମା କରି ଗିରଫ କରୁଛି ଏବଂ ସେମାନେ ଆଜିବନ ଦଣ୍ଡ ଭୋଗୁଛନ୍ତି ଯଥା ନବରଙ୍ଗପୁର ଜୈନିକ ବ୍ୟକ୍ତି 22 ବର୍ଷ ଦଣ୍ଡ ଭୋଗି ସାରିଲାପରେ Supreme Court ଜାଣିଲାପରେ ତାଙ୍କୁ ମୁକ୍ତ କଲେ ଏହା ସତ୍ୟ କି, ଯଦି ଉତ୍ତର ସତ୍ୟ ହୁଏ ତେବେ ଉକ୍ତ Police Officer ପ୍ରତି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ST, SC ବ୍ୟକ୍ତିମାନେ ଆଜିସୁଦ୍ଧା କେଉଁ କେଉଁ Jail ରେ ଅଛନ୍ତି ସେମାନଙ୍କୁ ସହାୟତା ପାଇଁ କି ବ୍ୟବସ୍ଥା ଅଛି ?

----

**Out Post କୁ Police Station ରେ ପରିଣତ**

1889 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଉଦଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୁଆମରା Out Post କୁ କେବେସୁଦ୍ଧା Police Station ରେ ପରିଣତ କରିବେ ତଥ୍ୟ ଦେବେ କି ଏବଂ ଉଦଳାରେ ଗାଁ ସହର ବଜାର ମାନଙ୍କର ନିଶାଦ୍ରବ୍ୟ ଙ୍କୁ ରୋକିବା ପାଇଁ କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**ମେହନତି ମଣିଷଙ୍କୁ ସୁବିଧା ପ୍ରଦାନ**

1890 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରୁ ମୁଣ୍ଡା ଜନଜାତି ସମ୍ପ୍ରଦାୟର ମଣିଷମାନେ ୬୩ (୬୩ ବର୍ଷ) ପୂର୍ବରୁ ଜାତୀୟ ରାଜପଥ ନିର୍ମାଣ ପାଇଁ 50 ଟି ପରିବାର ଆସିଥିଲେ ଯାଜପୁର ଜିଲ୍ଲା ଶୁଖୁଆପଡା ପାହାଡ ର ଉଭୟ ପାର୍ଶ୍ୱସ୍ଥ ବନ୍ଦରେଶ୍ୱର ଓ କେଶରାଇପୁର ମୌଜାରେ ମୁଣ୍ଡଗୁଞ୍ଜି ଦୁଃଖ ଦୈନ୍ୟ ଅବସ୍ଥାରେ ଥିବା ସତ୍ୟ କି, ସେମାନେ ଭୂମିହୀନ, ସରକାରୀ ଭତ୍ତା, ରେସନକାର୍ଡ, ବାସଗୃହରୁ ବଞ୍ଚିତ ଅଛନ୍ତି କି ଉପରୋକ୍ତ ବ୍ୟକ୍ତିବିଶେଷଙ୍କର ସମସ୍ୟାର ସମାଧାନ ପାଇଁ ସୁବ୍ୟବସ୍ଥା କରିବେ କି ?

----

**Reduction of Training Assignments since 2022**

1891 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Whether the Government is aware that around 300 trainers engaged under nhm across 30 districts of Odisha, Despite Possessing Prescribed Qualifications and Experience, have been facing difficulties due to discontinuation/reduction of their training assignments since 2022, whether the Government has assessed how health department officials are managing their regular responsibilities while simultaneously conducting residential, long-term, and other nhm training programmes, if so, what are the details, whether the government has assessed the requirement and workload of NHM training programmes and compared it with the availability of departmental officials; if so, what are the details, whether the government proposes to utilise the services of trainers specifically selected and engaged for NHM training activities, considering their experience and specialised expertise; if so, what are the details ?

----

**Block wise details of sanction vs Vacant posts**

1892 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- - Whether it is a fact that several Community Health Centres (CHEs), Primary Health Centres (PHCs) and Health Sub Centers (HSCs) in Tribal Dominated Blocks of Gagapati district such as Gumma are operating with severed shortages of Medical Officer ANMS and technical staff, and if so, what are the blockwise detail of sanctioned Vs vacant posts; whether the Government is our that Critical Primary Health Infrastructure in this tribal pockets suffer from inconsistent electricity, irregular water supply and lack of diagnostic equipment (X-ray), and pathology services ), forcing families to travel long distances or depend

on costly private facilities, are what time line budgetary allocations have been earmarked under Block Public Health Units (BPHUs) or central schemes like-PM -JANMAN/ Dharti Aaba Janjatiya Gram Utkarsh Abhiyan (DA-JGUA) to upgrade Health infrastructure and deploy more Mobile Medical Units (Mmus) in Gumma's remote tribal habitations ?

----

**Suffering from severe Telecom & Digital Isolation**

1893 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- whether the government is aware that several remote, tribal-dominated villages and gram panchayats in Gumma Block, Gajapati district (such as tarava, badakalakote, brushav, tarangada, gaiba, etc.) are suffering from severe telecom and digital isolation, with prolonged mobile network and internet blackouts, whether the government is aware that this lack of digital infrastructure forces tribal students, online workers, and healthcare tracking authorities to climb hills or structures to access basic signals, thereby disrupting higher education, emergency medical care, safety services, banking, and delivery of online and government benefits (e-ration cards, dbt, etc.) and what specific steps or comprehensive surveys have been undertaken by the department to identify "Shadow Zones" (No-network areas) in Gumma block, what concrete timelines, budgetary allocations, or collaborations under the digital Bharat nNdhi (DBN) what project or state IT initiatives have been designated to install dedicated mobile towers and high-speed broadband services to bridge the digital divide in Gumma Block ?

----

**Internet connectivity under the BharatNet Project**

1894 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many PHCs in Gajapati district have been provided with internet connectivity under the BharatNet Project so far, How many PHCs in Gajapati district are proposed to be provided with internet connectivity during the coming financial year, and How many PHCs across the State of Odisha are proposed to be provided with internet connectivity during the coming financial year, The details of the PHCs covered under the above initiative may be furnished, along with the present status of connectivity?

----

## ସ୍ୱାସ୍ଥ୍ୟ ସେବାର ସୁପରିଚାଳନା

1895 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ସୁପରିଚାଳନା ପାଇଁ କେବେଠାରୁ କେଉଁ ସଂସ୍ଥାକୁ କେଉଁ ସ୍ୱାସ୍ଥ୍ୟ କେନ୍ଦ୍ରର କି ପ୍ରକାର ସେବା ପାଇଁ ନିୟୋଜିତ କରାଯାଇଛି ଓ ଏଥିପାଇଁ ଉକ୍ତ ସଂସ୍ଥାକୁ ମାସିକ କେତେ ଅର୍ଥ ପ୍ରଦାନ କରାଯାଉଛି, ଏହି ସଂସ୍ଥାମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## Number of Vigilance cases registered in Odisha

1896 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- The year-wise and district/division-wise number of Vigilance cases registered in Odisha from 01.01.2015 to till date, along with the number of cases under investigation, charge-sheeted, under trial, convicted, acquitted and closed, Also state the number of Vigilance cases pending for more than one, three and five years, the reasons for such delay, and the steps taken by Government to ensure time-bound investigation, prosecution and disposal of long-pending corruption cases ?

----

## ଆମ୍ବୁଲାନ୍ସ ସେବା ସମ୍ପର୍କରେ

1897 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେତେ ଗୋଟି ଆମ୍ବୁଲାନ୍ସ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି, ତା'ର ଜିଲ୍ଲାୱାରି ତଥ୍ୟ ପ୍ରଦାନ କରିବେ କି, ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ମଧ୍ୟରୁ କେତୋଟି ଏବେ କାର୍ଯ୍ୟକ୍ଷମ ଅଛି ଓ କେତୋଟି ଅଚଳ ଅଛି ସେ ସମ୍ପର୍କରେ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ଅଚଳ ଥିବା ଆମ୍ବୁଲାନ୍ସଗୁଡ଼ିକୁ ମରାମତି କରିବା ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବ କି, କେନ୍ଦୁଝର ଜିଲ୍ଲାକୁ ଡିଏସ୍ଏଫ୍ ଦ୍ୱାରା ଓ ଅନ୍ୟ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ଗୁଡ଼ିକ ମଧ୍ୟରୁ କେତୋଟି ଚାଲୁଛି ଓ କେତୋଟି ଅଚଳ ଅଛି ?

----

## ସ୍ଥାବର ସମ୍ପତ୍ତି କ୍ରୟ ନିମନ୍ତେ ଅନୁମତି

1898 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ କେଉଁ କର୍ମଚାରୀମାନେ ୦୧.୦୧.୨୦୨୦ ରୁ ଏଯାବତ୍ କେତେଜଣ ଜମି ତଥା ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି କ୍ରୟ ନିମନ୍ତେ ସରକାରଙ୍କ ପାଖରୁ ଅନୁମତି ନେଇଛନ୍ତି ?

----

## ଦାଖଲ ହୋଇଥିବା ଅଭିଯୋଗର ସଂଖ୍ୟା

1899 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାରଙ୍କ ଜନ-ଅଭିଯୋଗ ବ୍ୟବସ୍ଥାରେ ଗତ 27 ମାସରେ କେତେ ଅଭିଯୋଗ ଦାଖଲ ହୋଇଛି, କେତେ ଅଭିଯୋଗର ନିଷ୍ପତ୍ତି ହୋଇଛି ଏବଂ କେତେ ଅଭିଯୋଗ ବିଚାରାଧୀନ, ଏହାର ବିଭାଗୱାରୀ, ଜିଲ୍ଲାୱାରୀ ଓ ମାସୱାରୀ ବିବରଣୀ ପ୍ରଦାନ କରିବେ କି, ଅଭିଯୋଗ ଗୁଡିକର ନିଷ୍ପତ୍ତି ପାଇଁ କେତେ ସମୟ ସୀମା ଧାର୍ଯ୍ୟ କରାଯାଇଛି, ଗତ 27 ମାସରେ କେତେ ଅଭିଯୋଗ ଉକ୍ତ ସମୟ ସୀମା ମଧ୍ୟରେ ଓ କେତେ ଅଭିଯୋଗ ସମୟ ସୀମା ଅତିକ୍ରମ କରି ନିଷ୍ପତ୍ତି ହୋଇଛି, (ଖ) ଅଭିଯୋଗ ନିଷ୍ପତ୍ତିରେ ଅବହେଳା କିମ୍ବା ବିଳମ୍ବ ପାଇଁ କେତେ ଅଧିକାରୀଙ୍କୁ ଦାୟୀ କରାଯାଇଛି, କେତେ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ପଦୱାରୀ ଓ ଜିଲ୍ଲାୱାରୀ ଖାଲିପଦ ପୂରଣ

1900 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ପ୍ରଶାସନର ସୁଚାରୁ ପରିଚାଳନା ପାଇଁ ମଞ୍ଜୁରୀପ୍ରାପ୍ତ IAS ଓ OAS ପଦ ମଧ୍ୟରୁ କେତେ ଅଧିକାରୀ କାର୍ଯ୍ୟରତ ଏବଂ କେତେ ପଦ ଖାଲି ଅଛି, ପଦୱାରୀ ଓ ଜିଲ୍ଲାୱାରୀ ଖାଲି ପଦ କେବେ ସୁଦ୍ଧା ପୂରଣ ହେବ, ସରକାରଙ୍କ ବଦଳି ନୀତି ଅନୁଯାୟୀ ଜଣେ ସଚିବଙ୍କ ନିର୍ଦ୍ଧାରିତ କାର୍ଯ୍ୟକାଳ କେତେ, ବର୍ତ୍ତମାନ କେଉଁ ପ୍ରମୁଖ ଶାସନ ସଚିବ ପଦରେ ପୂର୍ଣ୍ଣକାଳୀନ ଅଧିକାରୀଙ୍କ ବଦଳରେ ଅତିରିକ୍ତ ଦାୟିତ୍ୱରେ ପରିଚାଳିତ ହେଉଛି ?

----

## କାର୍ଯ୍ୟକ୍ଷମ ଥିବା ଟ୍ରମା ସେଣ୍ଟରର ସଂଖ୍ୟା

1901 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାରୀ ରିପୋର୍ଟ ଅନୁଯାୟୀ, 2025ରେ ରାଜ୍ୟରେ 12,782ଟି ସଡକ ଦୁର୍ଘଟଣାରେ 6483 ଜଣଙ୍କ ମୃତ୍ୟୁ ଘଟିଛି, ଅର୍ଥାତ୍ ଦୈନିକ ପ୍ରାୟ 18 ଜଣ ସଡକ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଓ ଆବଶ୍ୟକ ଚିକିତ୍ସା ସେବା ଯୋଗାଇବା ପାଇଁ ବର୍ତ୍ତମାନ ରାଜ୍ୟରେ କେତୋଟି ଟ୍ରମା କେୟାର ସେଣ୍ଟର କାର୍ଯ୍ୟକ୍ଷମ ଅଛି, ଯାଜପୁର ଜିଲ୍ଲାର ପାଣିକୋଇଲି ଠାରେ ନିର୍ମିତ 200 ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ସେଣ୍ଟରର ନିର୍ମାଣ କାର୍ଯ୍ୟ ପ୍ରାୟ 2ବର୍ଷ ହେଲା ଶେଷ ହୋଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ PPP ମୋଡ୍‌ରେ କାର୍ଯ୍ୟକ୍ଷମ କରାଇବାର ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିଲା ନାହିଁ, ଏହାକୁ କାର୍ଯ୍ୟକ୍ଷମ କରିବାର ସମୟ ସୀମା କ'ଣ ଏବଂ ବିଳମ୍ବର କାରଣ କ'ଣ ?

----

## ରୁଜୁ ହୋଇଥିବା ସାଇବର ଅପରାଧ ମାମଲା ସଂଖ୍ୟା

1902 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାରେ ଅନଲାଇନ୍ ଠକେଇ, UPI/ବ୍ୟାଙ୍କିଂ ଫ୍ରଡ୍ ଓ ଅନ୍ୟାନ୍ୟ ସାଇବର ଅପରାଧ ବୃଦ୍ଧି ପାଇଥିବା ପରିପ୍ରେକ୍ଷୀରେ, ଗତ ୩ ବର୍ଷରେ ଜିଲ୍ଲାରେ କେତେଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି, ସେଥିରୁ କେତେଟିର ତଦନ୍ତ ସମ୍ପୂର୍ଣ୍ଣ ହୋଇଛି ଏବଂ କେତେ ଅର୍ଥ ଠକେଇ ହୋଇଛି/ପୁନରୁଦ୍ଧାର କରାଯାଇଛି, ଦୁର୍ଗମ ଅଞ୍ଚଳର ଲୋକଙ୍କୁ ସାଇବର ଠକେଇରୁ ସଚେତନ କରିବା ଓ ଅଭିଯୋଗ ପରେ ତ୍ୱରିତ ଅର୍ଥ ଫ୍ରିଜ୍/ପୁନରୁଦ୍ଧାର ପାଇଁ ସରକାରଙ୍କ କ'ଣ ବ୍ୟବସ୍ଥା ରହିଛି ?

----

## ଖାଲିଥିବା ପ୍ରଶାନିକ ପଦବୀ ପୂରଣ

1903 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କୋରାପୁଟ ଭଳି ଦୁର୍ଗମ ଓ ଆଦିବାସୀ ପ୍ରଧାନ ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀ ଦୀର୍ଘଦିନ ଧରି ଖାଲି ରହିବାରୁ ସରକାରୀ ସେବା ପ୍ରଦାନ ଓ ଜନ ଅଭିଯୋଗର ସମାଧାନ ପ୍ରଭାବିତ ହେଉଥିବା ନଜରକୁ ଆସିଛି କି; ଯଦି ଆସିଛି, ଜିଲ୍ଲାରେ ବର୍ତ୍ତମାନ ବିଭିନ୍ନ ପ୍ରମୁଖ ପ୍ରଶାସନିକ ପଦବୀରୁ କେତେ ପଦବୀ ଖାଲି ଅଛି ଏବଂ ଏହି ଖାଲି ପଦବୀ ଗୁଡ଼ିକୁ କେବେ ସୁଦ୍ଧା ପୂରଣ କରି ଦୁର୍ଗମ ଅଞ୍ଚଳରେ ସରକାରୀ ସେବାକୁ ସୁଦୃଢ଼ କରାଯିବ ?

----

## କର୍ମଚାରୀ ଛଟେଇ

1904 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨୦୨୪ ଜୁଲାଇ ରୁ ଆଜି ପର୍ଯ୍ୟନ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆର୍ଥିକ ଅନୁଦାନରେ ନିଯୁକ୍ତି ପାଇଥିବା କେତେ ଜଣ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ କେଉଁ କାରଣ ପାଇଁ ଛଟେଇ କରାଯାଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସେବା ଯୋଗାଇ ଆସୁଥିବା କର୍ମଚାରୀଙ୍କୁ ଛଟେଇରୁ କ୍ଷାନ୍ତ ରହି ସେମାନଙ୍କୁ, ପୁନଃ ନିଯୁକ୍ତି ପାଇଁ ବ୍ୟବସ୍ଥା କରିବେ କି, ୨୦୧୯ ରୁ ୨୦୨୨ ମସିହା ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଓଡିଶା ଶାଖାକୁ କେତେ ଅର୍ଥ ଆସିଛି ଓ ୨୦୨୨ ଜୁଲାଇ ମାସରୁ ୨୦୨୬ ଅଗଷ୍ଟ ୩୧ ସୁଦ୍ଧା କେତେ ଅର୍ଥ କେଉଁ ଉଦ୍ଦେଶ୍ୟରେ ଆସିଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଇଣ୍ଟରନେଟ ସେବା ପ୍ରଦାନ

1905 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀର ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳର ଅନେକ ଗାଁରେ ନିରବଚ୍ଛିନ୍ନ ମୋବାଇଲ୍ ନେଟୱର୍କ ଓ ଦ୍ରୁତ ଇଣ୍ଟରନେଟ୍ ସୁବିଧା ନଥିବାରୁ ଛାତ୍ରଛାତ୍ରୀ, ଚାଷୀ ଓ ସାଧାରଣ ଲୋକେ ଅନଲାଇନ୍ ଶିକ୍ଷା, ଡିଜିଟାଲ୍ ପେମେଣ୍ଟ ଓ ସରକାରୀ ଅନଲାଇନ୍ ସେବା ପାଇବାରେ ଅସୁବିଧା ଭୋଗୁଥିବା ନଜରକୁ ଆସିଛି କି; ଯଦି ଆସିଛି, ପଟ୍ଟାଙ୍ଗୀର କେତେ ଗାଁରେ ବର୍ତ୍ତମାନ 4G/5G ଓ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ ଅଛି ଏବଂ ନେଟୱର୍କ ବିହୀନ ଗାଁଗୁଡ଼ିକୁ କେବେ ସୁଦ୍ଧା ସଂଯୋଗ ଦିଆଯିବ ?

----

## ନାମ ସଂଶୋଧନ

1906 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଜନ୍ମ ପ୍ରମାଣପତ୍ରରେ ନାମ, ଜନ୍ମତାରିଖ ଓ ଅନ୍ୟାନ୍ୟ ତଥ୍ୟ ସଂଶୋଧନ ପାଇଁ ସାଧାରଣ ଲୋକମାନେ ଜନସେବା କେନ୍ଦ୍ର, ତହସିଲ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଅନ୍ୟାନ୍ୟ ସରକାରୀ ଦପ୍ତର ଏବଂ ଆବଶ୍ୟକସ୍ଥଳେ Gazette Notification ପର୍ଯ୍ୟନ୍ତ ଦୀର୍ଘ ପ୍ରକ୍ରିୟା ଦେଇ ଯିବାକୁ ବାଧ୍ୟ ହେଉଥିବା ଏବଂ ଏଥିପାଇଁ ମାସ ମାସ ଧରି ସମୟ ଲାଗୁଥିବା ବିଷୟ ସରକାରଙ୍କ ଦୃଷ୍ଟିଗୋଚର ଅଛି କି ; ଏପରି ବିଳମ୍ବ ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷା, ଆଧାର, ବ୍ୟାଙ୍କ, ପାସପୋର୍ଟ, ଚାକିରି ଓ ଅନ୍ୟାନ୍ୟ ଜରୁରୀ ସରକାରୀ/ବେସରକାରୀ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଥିବାରୁ, ଜନ୍ମ ପ୍ରମାଣପତ୍ରର ନାମ ସଂଶୋଧନ ପାଇଁ ସରଳ, ସମୟବଦ୍ଧ ଓ ଏକକ-ଝରକା (Single Window) ବ୍ୟବସ୍ଥା କରିବା ସହ ଆବେଦନର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଷ୍ପତ୍ତି ସୁନିଶ୍ଚିତ କରିବା ପାଇଁ ସରକାର କୌଣସି ବ୍ୟବସ୍ଥା କରିବେ କି ; ଯଦି ନୁହେଁ, ତେବେ ଏପରି ସାଧାରଣ ନାଗରିକମାନଙ୍କୁ ଏକାଧିକ କାର୍ଯ୍ୟାଳୟ ଓ ଦୀର୍ଘ ପ୍ରଶାସନିକ ପ୍ରକ୍ରିୟାରେ ଘୁରିବାକୁ ପଡୁଥିବାର କାରଣ କଣ ଏବଂ ଗତ ୩ ବର୍ଷରେ ରାଜ୍ୟରେ ଏପରି ନାମ ସଂଶୋଧନ ପାଇଁ କେତେ ଆବେଦନ ହୋଇଛି ସେଥିରୁ କେତୋଟି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ ହୋଇଛି ଓ କେତୋଟି ଆବେଦନ ବିଚାରାଧୀନ ରହିଛି?

----

## ବଜେଟ୍ ଅର୍ଥ ବିନିଯୋଗ

1907 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜ୍ୟ ବଜେଟରେ ବିକାଶମୂଳକ କାର୍ଯ୍ୟ ପାଇଁ ବ୍ୟାପକ ଅର୍ଥ ବରାଦ କରାଯାଉଥିବା ସତ୍ତ୍ୱେ ବିଭିନ୍ନ ବିଭାଗ ଓ ଯୋଜନାରେ ବରାଦ ଅର୍ଥର ସମ୍ପୂର୍ଣ୍ଣ ବିନିଯୋଗ ହେଉନଥିବାରୁ ଅନେକ କ୍ଷେତ୍ରରେ କାର୍ଯ୍ୟ ଧୀର ଗତିରେ ଚାଲୁଥିବା ସରକାରଙ୍କ ଦୃଷ୍ଟିଗୋଚରକୁ ଆସିଛି କି ; ଯଦି ହଁ, ତେବେ 2024-25 ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗକୁ ବରାଦ ହୋଇଥିବା ଅର୍ଥ, ବାସ୍ତବ ବ୍ୟୟ, ଅବ୍ୟବହୃତ ଅର୍ଥ ଓ surrender କରାଯାଇଥିବା ଅର୍ଥର ପରିମାଣ କେତେ ; ବର୍ଷୱାରୀ ଓ ବିଭାଗୱାରୀ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ଅର୍ଥ ବିନିଯୋଗ ନହେବାର ମୁଖ୍ୟ କାରଣ କଣ ; ଏହା ସହିତ, ଯେଉଁ ବିଭାଗ/କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ବାରମ୍ବାର ବରାଦ ଅର୍ଥ ବ୍ୟବହାର କରିପାରୁନାହାନ୍ତି, ସେମାନଙ୍କର Fund utilisation ଓ project implementation performance ଆଧାରରେ କୌଣସି ଦାୟିତ୍ୱ ନିର୍ଦ୍ଧାରଣ କିମ୍ବା ଆର୍ଥିକ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି କି ; ଯଦି ନାହିଁ, ତେବେ ବିକାଶ ପାଇଁ ବରାଦ ହେଉଥିବା ସରକାରୀ ଅର୍ଥ ସମୟବଦ୍ଧ ଭାବେ ଖର୍ଚ୍ଚ ହୋଇ ତାହାର ବାସ୍ତବ ଫଳାଫଳ ଜନସାଧାରଣଙ୍କୁ ମିଳିବା ପାଇଁ ସରକାର କେଉଁ ନୂତନ ପଦକ୍ଷେପ ନେଉଛନ୍ତି ?

----

## ଡା ପରୀକ୍ଷାରେ ହୋଇଥିବା ଅନିୟମିତତା

1908 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ଗତ ଡା ପରୀକ୍ଷାରେ ହୋଇଥିବା ଅନିୟମିତତାରେ କେଉଁ କେଉଁ ଅଧିକାରୀ ଓ ବ୍ୟକ୍ତିବିଶେଷ ସମ୍ପୃକ୍ତ ଅଛନ୍ତି ଏବଂ ସେମାନଙ୍କ ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ଓ ପୁନର୍ବାର ଡା ପରୀକ୍ଷା କେବେ ହେବ?

----

## ଜନସାଧାରଣଙ୍କ ଅଭିଯୋଗ ସମାଧାନ ସମ୍ପର୍କରେ

1909 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜ୍ୟରେ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ସମୟବଦ୍ଧ ସମାଧାନ ପାଇଁ ଅନଲାଇନ୍ ଓ ଅଫଲାଇନ୍ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ବହୁ ଅଭିଯୋଗ ଦୀର୍ଘଦିନ ଧରି ବିଭିନ୍ନ ବିଭାଗ/କାର୍ଯ୍ୟାଳୟରେ ବିଚାରାଧୀନ ରହୁଥିବା ଏବଂ ଅନେକ କ୍ଷେତ୍ରରେ ଅଭିଯୋଗର ବାସ୍ତବ ସମାଧାନ ନକରି କେବଳ disposal କରାଯାଉଥିବା ବିଷୟ ସରକାରଙ୍କ ଦୃଷ୍ଟିଗୋଚରକୁ ଆସିଛି କି ; ଯଦି ହଁ, ତେବେ 2024-25 ଠାରୁ ବର୍ତ୍ତମାନ ସୁଦ୍ଧା ସମଗ୍ର ରାଜ୍ୟରେ ମୋଟ କେତୋଟି public grievance ଦାଖଲ ହୋଇଛି ସେଥିରୁ କେତୋଟି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ହୋଇଛି, କେତୋଟି pending ରହିଛି ଏବଂ 30/60/90 ଦିନରୁ ଅଧିକ ସମୟ ଧରି pending ଥିବା ଅଭିଯୋଗ କେତୋଟି ; ବିଳମ୍ବ କିମ୍ବା ଅସନ୍ତୋଷଜନକ disposal ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କୌଣସି accountability ଓ monitoring mechanism ରହିଛି କି ; ଏହା ସହିତ, ଅଭିଯୋଗର disposal ବଦଳରେ ବାସ୍ତବ ସମାଧାନ କେତୋଟି ହୋଇଛି ତଥ୍ୟ ଦେବା ସହ ତାହାର independent verification ଏବଂ complainant feedback ବ୍ୟବସ୍ଥା ସରକାରଙ୍କ ଦ୍ୱାରା କରାଯାଉଛି କି?

----

## ଚେନ ଲୁଟେରାମାନଙ୍କୁ କାବୁ କରିବା ପାଇଁ ପଦକ୍ଷେପ

1910 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ରାଜଧାନୀ ଭୁବନେଶ୍ୱର ସହ ବିଭିନ୍ନ ଜିଲ୍ଲାର ଗ୍ରାମାଞ୍ଚଳରେ ବିଗତ ତିନି ବର୍ଷରେ କେତେଗୋଟି ମହିଳାମାନଙ୍କ ଠାରୁ ସୁନା ଚେନ୍ ଲୁଟ୍ ଘଟଣା ଦୃଷ୍ଟିକୁ ଆସିଛି ଏବଂ କେତେଜଣ ଅପରାଧି ଧରାପଡିଛନ୍ତି ; କେତେଗୋଟି ଲୁଟ୍ ହୋଇଥିବା ସାମଗ୍ରୀ ଧରାପଡିଛି ପ୍ରକାଶ କରି ଲୁଟେରାଙ୍କ ଆତଙ୍କ ଯୋଗୁଁ ଝିଅ ବୋହୁମାନେ ନିଜଘର ସାମ୍ନାରେ ଗହଣା ପିନ୍ଧି ଠିଆ ହେବାକୁ ଭୟ କରୁଥିବା ବେଳେ ଏହି ଚେନ୍ ଲୁଟେରାମାନଙ୍କୁ କାବୁ କରି ଜନସାଧାରଣଙ୍କୁ ଆଶ୍ୱସ୍ତି ଦେବାପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ବୁକ୍ ସର୍କୁଲାର 47 ଆଧାରରେ ବିଧାୟକମାନଙ୍କ ପତ୍ରର ପ୍ରାପ୍ତି ସ୍ୱୀକାର

1911 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବୁକ୍ ସର୍କୁଲାର 47 ଆଧାରରେ ପୂର୍ବତନ ବିଧାୟକମାନଙ୍କ ପତ୍ରର ପ୍ରାପ୍ତି ସ୍ୱୀକାର ଓ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରେରଣ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ଭୁବନେଶ୍ୱରରେ ଗୃହ ନିର୍ମାଣ ପାଇଁ ଜମି ଯୋଗାଣ

1912 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ମାନ୍ୟବର ବିଧାୟକମାନଙ୍କୁ ରାଜଧାନୀ ଭୁବନେଶ୍ୱରରେ ବାସୋପଯୋଗୀ ଜମି ପ୍ରଦାନ କେଉଁ ମସିହାରୁ ବନ୍ଦ ଅଛି ପ୍ରକାଶ କରି ମାନ୍ୟବର ବିଧାୟକମାନଙ୍କୁ ରାଜଧାନୀ ଭୁବନେଶ୍ୱରରେ ଗୃହ ନିର୍ମାଣ ପାଇଁ ଜମି ଯୋଗାଇଦେବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ଏହା କେବେଠାରୁ କାର୍ଯ୍ୟକାରୀ କରାଯିବ?

----

## ହୋମିଓପାଥି ଓ ଆୟୁର୍ବେଦିକ ଡାକ୍ତରମାନଙ୍କୁ ସମାନ ଦରମା ସମାନ ସୁବିଧା ପ୍ରଦାନ

1913 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କାର୍ଯ୍ୟରତ ହୋମିଓପାଥି ଓ ଆୟୁର୍ବେଦିକ ଡାକ୍ତରମାନଙ୍କୁ ଏଲୋପାଥି ଡାକ୍ତରମାନଙ୍କ ଭଳି ସମାନ ଦରମା ଓ ସୁବିଧା ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## Monitoring anemia among children and women in Puri

1914 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- In view of NFHS-6(2023-24) showing that child wasting in Odisha has risen from 18.1%(NFHS-5) to 22.1% and media/technical analyses describing this as a "health paradox" alongside rising underweight rates; (a) Will the Minister state the district-wise child wasting, underweight and shunting figures for Puri for NFHS-5 and NFHS-6 and specifically for Satyabadi Constituency if available; (b) What time-bound, constituency-specific nutrition and health interventions (beyond routine ICDS/ANM work) has the Government launched in Puri/Satyabadi since April 2025 to reverse this trend with physical and financial targets; Given that anemia data was not collected in NFHS-6 on methodological grounds what alternative state mechanism is being used to monitor anemia among children and women in Puri and what are the latest findings and corrective actions?

----

**Digital Connectivity in Satyabadi**

1915 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (a) Whether the Government proposes to upgrade digital connectivity infrastructure including broadband penetration, common service centers (CSCs) and mobile tower coverage-in the Satyabadi Constituency of Puri District under any central or state scheme during 2026-27; (b) If so, the details thereof, including the number of new CSCs, optical fiber kilometers laid and mobile towers proposed for Satyabadi block and nearby gram panchayats; If not, the reasons therefor and the expected timeline for extending such facilities to this constituency?

----

**District-wise allocation & expenditure**

1916 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- (1) The district-wise allocation and expenditure during 2025-26 and 2026-27 (up to August 31, 2026) under (a) Mission PoWar (Connectivity to unconnected habitations, Rs.1,000 crore state-wise) and (b) State support for Rural Piped Water Supply Projects (Rs.800 crore State-wide) ; (2) The specific share allocated to Puri district and Satyabadi block under each scheme and the number of habitations covered or left out in Satyabadi as of August 2026 ; Whether the Finance

Department has reviewed the ground reality of contaminated groundwater and Daya river pollution in Kanas-Satyabadi areas and if any additional special grant or contingency allocation is proposed in the Revised Estimates 2026-27 to address drinking water distress in these blocks?

----

**Total number of grievances received from Satyabadi block**

1917 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The total number of public grievances received from Satyabadi block during the last 18 rounds of the Chief Minister's Public Grievance Hearing Programme (July 2024-August 2026), category-wise (land records, pension, PDS, water supply, electricity, and others); (b) how many of these grievances have been resolved, how many remain pending, and the average time taken for disposal in each category, whether any grievances from Satyabadi have been pending for more than 90 days and if so, the reasons for such delays and the names of the responsible officers; what specific steps the Department proposes to ensure 100% disposal of pending grievances from Satyabadi block before December 2026, including any special camp or fast-track mechanism ?

----

**ସରକାରୀ ଭେଷଜ ମହାବିଦ୍ୟାଳୟର ସ୍ଥାନାନ୍ତର**

1918 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୌଣସି ସରକାରୀ ଭେଷଜ ମହାବିଦ୍ୟାଳୟ (Medical College) କିମ୍ବା ତାହାର ପରିସରକୁ ଉପଯୁକ୍ତ ଭିତିଭୂମି ଏବଂ ସମ୍ପୂର୍ଣ୍ଣ ସହଯୋଗ ବିନା ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସରକାରଙ୍କ ଦ୍ୱାରା କ'ଣ କୌଣସି ସ୍ୱତନ୍ତ୍ର ନୀତି ବା ମୋଡାଲିଟି (Modality) ସ୍ଥିର କରାଯାଇଛି କି, ଯଦି ହୋଇଛି, ତାର ପୂର୍ଣ୍ଣାଙ୍ଗ ବିବରଣୀ କ'ଣ, ଯଦି କୌଣସି ସ୍ଥାନାନ୍ତର ନୀତି ପ୍ରସ୍ତୁତ ହୋଇନାହିଁ, ତେବେ ଏହା କେଉଁ ତାରିଖ ସୁଦ୍ଧା ପ୍ରସ୍ତୁତ କରାଯିବ ବୋଲି ସରକାର ଧାର୍ଯ୍ୟ କରିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ (PRMMCH)ର ବର୍ତ୍ତମାନର ଏମ.ବି.ବି.ଏସ୍. ସିଟ୍ ସଂଖ୍ୟା, ଶିକ୍ଷାଦାନ କକ୍ଷ, ଛାତ୍ରାବାସ ସମ୍ପୂର୍ଣ୍ଣ ତଥ୍ୟ ଦେବେ କି; ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ବିଭିନ୍ନ ସେବା ପାଇଁ କେଉଁ କେଉଁ ଆଉଟସୋର୍ସିଂ ଏଜେନ୍ସି ଜରିଆରେ କେଉଁ ପଦବୀ ପାଇଁ କେଉଁ MANPOWER ନିୟୋଜିତ କରାଯାଇଛି ଏବଂ ସେମାନଙ୍କୁ କେତେ ପରିମାଣର ପାଣ୍ଠି ପ୍ରଦାନ କରାଯାଉଛି, ତାର ବିସ୍ତୃତ ହିସାବ ଦେବେକି ?

----

**ମୋବାଇଲ ନେଟୱର୍କ ସ୍ଥିତି**

1919 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଘଟିଡୁବା, ବ୍ରାହ୍ମଣଗାଁ, ଚାକିଡି ଓ ଅଁଳାଗୁଞ୍ଜା, ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କୋଷାଡିହା ଏବଂ କୁଲିଆଣା ବ୍ଲକ ଅନ୍ତର୍ଗତ ପଶ୍ଚିମବଙ୍ଗ ସୀମାବର୍ତ୍ତୀ କୋଖାରୁଷୋଳ, ଶ୍ରୀଚନ୍ଦନପୁର, ବରାହଗେଞ୍ଜା "ନହାମାଳିଆ ଓ ଦୁଧକୁଣ୍ଡି ଗ୍ରାମରେ ମୋବାଇଲ ନେଟୱର୍କ ଅନୁପଲବ୍ଧତା ପରିପ୍ରେକ୍ଷୀରେ, ଉକ୍ତ ସମସ୍ତ ଗ୍ରାମର ବର୍ତ୍ତମାନର ମୋବାଇଲ ନେଟୱର୍କ ସ୍ଥିତି, ଉପଲବ୍ଧ ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥା, ସମ୍ପୂର୍ଣ୍ଣ ନେଟୱର୍କବିହୀନ ଗ୍ରାମର ତଥ୍ୟ, ସର୍ଜମିନ ତଦନ୍ତ/ସର୍ଭେର ସ୍ଥିତି ଏବଂ ନୂତନ ମୋବାଇଲ ଟାୱାର ସ୍ଥାପନ କରି 4G/5G ସେବା ଯୋଗାଣ ସହ କେନ୍ଦ୍ର ସରକାରଙ୍କ 4G Saturation Project କିମ୍ବା ଅନ୍ୟାନ୍ୟ ମୋବାଇଲ ସଂଯୋଗୀକରଣ ଯୋଜନାରେ ଉକ୍ତ ଗ୍ରାମଗୁଡ଼ିକୁ ସାମିଲ କରାଯାଇଛି କି ନାହିଁ, ଯଦି ସାମିଲ କରାଯାଇଥାଏ ତେବେ ଗ୍ରାମୱାରୀ ଭାବେ କେବେ ସୁଦ୍ଧା ମୋବାଇଲ ସେବା କାର୍ଯ୍ୟକ୍ଷମ ହେବ ଏବଂ ଯଦି ସର୍ଭେ ହୋଇନଥାଏ ତେବେ ତୁରନ୍ତ ସର୍ଭେ କରି ନେଟୱର୍କବିହୀନ ଅଞ୍ଚଳରେ ଆବଶ୍ୟକ ଟାୱାର ସ୍ଥାପନ କରି 4G/5G ସେବା ଯୋଗାଇବା ପାଇଁ ସରକାର କ'ଣ ପଦକ୍ଷେପ ନେଉଛନ୍ତି?

----

## ଅର୍ଥ ମଞ୍ଜୁରର ପରିମାଣ

1920 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲାରେ ଗତ ୫ ବର୍ଷ ମଧ୍ୟରେ OMBADC Scheme ଅଧୀନରେ ସ୍ୱାସ୍ଥ୍ୟ ବିଭାଗକୁ ବର୍ଷୱାରୀ କେତେ ଅର୍ଥ ମଞ୍ଜୁର ଓ ପ୍ରଦାନ କରାଯାଇଛି ଏବଂ ଉକ୍ତ ଅର୍ଥରେ କେତୋଟି ପ୍ରକଳ୍ପ/କାର୍ଯ୍ୟ ହୋଇଛି, ପ୍ରତ୍ୟେକ କାର୍ଯ୍ୟର ନାମ, ସ୍ଥାନ, ଅନୁମୋଦିତ ମୂଲ୍ୟ, ଖର୍ଚ୍ଚ, ଆରମ୍ଭ ଓ ଶେଷ ତାରିଖ, ଭୌତିକ ଓ ଆର୍ଥିକ ପ୍ରଗତି, ବର୍ତ୍ତମାନ ସ୍ଥିତି, ଏଥିମଧ୍ୟରୁ ୫ ଲକ୍ଷ ମଧ୍ୟରେ ଓ ୫ ଲକ୍ଷରୁ ଅଧିକ ମୂଲ୍ୟର କେତୋଟି କାର୍ଯ୍ୟ ରହିଛି, ବିଶେଷତଃ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରେ କେତୋଟି କାର୍ଯ୍ୟ ସମ୍ପୂର୍ଣ୍ଣ ଓ କାର୍ଯ୍ୟକ୍ଷମ, କେତୋଟି ଚାଲୁ ରହିଅଛି, କେତୋଟି ଅସମ୍ପୂର୍ଣ୍ଣ ଓ କେତୋଟି ଆରମ୍ଭ ହୋଇନାହିଁ; ଏବଂ ଉକ୍ତ ଜିଲ୍ଲାର ସମସ୍ତ କାର୍ଯ୍ୟଗୁଡ଼ିକର ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ନାମ, ପଦବୀ ଏବଂ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ

----

## ଚିକିତ୍ସାଳୟ ପରିସରରେ ରୋଗୀ ଜଗୁଆଳିମାନଙ୍କ ପାଇଁ ବିଶ୍ରାମ ଗୃହ

1921 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (DHH, Baripada) ପରିସରରେ ରୋଗୀ ଜଗୁଆଳିମାନଙ୍କ ପାଇଁ 'Patient Attendant Rest sed (ରୋଗୀ ଜଗୁଆଳି ବିଶ୍ରାମ ଗୃହ) ବର୍ତ୍ତମାନ ଉପଲବ୍ଧ ଅଛି କି, ଯଦି ନାହିଁ, ତେବେ ଏହା କେବେ ସୁଦ୍ଧା ନିର୍ମାଣ କରାଯିବାର ଲକ୍ଷ୍ୟ ରହିଛି,ଏହି ଜିଲ୍ଲାର ଅନ୍ୟାନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (CHC) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (PHC) ଗୁଡ଼ିକରେ କେବେଠାରୁ ଏବଂ କେତେ ସଂଖ୍ୟକ ରୋଗୀ ଜଗୁଆଳି ବିଶ୍ରାମ ଗୃହ ନିର୍ମାଣ ହୋଇ ସାରିଛି, ସେଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ବର୍ତ୍ତମାନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି, ତାର ବ୍ଲକ-ୱାରୀ (Block-wise) ବିବରଣୀ କ'ଣ ଅଛି, ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମିତ ୧୮୦ ଶଯ୍ୟାବିଶିଷ୍ଟ (180-bedded) ନୂତନ ଅନ୍ତଃରୋଗୀ (IPD) ବିଭାଗ ଗୃହକୁ ସେଣ୍ଟ୍ରାଲ ଏସି (Central AC) ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବାର କିଛି ସରକାରୀ ଯୋଜନା ରହିଛି କି, ଯଦି ଏଭଳି କୌଣସି ଯୋଜନା ରହିଛି, ତେବେ ଉକ୍ତ ନୂତନ ଅନ୍ତଃରୋଗୀ ବିଭାଗ ଗୃହରେ କେବେ ସୁଦ୍ଧା କେନ୍ଦ୍ରୀୟ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ, ସେନେଇ ସରକାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିଛନ୍ତି କି ?

----

### Sanctioned MBBS Post ସଂଖ୍ୟା

1922 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଜଗତସିଂହପୁର ଜିଲ୍ଲାର ବାଲିକୁଦା ଓ ଏରସମା Block ଅଧିନରେ ଥିବା CHC ଏବଂ PHC ଗୁଡିକରେ କେତେଗୋଟି Sanctioned MBBS Post ଅଛି, ଏବଂ ବର୍ତ୍ତମାନ କେତେଗୋଟି ପଦବୀ କେଉଁ ଦିନ ଠାରୁ ଖାଲି ଅଛି କହିବେ କି, (ଖ) ଉକ୍ତ ଖାଲି ପଦବୀ ଗୁଡିକୁ ପୂରଣ କରି ରୋଗୀସେବାକୁ ଶୃଙ୍ଖଳିତ କରିବା ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି ?

----

### Steps taken to strengthen Marine Police Station

1923 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Whether Govt. claims intelligence wing and marine police are fully equipped with smart surveillance to protect our coastlines and internal security; if so, how 5 Orangutans were smuggled in to Odisha without detection and we will prohibit the Bangladeshi infiltrators; steps taken to inspect & strengthen Marine Police state and whether Govt. will order for a high level inquiry into the matter ?

----

## ମିଳିଥିବା ଅର୍ଥର ପରିମାଣ

1924 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗତ ୨୦୧୮-୧୯ ବର୍ଷ ପରଠାରୁ ପ୍ରତ୍ୟେକ ଆର୍ଥିକ ବର୍ଷରେ ବିକ୍ରୀ ଓ ସେବାକର ବାବଦରେ (SGST) ପ୍ରତି ବର୍ଷ କେତେ ମିଳିଥିବା ଓ କେଉଁ କେଉଁ ବର୍ଷ ଆୟ କମିଥିବାରୁ ପରିଷଦର (GST Council) ନିଷ୍ପତ୍ତି ଅନୁସାରେ ରାଜ୍ୟର କ୍ଷତି ଭରଣା କେଉଁ ବର୍ଷ କେତେ ପରିମାଣରେ କରାଯାଇଥିଲା, କେନ୍ଦ୍ର ଠାରୁ ଏବାବଦରେ ବାକିଥିବା ପ୍ରାପ୍ୟର ପରିମାଣ କେତେ ?

----

## ଔଷଧର ଓ Kitର ଭେଜାଲ ବିକ୍ରୀ

1925 **ଶ୍ରୀ ସରୋଜ କୁମାର ପାଢି (ଆସ୍କା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗଞ୍ଜାମ ଜିଲ୍ଲାର ଆସିକା ହେଉଛି ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର, ଉକ୍ତ ଅଞ୍ଚଳରେ ପ୍ରବଳ ମାତ୍ରାରେ ନିମ୍ନମାନର ଔଷଧ ଓ Kit ବିକ୍ରି ହେଉଅଛି, ପ୍ରତ୍ୟେକ ଔଷଧର ଓ Kit ର ଭେଜାଲ ଓ Duplicate ବିକ୍ରି ହେବା ଫଳରେ ଜନସାଧାରଣ ଆରୋଗ୍ୟ ଲାଭ କରିବା ପ୍ରତି ବଦଳରେ ନାନା ପ୍ରକାର ଜଟିଳ ରୋଗରେ ସମ୍ମୁଖୀନ ହେଉଛନ୍ତି, ଉକ୍ତ ବିକ୍ରିକୁ ରୋକିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବେ, ଦ୍ୱିତୀୟତଃ ସ୍ୱାସ୍ଥ୍ୟ ବିଭାଗ ତରଫରୁ Drug Inspector ମାନେ ଔଷଧ ଦୋକାନ ଗୁଡିକ ରିତିମତ ତରାରଖ/ ଯାଞ୍ଚ ନକରିବା ଯୋଗୁଁ ଔଷଧ ଦୋକାନୀମାନେ ଖୁଲମ୍ ଖୋଲା ଦୁର୍ନୀତି କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ଏଣୁ ସରକାର ଏହା ଉପରେ ତୁରନ୍ତ ଧ୍ୟାନ ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## ପଞ୍ଚାୟତ ଗୁଡିକୁ ଆସିକା ପୋଲିସ ଥାନା ଅଧିନକୁ ଅନ୍ତର୍ଭୁକ୍ତ

1926 **ଶ୍ରୀ ସରୋଜ କୁମାର ପାଢି (ଆସ୍କା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଆସିକା ବିଧାନସଭା ଅନ୍ତର୍ଗତ ଆସିକା ପଞ୍ଚାୟତ ସମିତିର ଚାରିଗୋଟି ପଞ୍ଚାୟତ ଯଥା- ୧.ମୁନିଗାଡି, ୨.ବାଗରଣ, ୩. ନିମିଟା , ୪.କେନ୍ଦୁପଦର ଗାଙ୍ଗପୁର ପୋଲିସ ଥାନା ଅଧିନରେ ଅଛି, ରାଜ୍ୟ ସରକାରଙ୍କ (delamination) ବିଲୋପ ପ୍ରକାରେ ପ୍ରତି ରାଜସ୍ୱ ତହସିଲ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ରାଜସ୍ୱ ତହସିଲ ମଧ୍ୟରେ ଥିବା ଅଧିନରେ ରହିବ, ଯାହାକି ବିଭିନ୍ନ ବ୍ଲକରେ ମଧ୍ୟରେ କାର୍ଯ୍ୟକାରୀ ହୋଇଛି, ଏଣୁ ଉକ୍ତ ନିୟମ ପ୍ରକାରେ ମୁନିଗାଡି, ବାଙ୍ଗରତା, ନିମିକା, କେନ୍ଦୁପଦର ଓ ଗହରୁ ପଞ୍ଚାୟତକୁ ଆସିକା ପୋଲିସ ଥାନା ଅଧିନକୁ ଅନ୍ତର୍ଭୁକ୍ତ କରିବେ କି ?

----

## ଅତିରିକ୍ତ ପୋଲିସ ଅଧ୍ୟକ୍ଷଣ କାର୍ଯ୍ୟାଳୟ ସ୍ଥାପନ

1927 **ଶ୍ରୀ ସରୋଜ କୁମାର ପାଢି (ଆସ୍କା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଆସିକା ଗୋଟିଏ ଜନବହୁଳ ଓ ଜିଲ୍ଲାର କେନ୍ଦ୍ରୀୟ ସ୍ଥଳ ହେବାରୁ ବାରମ୍ବାର ଅପରାଧ ନିୟନ୍ତ୍ରଣ କରିବା ପାଇଁ ଅଧିକ ସଂଖ୍ୟକ ପୋଲିସ୍ ଷ୍ଟାଫ୍ ମୁତୟନ କରିବା ସଙ୍ଗେ ସଙ୍ଗେ ଏକ ଅତିରିକ୍ତ ପୋଲିସ ଅଧ୍ୟକ୍ଷଣ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ବହୁବାର ଜନସାଧାରଣଙ୍କ ଦାବୀ ହେଉଅଛି, ଏଣୁ ସରକାର ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ ଏକ ଅତିରିକ୍ତ ପୋଲିସ ଅଧିକ୍ଷଣ କାର୍ଯ୍ୟାଳୟ ( Additional Superintend of Police, Aska) ଅବସ୍ଥାପନ କରିବା ନିହାତି ଅପରିହାର୍ଯ୍ୟ ଅଟେ, ଏହା କେତେ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବେ ?

----

**Poor Mobile network in Balangir**

1928 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) whether Government is aware of persistent complaints regarding poor mobile network, internet connectivity and telecom service quality in Balangir district, particularly in rural and remote areas (b) if so, the block-wise details of identified connectivity gaps, mobile towers/OFC infrastructure proposed or pending, and the time-bound action taken to improve digital connectivity and service quality in the district?

----

**List of district-wise NDPS Cases registered**

1929 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) the district-wise NDPS cases registered, persons arrested, convictions secured and quantity/value of ganja, brown sugar and other narcotics seized during 2024-25, 2025-26 and 2026-27 (b) the district-wise area of illegal cannabis cultivation detected and destroyed and the major inter-State trafficking routes and organised drug networks identified and action taken against their financiers/assets and whether Government has fixed a March 2029 target for eliminating narcotics trade and ganja cultivation in Odisha if so, the district-wise targets, enforcement strategy and monitoring mechanism thereof?

----

**Number of cases under the SC/ST (Prevention of Atrocities) Act**

1930 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) the district-wise and year-wise number of cases registered in Odisha under the SC/ST (Prevention of Atrocities) Act during 2021-22 to 2025-26 separately for SCs and STs (b) the number charge-sheeted, pending investigation, disposed of by courts, resulting in conviction and pending trial and the district-wise number of designated Special Courts and sanctioned, filled and vacant posts of Special Public Prosecutors dealing with such cases, the reasons for delay in establishing ST Special court building in Balangir sanctioned in 2015?

----

## ଗୋପାଳପ୍ରସାଦ ଠାରେ ଦମକଳ କେନ୍ଦ୍ର ସ୍ଥାପନ

1931 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ତାଳଚେର ନିର୍ବାଚନମଣ୍ଡଳୀର ଗୋପାଳପ୍ରସାଦ ଠାରେ ଏକ ଦମକଳ କେନ୍ଦ୍ର ସ୍ଥାପନ କରିବାର ପ୍ରସ୍ତାବ ଅଛି କି, ଯଦି ଉତ୍ତର ହଁ ହୁଏ ତେବେ କେବେସୁଦ୍ଧା ଏହି ଦମକଳ କେନ୍ଦ୍ର ସ୍ଥାପନ କରାଯିବ?

----

## ପୋଲିସ SDPO ଙ୍କ ସୀମା ନିର୍ଦ୍ଧାରଣ

1932 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ତାଳଚେର ନିର୍ବାଚନମଣ୍ଡଳୀ ଭିତରେ ଥିବା ପୋଲିସ ସୀମାକୁ ପୁନଃନିର୍ଦ୍ଧାରଣ କରି ତାଳଚେର ଅଂଚଳ, ପାଲଲହଡା SDPO ଙ୍କ ଅଧିନରୁ ବାଦ ଦେଇ ତାଳଚେର SDPO ଙ୍କ ଅଧିନରେ ରଖିବା ପାଇଁ ଜନସାଧାରଣଙ୍କ ଦାବୀ ସରକାରଙ୍କ ବିଚାରାଧିନ ଅଛି କି, ଯଦି ଉତ୍ତର ହଁ ହୁଏ, ତେବେ କେବେସୁଦ୍ଧା ପୋଲିସ SDPO ଙ୍କ ସୀମା ପୁନଃ ନିର୍ଦ୍ଧାରଣ କରାଯିବ?

----

## ତାଳଚେରରେ IT Hub ପ୍ରତିଷ୍ଠା

1933 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର)ଃ**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅନୁଗୋଳ ଜିଲ୍ଲାର ତାଳଚେରର ଅଂଚଳ ଏକ ଶିଳ୍ପାଞ୍ଚଳ ହୋଇଥିବା ଦୃଷ୍ଟିରୁ ସେଠାରେ ଏକ IT Hub ପ୍ରତିଷ୍ଠା କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଯଦି ଉତ୍ତର ହଁ ହୁଏ ତେବେ କେବେସୁଦ୍ଧା ଏହା କାର୍ଯ୍ୟକାରୀ ହେବ?

----

## NIEUT/CCRYN ର ବର୍ତ୍ତମାନ ସ୍ଥିତି

1934 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱରରେ ନୂତନ ଭାବେ ଉଦଘାଟିତ NIEUT (National Institute of Electronics and Information Technology) କେନ୍ଦ୍ର ଏବଂ CCRYN(Central Council for Research in Yoga and Naturopathy) ମାଧ୍ୟମରେ ଅକ୍ଟୋବର 2025 ରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର MOU ର କାର୍ଯ୍ୟକାରୀତା ସ୍ଥିତି ବର୍ତ୍ତମାନ କଣ ରହିଛି ଏବଂ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ପ୍ରଯୁକ୍ତିବିଦ୍ୟା ସମ୍ବନିତ ଯୋଗ ଓ ପ୍ରାକୃତିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ କେବେସୁଦ୍ଧା ଆରମ୍ଭ ହେବ?

----

## ଥାନା କମ୍ପ୍ୟୁଟରୀକରଣ

1935 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ଥିବା ଥାନାଗୁଡିକ ମଧ୍ୟରୁ କେତୋଟି ଥାନକୁ କମ୍ପ୍ୟୁଟରୀକରଣ କରାଯାଇଛି ଏବଂ କେତୋଟି ଥାନା କମ୍ପ୍ୟୁଟରୀକରଣ ବାକି ଅଛି ଏବଂ ସେଗୁଡିକ କେବେସୁଦ୍ଧା କମ୍ପ୍ୟୁଟରୀକରଣ କରାଯିବ?

----

## ଦମକଳ କେନ୍ଦ୍ର ସ୍ଥାପନ

1936 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଦମକଳ କେନ୍ଦ୍ର ସ୍ଥାପନ କରିବାର ନୀତି ନିୟମ କଣ ରହିଛି, ରାଜ୍ୟର କେଉଁ ବ୍ଲକ ମୁଖ୍ୟାଳୟରେ ଦମକଳ କେନ୍ଦ୍ର ନାହିଁ ପ୍ରକାଶ କରିବେକି, ବଡ ଅଂଚଳକୁ ନେଇ ଗଠିତ ହୋଇଥିବା ବ୍ଲକଗୁଡିକରେ ଏକ ରୁ ଅଧିକ ଦମକଳ କେନ୍ଦ୍ର ସ୍ଥାପନ କରାଯାଇପାରିବ କି, ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ବ୍ଲକରେ ଚଳିତ ବର୍ଷ ଏକ ନୂତନ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତ୍ତି ନେବେକି?

----

## ମେଡିକାଲ କଲେଜ ପରିସରରୁ ବିଦ୍ୟୁତ ଲାଇନ୍ ହଟାଇବା ପାଇଁ ପଦକ୍ଷେପ

1937 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ (GMCH), ସୁନ୍ଦରଗଡ଼ର ପରିସର ଦେଇ ଏକ ୩୩ କେଭି ଉଚ୍ଚ-ଭୋଲଟେଜ ବିଦ୍ୟୁତ ସଞ୍ଚାର ଲାଇନ/ଗ୍ରିଡ୍ ସଂଯୋଗ ଅତିକ୍ରମ କରୁଥିବାରୁ ହସ୍ପିଟାଲର ଉପଲବ୍ଧ ଜମିର ଏକ ବୃହତ୍ ଅଂଶର ବ୍ୟବହାର ବାଧାପ୍ରାପ୍ତ ହେଉଥିବାର ସରକାରଙ୍କ ଦୃଷ୍ଟିକୁ ଆସିଛି କି ଯଦି ହଁ, ତେବେ ଉକ୍ତ ବିଦ୍ୟୁତ ଭିତ୍ତିଭୂମି (Electrical Infrastructure) କାରଣରୁ ବର୍ତ୍ତମାନ କେତେ ପରିମାଣ ଜମି ପ୍ରଭାବିତ ହୋଇଛି ଏବଂ ବ୍ୟବହାର ହୋଇପାରୁ ନାହିଁ ଏହା ଜଣାଇବା ସହିତ ଉକ୍ତ ୩୩ କେଭି ବିଦ୍ୟୁତ ଲାଇନକୁ ସ୍ଥାନାନ୍ତର (Shifting/Relocation) କରିବା ପାଇଁ GRIDCO/OPTCL ସହ ପରାମର୍ଶ କରି କୌଣସି ପ୍ରସ୍ତାବ ଦିଆଯାଇଛି କି? ଯଦି ହଁ ତେବେ ଉକ୍ତ ପ୍ରସ୍ତାବର ବର୍ତ୍ତମାନ ସ୍ଥିତି କ'ଣ ଏବଂ ଟ୍ରମା ସେଣ୍ଟର (Trauma Centre), ବର୍ଣ୍ଣ ସେଣ୍ଟର (Burn Centre) ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ଓ ବିଶେଷଜ୍ଞ ଚିକିତ୍ସା ବିଭାଗ ନିର୍ମାଣ ପାଇଁ ପ୍ରଭାବିତ ଜମି କେଉଁ ସମୟସୀମା ମଧ୍ୟରେ ଉପଲବ୍ଧ କରାଯିବ?

----

## ରାଜ୍ୟର ଋଣ ଭାର

1938 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟ ସରକାରଙ୍କ ଉପରେ କେତେ ଟଙ୍କାର ଋଣ ଭାର ରହିଛି ଗତ ୩ ବର୍ଷ ମଧ୍ୟରେ କେତେ ଟଙ୍କା ଋଣ କରିଛନ୍ତି ଏହି ଋଣ କେଉଁ କେଉଁ ଉତ୍ସ (Source) ରୁ କରାଯାଇଛି ଏଥିପାଇଁ ବାର୍ଷିକ କେତେ ଟଙ୍କାର ସୁଧ ଦେବାକୁ ପଡୁଛି ବର୍ତ୍ତମାନ ରାଜ୍ୟର ମୁଣ୍ଡପିଛା ଋଣ ଭାର କେତେ ?

----

## Visa ଅନୁମତି ସମ୍ପର୍କରେ

1939 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Vedanta Aluminium & Metal Ltd. ୨୧୧୬-୧୭ ରେ ଆରମ୍ଭ ହେବା ପରେ କେତେ ଜଣ ବିଦେଶୀ ଏଠାରେ କାର୍ଯ୍ୟ କରିବାକୁ ଆସିଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେ ଜଣ କାର୍ଯ୍ୟ ଭିସା (Working Visa) ଏବଂ ପର୍ଯ୍ୟଟନ ଭିସା (Tourist Visa) ଆସିଥିଲେ ଓ କେତେ ଜଣ ବିଦେଶୀ କେଉଁ କେଉଁ ଦେଶରୁ ଆସିଛନ୍ତି ତାର ସମ୍ପୂର୍ଣ୍ଣ ବିବରଣୀ ଦେବା ସହ Visaର ଅବଧି ସରିବା ପରେ ଏଠାରେ କାର୍ଯ୍ୟରତ ଥିବା ବିଦେଶୀ ମାନଙ୍କ ଗତିବିଧି ଉପରେ ସରକାର ନଜର ରଖୁଛନ୍ତି କି; ତେବେ ବର୍ତ୍ତମାନ କେତେ ଜଣ ବିଦେଶୀ କେଉଁଠାରେ କାର୍ଯ୍ୟରତ ଅଛନ୍ତି ?

----

## ନକଲି ଅଭିଜ୍ଞତା ସାର୍ଟିଫିକେଟ ପୈଠ କରିଥିବା ସଂସ୍ଥା

1940 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ (C.D.M.O.) ଙ୍କ ଅଧିନରେ କେଉଁ ଆଉଟ ସୋର୍ସିଙ୍ଗ ସଂସ୍ଥା କେତେ ବର୍ଷ ଧରି କାର୍ଯ୍ୟ କରୁଛି; ସେ ଏକ ନକଲି ଅଭିଜ୍ଞତା ସାର୍ଟିଫିକେଟ ପୈଠ କରିବା ସତ୍ୟ କି; ତାର ସମସ୍ତ ଦସ୍ତାବିଜ ଅନୁସନ୍ଧାନ କରାଯାଇଛ କି; ଉକ୍ତ ସଂସ୍ଥା କମ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି EPF ନ ଦେଇ ଅଧିକ ଟଙ୍କା ନେଉଛି ?

----

## କେନ୍ଦ୍ର ସରକାର ପ୍ରଦାନ କରିଥିବା ଅର୍ଥ ସମ୍ପର୍କରେ

1941 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟକୁ କେଉଁ କେଉଁ ହିସାବରେ କେଉଁ ବିଭାଗକୁ କେତେ ଟଙ୍କା ପ୍ରଦାନ କରିଛନ୍ତି; ଶୋଡ଼ଷ ଅର୍ଥ କମିଶନ ସୁପାରିଶ ଆଧାରରେ କେନ୍ଦ୍ର ରାଜ୍ୟକୁ ( ଓଡ଼ିଶାକୁ ) କେତେ ଦେବାର ଅଛି ଓ ଆଜିପର୍ଯ୍ୟନ୍ତ ଦେଇଛି କେତେ ?

----

## Internet ସୁବିଧା ପ୍ରଦାନ

1942 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଡ଼ାବୁଗାଁ ନିର୍ବାଚନ ମଣ୍ଡଳୀରେ ସମସ୍ତ ପଞ୍ଚାୟତରେ Internet ସୁବିଧା ଯୋଗାଇବ, ମୋବାଇଲ Tower କରିବା ଓ ସବୁ ଛକ ଜାଗା ମଲରେ Digital Display Board ଲଗାଇ ସମସ୍ତ ପ୍ରକାର ସୂଚନା ପ୍ରଦାନ କରିବାକୁ ବ୍ୟବସ୍ଥା କରିବେ କି ?

----

## ରାଜ୍ୟର ଋଣ ଭାର ସମ୍ପର୍କରେ

1943 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ ରାଜ୍ୟର ମୋଟ ସାର୍ବଜନୀନ ଋଣ କେତେ ଏବଂ ପ୍ରତି ମୁଣ୍ଡପିଛା ଋଣଭାର କେତେ, ଗତ ପାଞ୍ଚ ବର୍ଷରେ ଦେଶର ବର୍ଷୱାରୀ ବୃଦ୍ଧି/ହ୍ରାସ କେତେ; (ଖ) ଉକ୍ତ ଋଣ ବାବଦରେ ଗତ ପାଞ୍ଚ ବର୍ଷରେ ପ୍ରତିବର୍ଷ କେତେ ସୁଧ ପ୍ରଦାନ କରାଯାଇଛି ବା ବିଭିନ୍ନ ବିଭାଗକୁ ଆବଣ୍ଟିତ ବଜେଟ୍ ଅର୍ଥରୁ କେତେ ବ୍ୟୟ ହୋଇଛି ଓ କେତେ ବ୍ୟୟ ନହୋଇ ରହିଛି; ରାଜସ୍ୱ-ବ୍ୟୟରେ ସନ୍ତୁଳନ ରକ୍ଷା ଓ ନିଜସ୍ୱ ରାଜସ୍ୱ ବୃଦ୍ଧି ପାଇଁ ଆଗାମୀ ପଦକ୍ଷେପ କ'ଣ; ଏହା ଜନସାଧାରଣଙ୍କ ଉପରେ କୌଣସି ଅତିରିକ୍ତ ଆର୍ଥିକ ଚାପ ସୃଷ୍ଟି କରିବ କି ?

----

## ସରକାରୀ ଗାଡ଼ିରେ ନାଲିବତୀ ବ୍ୟବହାର

1944 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

----

## ରାୟଗଡ଼ାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

1945 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାୟଗଡ଼ା ଜିଲ୍ଲାରେ ଡାକ୍ତର, ବିଶେଷଜ୍ଞ ଡାକ୍ତର, ନର୍ସିଂ ଅଫିସର, ଫାର୍ମାସିଷ୍ଟ ଓ ଲାବୋରେଟୋରୀ ଟେକ୍ନିସିଆନଙ୍କ ବହୁ ସଂଖ୍ୟକ ପଦବୀ ଖାଲି ଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଖାଲି ପଦବୀଗୁଡ଼ିକ କେବେ ସୁଦ୍ଧା ପୂରଣ ହେବ, ତଥ୍ୟ ଦେବେ କି; (ଖ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ଥିଶଲ୍ୟ ଅସ୍ତ୍ରୋପଚାର ପାଇଁ ସ୍ୱତନ୍ତ୍ର ଅପରେସନ୍ ଥିଏଟର ନଥିବାରୁ ଅନ୍ୟ ବିଭାଗର ଅପରେସନ୍ ଥିଏଟର ବ୍ୟବହାର ହେଉଥିବା ଘଟଣା ସରକାରଙ୍କ ଜ୍ଞାତସାରରେ ଅଛି କି, ସ୍ୱତନ୍ତ୍ର ଅପରେସନ୍ ଥିଏଟର କାର୍ଯ୍ୟକ୍ଷମ କରିବେ କି; ଗତ ଦୁଇବର୍ଷ ମଧ୍ୟରେ ସରକାର ଗଠନ ପରଠାରୁ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା କେତେଥର ସମୀକ୍ଷା କରିଛନ୍ତି; ସମୀକ୍ଷାର ନିଷ୍ପତ୍ତି ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବେ କି ?

----

## DHHକୁ Satellite ରେ ପରିଣତ କରିବାକୁ ପଦକ୍ଷେପ

1946 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଭଦ୍ରକ ମୁଖ୍ୟ ଚିକିତ୍ସାଳୟ (DHH) ସହିତ ପୁରାତନ DHH Satellite Hospital ଭାବେ ପରିଣତ କରିବା ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି; (ଖ) ନୂତନ DHHରେ ଲିଫ୍ଟର ସୁଚାରୁ ଚଳାଚଳ, ରୋଗୀ ଓ ରୋଗୀଙ୍କ ସହାୟକମାନଙ୍କ ବିଶ୍ରାମ ନିମନ୍ତେ ପର୍ଯ୍ୟାପ୍ତ ଚେୟାର ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା, ଏବଂ Pathology ବିଭାଗରେ ଆବଶ୍ୟକ ସଂଖ୍ୟକ Attendant ଓ Lab Technician ଙ୍କ ସୁଚାରୁ ନିଯୁକ୍ତି/ସୁପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ କି କି ପଦକ୍ଷେପ ନିଆଯାଇଛି; ଉପରୋକ୍ତ ବ୍ୟବସ୍ଥାଗୁଡ଼ିକୁ କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ; ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ସମୟସୀମା ସହିତ ସରକାର ରାଜ୍ୟକୁ କାର୍ଯ୍ୟଯୋଜନାର ବିବରଣୀ ପ୍ରଦାନ କରିବେ କି ?

----

## Special Development Package ପ୍ରଦାନ

1947 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-

----

## Fire Station ସ୍ଥାପନ

1948 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ବର୍ତ୍ତମାନ କେତୋଟି Fire Station କାର୍ଯ୍ୟରତ ଅଛି ଏବଂ ସେଗୁଡ଼ିକରେ Fire Tender, Rescue Equipment ଓ କର୍ମଚାରୀଙ୍କ ସ୍ଥିତି କ'ଣ? ଭଦ୍ରକ ସହର, ଧାମରା ଓ ଶିଳ୍ପାଞ୍ଚଳର ବଢୁଥିବା ଆବଶ୍ୟକତା ଦୃଷ୍ଟିରେ ନୂତନ Fire Station କିମ୍ବା ଅତିରିକ୍ତ Fire Tender ଯୋଗାଇବାର ପ୍ରସ୍ତାବ ଅଛି କି?

----

**Status of cases relating to foreigners in Odisha**

1949 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Over the last ten years, what has been the status of deaths, missing cases and theft of belongings involving foreign nationals across different districts of Odisha; Are there any foreign nationals residing or working in Odisha and if so, for what purposes; If yes, what is the count and nationality of such individuals, district-wise, during the period 2022 to September 2026?

----

**ଖାଦ୍ୟର ମାନ ପରୀକ୍ଷଣ**

1950 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖାଦ୍ୟର ମାନ ପରୀକ୍ଷଣ ପାଇଁ ସରକାରୀ ଓ ବେସରକାରୀ କେତେ ଗୋଟି ପରୀକ୍ଷାଗାର ରହିଛି,ଏଥିରେ ବ୍ୟବହୃତ ପରୀକ୍ଷଣ ଯନ୍ତ୍ରପାତିର ଗୁଡିକ କେଉଁ Brand and model ଆଧାରିତ ଓଡିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ଓ ବାର୍ଷିକ କେତେ ନମୂନା ଏହି ଲେବ (ନାମ ଓ ସ୍ଥାନ) ଗୁଡିକରେ ପରିକ୍ଷିତ ହୋଇଛି ଓ ଏହାର ଖର୍ଚ୍ଚ କିଏ ବହନ କରନ୍ତି ; ଖାଦ୍ୟର ପରିକ୍ଷଣରେ ହେଉଥିବା ବ୍ୟାପକ ଦୁର୍ନୀତି ଯୋଗୁଁ ଅପମିଶ୍ରଣ ଖାଦ୍ୟ ପାଇଁ କିଏ ଉତ୍ତରଦାୟୀ ରହିବେ ?

----

**Mule Account ସମ୍ବନ୍ଧୀୟ ଠକେଇ**

1951 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ବିନା ଅନୁମୋଦନରେ ଯେ କୌଣସି ବିତୀୟ ସଂସ୍ଥା ରାଜ୍ୟରେ ବ୍ୟବସାୟ ବିସ୍ତାର କରି ପାରିବେ କି; ବ୍ୟାଙ୍କିଙ୍ଗ ଓ ନନ୍ ବ୍ୟାଙ୍କିଙ୍ଗ, SMALL LENDING କମ୍ପାନୀ ମାନଙ୍କ ଦ୍ଵାରା ଲୋକ ଲୁଣ୍ଠିତ ପାଇଁ ସରକାର ଧ୍ୟାନ ଦେବେ କି ; ଜିଲ୍ଲା ସ୍ତରରେ ଯଦି ବ୍ୟବସାୟ ବିସ୍ତାର ପାଇଁ UPI Company କର୍ମଚାରୀ ନିଯୁକ୍ତ କରନ୍ତି ତେବେ ଏହି କଂପାନୀ ଗୁଡ଼ିକ ସମସ୍ୟା ସମାଧାନ ପାଇଁ କାହିଁକି Call Centre ବା Head Office କହି ଚୁପ୍ ବସିଥିବା ଦିଗରେ କି ପଦକ୍ଷେପ ଗ୍ରହଣ କରାଯିବ; ଜିଲ୍ଲାରେ Non Banking, Small landing bank ଓ UPI ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା / banking services ଙ୍କ କାର୍ଯ୍ୟ ଓ ଗତିବିଧି ଉପରେ ନଜର ରଖିବା ପାଇଁ କି ବିଧି ବ୍ୟବସ୍ଥା ରହିଛି ପ୍ରକାଶ କରିବେ କି; ରାଜ୍ୟରେ ଘଟୁଥିବା ଅନଲାଇନ୍ ବ୍ୟାଙ୍କ | Mule account ସମ୍ବନ୍ଧୀୟ ଠକେଇରୁ ଲୋକମାନଙ୍କୁ ସୁରକ୍ଷା ପାଇଁ କେମିତି ବ୍ୟବସ୍ଥା ରହିଛି ପ୍ରକାଶ କରିବେ କି?

----

## ବିଧାୟକଙ୍କ ପତ୍ର ଉପରେ କାର୍ଯ୍ୟାନୁଷ୍ଠାନ

1952 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାନ୍ୟବର ବିଧାୟକମାନେ ପ୍ରଦାନ କରୁଥିବା ପତ୍ରର ପ୍ରାପ୍ତିସ୍ୱୀକାର, କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ ପାଇଁ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଜଣେ ଅଧିକାରୀଙ୍କୁ ନୋଡ଼ାଲ ଅଫିସର ନିୟୋଜନ କରାଯାଇଥିବାବେଳେ ବିଗତ ୨୦୨୪, ୨୦୨୫ ଓ ୨୦୨୬ ଅଦ୍ୟାବଧି କେଉଁ ମାନ୍ୟବର ବିଧାୟକଙ୍କ ପ୍ରଦତ୍ତ ପତ୍ର (ଡ଼ାକ, ସ୍ୱହସ୍ତରେ ଓ ଇ.ମେଲ ମାଧ୍ୟମରେ ଆସିଥିବା ପତ୍ର) ତାଲିକା ପଞ୍ଜିକୃତ କରାଯାଇ ତାଙ୍କୁ କେଉଁ କ୍ରମାଙ୍କ ପତ୍ର ସଂଖ୍ୟା ଓ ତାରିଖରେ ପ୍ରାପ୍ତୀ ସ୍ୱୀକାର ଓ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରାଯାଇଛି ?

----

## ପଦବୀ ପୂରଣ

1953 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମଞ୍ଜୁରୀପ୍ରାପ୍ତ IAS, IPS, IFS, OAS, OFS ଆଦି ପଦବୀରୁ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପ୍ରତ୍ୟେକ ଗ୍ରାମରେ ଗ୍ରାମରକ୍ଷୀ ନିୟୋଜନ

1954 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପୂର୍ବରୁ ପ୍ରଚଳିତ ଗ୍ରାମରକ୍ଷୀ ବ୍ୟବସ୍ଥା ଯୋଗୁଁ ଗ୍ରାମାଞ୍ଚଳରେ ମୁତୟନ ହୋଇଥିବା ଗ୍ରାମରକ୍ଷୀ ଅପରାଧିଙ୍କ ଉପରେ କଡ଼ା ନଜରରଖି ଅପରାଧୀଙ୍କ ସମ୍ପର୍କରେ ଥାନାକୁ ଅବଗତ କରି ଅପରାଧିକ କାର୍ଯ୍ୟକଳାପ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ, ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଗ୍ରାମରେ ଗ୍ରାମରକ୍ଷୀ ନିୟୋଜନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ମୋଟ ବକେୟା ଋଣଭାର ପରିମାଣ

1955 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ଓଡ଼ିଶା ସରକାରଙ୍କ ମୋଟ ବକେୟା ଋଣ ଭାର କେତେ ଟଙ୍କା ରହିଛି; ଏହାର ବିସ୍ତୃତ ବିବରଣୀ ଦେବେ କି; ଉକ୍ତ ମୋଟ ଋଣ ମଧ୍ୟରୁ ଆଭ୍ୟନ୍ତରୀଣ ଋଣ, ବଜାର ଋଣ, ଆର୍ଥିକ ସଂସ୍ଥା/ବ୍ୟାଙ୍କ ଠାରୁ ଋଣ, କେନ୍ଦ୍ର ସରକାରଙ୍କ ଠାରୁ ଋଣ ଏବଂ ଅନ୍ୟାନ୍ୟ ଉତ୍ସରୁ ଋଣ କେତେ କେତେ ରହିଛି; ଉତ୍ସୱାରୀ ବିବରଣୀ ପ୍ରଦାନ କରିବେ କି; ଏବଂ ବର୍ତ୍ତମାନ ରାଜ୍ୟର ମୋଟ ଋଣ ଭାର ରାଜ୍ୟର GSDPର କେତେ ପ୍ରତିଶତ ଅଟେ ଏବଂ ଗତ ୫ ବର୍ଷରେ ଏହି ଋଣ-GSDP ଅନୁପାତ କିପରି ପରିବର୍ତ୍ତିତ ହୋଇଛି; ବର୍ତ୍ତମାନ ଓଡ଼ିଶାର ଜନସଂଖ୍ୟାକୁ ଆଧାର କରି ମୁଣ୍ଡପିଛା ରାଜ୍ୟ ସରକାରୀ ଋଣ କେତେ ଟଙ୍କା ପଡୁଛି; ଗତ ୫ ବର୍ଷର ମୁଣ୍ଡପିଛା ଋଣର ବିବରଣୀ ଦେବେ କି; ଉକ୍ତ ଋଣ ଉପରେ ସରକାର ପ୍ରତିବର୍ଷ ସୁଧ ବାବଦରେ କେତେ ଟଙ୍କା ପରିଶୋଧ କରୁଛନ୍ତି ଏବଂ ୨୦୨୬-୨୭ ଆର୍ଥିକ ବର୍ଷରେ ସୁଧ ଓ ମୂଳଧନ ପରିଶୋଧ ବାବଦରେ ମୋଟ କେତେ ଅର୍ଥ ଆବଶ୍ୟକ ହେବ; ଆଗାମୀ ୫ ବର୍ଷରେ ରାଜ୍ୟର ଋଣ ଭାରକୁ ନିୟନ୍ତ୍ରଣରେ ରଖିବା ଓ ଋଣ ପରିଶୋଧନର ଆର୍ଥିକ ଚାପ କମାଇବା ପାଇଁ ସରକାରଙ୍କର କି ପଦକ୍ଷେପ /ନୀତି ରହିଛି ?

----

## ଅନୁମୋଦିତ କାର୍ଯ୍ୟରତ ଓ ଖାଲି ପଦବୀ ସଂଖ୍ୟା

1956 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ଓଡ଼ିଶାରେ ଡାକ୍ତର, ନର୍ସିଂ ଅଫିସର, ଫାର୍ମାସିଷ୍ଟ ଓ ପାରାମେଡିକାଲ ଷ୍ଟାଫଙ୍କ ମୋଟ ଅନୁମୋଦିତ, କାର୍ଯ୍ୟରତ ଓ ଖାଲି ପଦବୀ କେତେ; ପଦବୀୱାରୀ ବିବରଣୀ ଦେବେ କି; ଏହି ଖାଲି ପଦବୀଗୁଡ଼ିକ କେବେ ସୁଦ୍ଧା ପୂରଣ କରାଯିବ ଏବଂ ନିଯୁକ୍ତି ପ୍ରକ୍ରିୟା କେଉଁ ପର୍ଯ୍ୟାୟରେ ଅଛି; ଗତ ୩ ବର୍ଷରେ ଡାକ୍ତରୀ, ନର୍ସିଂ, ଫାର୍ମାସି ଓ ପାରାମେଡିକାଲ ଶିକ୍ଷା ସମାପ୍ତ କରି ସରକାରୀ ଚାକିରି ଅପେକ୍ଷାରେ ଥିବା ଯୋଗ୍ୟ ପ୍ରାର୍ଥୀଙ୍କ ସଂଖ୍ୟା କେତେ?

----

## ପରୀକ୍ଷା ଓ Preoperative Careକୁ cashless କରିବା ପାଇଁ ପଦକ୍ଷେପ

1957 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Critical Disease ର ଅପରେସନ୍ ପୂର୍ବରୁ ଆବଶ୍ୟକ Pre-Anaesthesia Check-up (PAC) ଓ ସମସ୍ତ ଆବଶ୍ୟକୀୟ Diagnostic Tests ଆୟୁଷ୍ମାନ ଯୋଜନାରେ ସମ୍ପୂର୍ଣ୍ଣ Cashless ଭାବେ ଅନ୍ତର୍ଭୁକ୍ତ କି; PAC ପରୀକ୍ଷା ପରେ ରୋଗୀ PAC Unfit ହୋଇ ଅପରେସନ୍/OT ହୋଇନପାରିଲେ, ପୂର୍ବରୁ ହୋଇଥିବା PAC ଓ Diagnostic Tests ର ଖର୍ଚ୍ଚ ଯୋଜନା ଅଧୀନରେ ବହନ/ରିଇମ୍ବର୍ସ କରିବାର ବ୍ୟବସ୍ଥା ଅଛି କି; ଏବେ PAC/ଆବଶ୍ୟକୀୟ Tests ପାଇଁ ରୋଗୀଙ୍କୁ ନିଜ ଖର୍ଚ୍ଚରୁ ପଇସା ଦେବାକୁ ପଡୁଥିବା ଅଭିଯୋଗ ଉପରେ ସରକାର ଅବଗତ କି; ଯଦି ହଁ, ଏହା ରୋକିବା ପାଇଁ Private Empaneled Hospitals ପାଇଁ ସ୍ପଷ୍ଟ SOP/ନିର୍ଦ୍ଦେଶନାମା ଜାରି କରାଯିବ କି; PAC Fit/Unfit ନିର୍ବିଶେଷରେ ରୋଗୀଙ୍କୁ ଅନାବଶ୍ୟକ ଆର୍ଥିକ ଭାରରୁ ମୁକ୍ତ ରଖି ସମସ୍ତ ଆବଶ୍ୟକୀୟ ପରୀକ୍ଷା ଓ Pre- operative Care କୁ Cashless କରିବା ପାଇଁ ସରକାର କ'ଣ ପଦକ୍ଷେପ ନେବେ?

----

**Police Action in Kantamala**

1958 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Will the govt. address the incidents reported in Kantamal village of Kalahandi district in April 2026 in connection with the proposed approach road to the Sijimali bauxite mining area, including allegations of police action, injuries to villagers and arrests; if so, whether any independent inquiry has been conducted into the incident, the number of persons arrested/injured, and the action taken against any officials found responsible for excesses; and whether the Government proposes to ensure that the rights and consent of the affected Gram Sabhas are duly protected before proceeding with the proposed road and mining-related activities?

----

**Time Bound mechanism for disposal of cases**

1959 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- In view of the Government's reply that 4,342 criminal cases older than five years are pending in Odisha Police Stations awaiting completion of investigation, will the state whether the Government has identified the police-station-wise number of such cases, the reasons for their continued pendency, and the responsibility of the investigating officers in cases where investigation has remained incomplete for more than five years; if so, whether the Government will furnish these details and specify a time-bound mechanism for disposal of all such cases, and if not, the reasons for the same?

----

## Mental health services in Western Odisha

1960 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The current status, district-wise, of mental health services in Western Odisha, including: (a) the number of functional psychiatrists, counsellors and Mental Health OPDS in each district; (b) the number of sanctioned posts for psychiatrists, counsellors and other mental health personnel in each district and the number of such posts presently lying vacant and whether the Government has taken any time-bound measures to fill the vacancies and strengthen mental health services, particularly in underserved districts of Western Odisha; if so, the details thereof ?

----

## Traffic ସମସ୍ୟା

1961 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଆମ ରାୟଗଡା ଜିଲ୍ଲା ଗୁଣୁପୁର ସହରାଞ୍ଚଳରେ ବଢୁଥିବା Traffic ସମସ୍ୟାକୁ ଦୂର କରିବା ପାଇଁ ସରକାରଙ୍କ ଯୋଜନା କଣ ରହିଛି, ବର୍ତ୍ତମାନ ସୁଦ୍ଧା ଜେନେରାଲ ପୋଲିସ କନଷ୍ଟେବଳ ହିଁ ଦାୟିତ୍ୱ ତୁଲାଉଛନ୍ତି, ଏହି ବାବଦରେ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ପଞ୍ଜିକରଣ କାର୍ଯ୍ୟ

1962 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜିଲ୍ଲାୱାରୀ ଜନ୍ମ ମୃତ୍ୟୁର କେତୋଟି ପଞ୍ଜିକରଣ unit ଅଛି, ସେଥିରେ Vital Statics Clerk କେତେ ଜଣ ନିୟୋଜିତ ଅଛନ୍ତି ଓ କେତୋଟି unit ରେ ଅନ୍ୟ staff ଜନ୍ମ ମୃତ୍ୟୁ ର ପଞ୍ଜିକରଣ unit ର କାର୍ଯ୍ୟ ରେ ନିୟୋଜିତ ରହି ଅଛନ୍ତି ଜିଲ୍ଲା ୱାରୀ ତଥ୍ୟ ଦେବେ କି ?

----

## ରିପୋର୍ଟ ପ୍ରଦାନ

1963 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କେତୋଟି ଅଛି ଓ ସେଥିରେ କେତୋଟି ଗର୍ଭବତୀ ପ୍ରସବ ହୋଇଛି ଜିଲ୍ଲା ୱାରୀ ଦେବେ କି, ମାସିକ 15000/- ଟଙ୍କା ପ୍ରୋତ୍ସାହନ ରାଶି କେଉଁ କାର୍ଯ୍ୟ ଓ କାରଣ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦିଆଯାଉଛି, ତେବେ ତାର ତଦାରଖ କାହାକୁ ଦାୟିତ୍ୱ ଦିଆଯାଇଛି, ରାୟଗଡା ଜିଲ୍ଲାର telemedicine, Non Communicable Disease screening ର ପୁଙ୍ଖାନୁପୁଙ୍ଖ ରିପୋର୍ଟ ର ତଥ୍ୟ ବ୍ଲକ ୱାରୀ ଦେବେ କି ?

----

**Bike, Motor Cycle ଚୋରିର ତାଲିକା**

1964 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ 2016 ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ମୋଟ କେତେଗୋଟି Bike, Motor Cycle ଚୋରି ହୋଇ Police ଥାନାରେ seized ହୋଇ ପଡି ରହିଛି, ଏହାର Police ଥାନା wise ଗୋଟିଏ ତାଲିକା ଦେବେ କି, (ଖ) ଏହି Bike, Motor Cycle ମାନଙ୍କ ଭିତରେ କେତେ ନିଲାମ କରାଯାଇଛି, ନିଲାମ କରିବା ନିତୀ ନିୟମ କଣ ?

----

**Pending Case ର Police ଥାନାୱାରୀ ତାଲିକା**

1965 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ 2024-25 ରୁ ଆଜିପର୍ଯ୍ୟନ୍ତ property Offence ଯଥା-ଚୋରି, ଡକାୟତି, ରାହଜାନୀ ହୋଇଛି ଏବଂ Police କେତେଗୋଟି case ରେ charge-sheet ଦେଇଛନ୍ତି, କେତେ case ରେ final report ଏବଂ କେତେ case pending ଅଛି ତାହାର police ଥାନାୱାରୀ (wise) ଗୋଟିଏ ତାଲିକା ଦେବେ କି ?

----

**Private Security ସଂସ୍ଥାରେ Selection Procedure**

1966 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲାରେ Private Security ସଂସ୍ଥାଗୁଡିକ କେଉଁ ଆଧାରରେ ସରକାର Selection କରିଛନ୍ତି, ଉକ୍ତ ସଂସ୍ଥାଗୁଡିକୁ କେଉଁ କେଉଁ ସଂସ୍ଥାକୁ ଦିଆଯାଇଛି, ଏହାର selection procedure କଣ, ଏଥିପାଇଁ tender ହେବାଠାରୁ work of order ପାଇବା ପର୍ଯ୍ୟନ୍ତ ସମସ୍ତ ତଥ୍ୟ ଦେବେ କି ?

----

**Apply କରିଥିବା ପ୍ରାର୍ଥୀଙ୍କ ସଂଖ୍ୟା**

1967 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚଳିତ ବର୍ଷ ଯାଜପୁର ଜିଲ୍ଲାରେ Home Guard ନିଯୁକ୍ତି ପାଇଁ କେବେ Advertise ହୋଇଥିଲା, ଉକ୍ତ Advertise ଅନୁଯାୟୀ କେତେଜଣ ପ୍ରାର୍ଥୀ apply କରିଥିଲେ, ସେଥିମଧ୍ୟରେ କେତେ ଜଣ ପ୍ରାର୍ଥୀ କେଉଁ କେଉଁ ଆଧାରରେ selection ହେଲେ, ଉକ୍ତ selection ସରକାରଙ୍କର କେଉଁ selection procedure ଅନୁଯାୟୀ ହୋଇଥିଲା, selection ହୋଇଥିବା ପ୍ରାର୍ଥୀମାନଙ୍କ Educational ଏବଂ Physical Qualification କେତେ ଥିଲା selection ହୋଇଥିବା ସମସ୍ତ ପ୍ରାର୍ଥୀମାନଙ୍କର ନାମ, Educational ଏବଂ Physical Qualification ର ସମସ୍ତ ବିସ୍ତୃତ ବିବରଣୀ ଦେବେ କି ?

----

## 'ସ୍ୱାସ୍ଥ୍ୟ ମିତ୍ର' ମାନଙ୍କୁ ପୁନଃ ନିଯୁକ୍ତି

1968 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଦୀର୍ଘ ଦିନରୁ କାର୍ଯ୍ୟ କରିଥିବା ଓ ଛଟେଇ ହୋଇଥିବା 'ସ୍ୱାସ୍ଥ୍ୟ ମିତ୍ର' ମାନଙ୍କୁ ପୁନଃ ନିଯୁକ୍ତି ଓ ନିୟମିତ କରିବା ପାଇଁ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ଅଛି କି, ଯଦି ହଁ, କେବେସୁଦ୍ଧା ପୁନଃ ନିଯୁକ୍ତି ଦେବେ, ଯଦି ନାଁ, ଆବଶ୍ୟକତା ଦୃଷ୍ଟିକୋଣରୁ ପୁନଃ ନିଯୁକ୍ତି ପାଇଁ ବିଚାର କରିବେ କି ?

----

## Book Circular-47 ଉଲ୍ଲଂଘନ ନେଇ ଅଭିଯୋଗ

1969 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ Book Circular-47 ଉଲ୍ଲଂଘନ ହୋଇଥିବା ସରକାରଙ୍କ ପାଖରେ କେତେ ଅଭିଯୋଗ ଆସିଛି ଓ ଏଥିପାଇଁ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, (ଖ) ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ସରକାରୀ ଅଫିସରମାନେ ଅଣଦେଖା କରୁଥିବା ଦୃଷ୍ଟିକୋଣରୁ ସରକାରଙ୍କ ତରଫରୁ ସମସ୍ତ ଅଫିସରଙ୍କୁ ଏକ ତାଗିଦ ଓ ଉଲ୍ଲଂଘନ କଲେ ତୁରନ୍ତ ଦଣ୍ଡ ବିଧାନର ଏକ ନିର୍ଦ୍ଦେଶନାମା ପ୍ରକାଶ କରିବେ କି ?

----

## Software Company ର ସଂଖ୍ୟା

1970 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବର୍ତ୍ତମାନସୁଦ୍ଧା କେତୋଟି Software Company ଅଛି ଏବଂ ବିଗତ ପାଞ୍ଚ ବର୍ଷରେ କେତୋଟି ଏବଂ କେଉଁ Software Company ଆମ ରାଜ୍ୟରେ କାର୍ଯ୍ୟ କରୁଛି ତାହାର ଏକ ତାଲିକା ବର୍ଷୱାରୀ ପ୍ରଦାନ କରିବେ କି ଏବଂ ଚଳିତ ବର୍ଷ କେତୋଟି Software Company ଆମ ରାଜ୍ୟକୁ ଆସିବା ପାଇଁ ପ୍ରସ୍ତାବ ରହିଛି ?

----

## Cyber ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ

1971 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ବିଗତ ତିନିବର୍ଷରେ କେତେଜଣ Cyber ଠକେଇର ଶିକାର ହୋଇଛନ୍ତି ସେମାନଙ୍କର ନାମ ଓ ଠିକଣା ସହିତ ନିର୍ବାଚନମଣ୍ଡଳୀୱାରୀ ଏବଂ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି ସେଥିମଧ୍ୟରୁ କେତେ ଜଣଙ୍କର Problem Solve ହୋଇନାହିଁ ଏବଂ Solve ନହେବାର କାରଣ କଣ ?

----

## ରାଜସ୍ୱ ସଂଗ୍ରହ ଓ ବ୍ୟୟର ତଥ୍ୟ

1972 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲାର ରାଜସ୍ୱ ସଂଗ୍ରହ ଓ ସରକାରୀ ବ୍ୟୟର ଗତି 3 ବର୍ଷର ତଥ୍ୟ କଣ ଏବଂ ଜିଲ୍ଲାର ବିକାଶ ପାଇଁ ସଂଗୃହୀତ ରାଜସ୍ୱର କେତେ ଅନ୍ୟ ଜିଲ୍ଲାରେ ବ୍ୟୟ ହେଉଛି ?

----

## ପୁରୁଣା Machine ଗୁଡିକର ସ୍ଥିତି

1973 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- DHH ମାଲକାନଗିରିରେ ପୁରୁଣା Ultrasound ଓ X-Ray Machine ଗୁଡିକର ସ୍ଥିତି କଣ ଏହା ଅନେକ ପୁରୁଣା ହୋଇଥିବାରୁ ଅତ୍ୟାଧୁନିକ ମେସିନ୍ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ପେନସନ୍ ପ୍ରଦାନ

1974 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- NPS ଧାରୀ Pensioner ମାନଙ୍କୁ କେଉଁ ଆଧାରରେ ସେମାନଙ୍କ Retirement Benefits ପ୍ରଦାନ କରାଯିବ ସେସବୁର ବାସ୍ତବ ତଥ୍ୟ ପ୍ରଦାନ କରିବେ କି ?

----

## NPS & Old Pension ମଧ୍ୟରେ ପାର୍ଥକ୍ୟ କଣ

1975 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- NPS ଧାରୀ ଏବଂ ପୂର୍ବରୁ ପ୍ରଚଳିତ OLD Pension ମଧ୍ୟରେ ପାର୍ଥକ୍ୟ କଣ ଏବଂ ଏହାକୁ ସମ୍ପୂର୍ଣ୍ଣ ପ୍ରଣାଳୀ କରଣ କରିବେ କି ?

----

## ବିଭିନ୍ନ ପଦବୀ ସଂଖ୍ୟା

1976 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲାରେ ଜିଲାପାଳଙ୍କ ପ୍ରଶାସନିକ ନିୟନ୍ତ୍ରଣ ରେ ରାଜ୍ୟ ସରକାରଙ୍କ କେତେଗୋଟି ବିଭାଗ କାର୍ଯ୍ୟକରୁଛି, ଏହି ବିଭାଗ ଗୁଡିକ କଣ, ଏହି ବିଭାଗ ଗୁଡିକରେ ଭିଭିନ୍ନ ସ୍ତରର ପଦବୀ ସଂଖ୍ୟା କେତେ, ବର୍ତ୍ତମାନ ସୁଦ୍ଧା କେତେ ପଦବୀ ପୂରଣ ହୋଇଛି ଓ କେତେ ଖାଲି ପଡିଛି ?

----

## ଫାର୍ମାସି କାଉନସିଲ ଗଠନରେ ବିଳମ୍ବ

1977 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ମେଡିକାଲ କଲେଜ ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, CHC, PHC, PHC(N) ଡାକ୍ତରଖାନା ଗୁଡିକରେ କେତେ ଫାର୍ମାସି ଅଫିସର ପଦବୀ ସୃଷ୍ଟି କରାଯାଇଛି, ବର୍ତ୍ତମାନ-ସୁଦ୍ଧା କେତେ କାର୍ଯ୍ୟରତ ଅଛନ୍ତି, କେତେ ପଦବୀ ଖାଲି ପଡିଛି, ଓଡିଶା ରାଜ୍ୟରେ ସରକାରୀ ଫାର୍ମାସିଷ୍ଟ ବ୍ୟତୀତ ବେସରକାରୀ ସ୍ତରରେ କେତେ ଫାର୍ମାସିଷ୍ଟ ପଞ୍ଜୀକୃତ ହୋଇଛନ୍ତି ଏହାର ଜିଲ୍ଲା ୱାରୀ ତଥ୍ୟ ଦେବେ କି, ରାଜ୍ୟରେ ନିଜେ ଫର୍ମାସୀଷ୍ଟ ଓ ଔଷଧ ଦୋକାନୀ ମାଲିକ ଥିବା ସଂଖ୍ୟା କେତେ ତାର ଜିଲ୍ଲାୱାରୀ ତଥ୍ୟ ଦେବେ କି, ଏହି ସମସ୍ତଙ୍କୁ ନେଇ ଫାର୍ମାସି କାଉନସିଲ ଗଠନରେ ବିଳମ୍ବର କାରଣ କଣ, ୧୯୯୪ ମସିହା ପରଠାରୁ କାଉନସିଲ ଗଠନ ହୋଇ ନଥିବା ଯୋଗୁଁ ଏମାନଙ୍କର ସମସ୍ୟାର ସମାଧାନ ହଉନଥିବା ଖବର ସତ୍ୟ କି, ରାଜ୍ୟ ସରକାର ଫାର୍ମାସି କାଉନସିଲ ଗଠନ ପାଇଁ କି ପଦକ୍ଷେପ ନେଉଛନ୍ତି ଓ ଏହା କେବେ ସୁଦ୍ଧା ଗଠନ କରାଯିବ ?

----

## ବିଚାରଧୀନ ମାମଲା ସଂଖ୍ୟା

1978 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଜି.ଏ.ପି.ଜି କାର୍ଯ୍ୟାଳୟରେ ମ୍ୟୁଟେସନ୍ (Mutation) ଓ ଫ୍ରିହୋଲ୍ଡ (Freehold) ସମ୍ବନ୍ଧୀୟ କେତେ ମାମଲା ବର୍ତ୍ତମାନ ସୁଦ୍ଧା ବିଚାରାଧୀନ/ ଲମ୍ବିତ ଅଛି, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ କେତୋଟି Mutation ଓ Freehold ମାମଲା ନିଷ୍ପତ୍ତି ହୋଇଛି ଏବଂ ବର୍ତ୍ତମାନ କେତୋଟି ମାମଲା ଲମ୍ବିତ ଅଛି, ବର୍ଷୱାରୀ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ Mutation ଓ Freehold ମାମଲାର ନିଷ୍ପତ୍ତି ନହୋଇ ମାସ ମାସ କିମ୍ବା ବର୍ଷ ବର୍ଷ ଧରି ଲମ୍ବିତ ରହୁଥିବା ନେଇ ସରକାରଙ୍କ ନିକଟରେ କୌଣସି ଅଭିଯୋଗ କିମ୍ବା ତଥ୍ୟ ଆସିଛି କି, ଥିଲେ ଏହାର କାରଣ କ'ଣ, Mutation ଓ Freehold ମାମଲାଗୁଡିକର ନିର୍ଦ୍ଧାରିତ time limit ମଧ୍ୟରେ disposal ସୁନିଶ୍ଚିତ କରିବା ପାଇଁ କୌଣସି online monitoring, tracking, officer-wise pendency review ଏବଂ accountability system ରହିଛି କି ?

----

## ଡାଇଲିସିସ ରୋଗୀ ସଂଖ୍ୟା

1979 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ବର୍ତ୍ତମାନ କେତୋଟି ଡାଇଲିସିସ୍ ମେସିନ୍ ଅଛି ଏବଂ ସେଥିରୁ କେତୋଟି କାର୍ଯ୍ୟକ୍ଷମ ଓ କେତୋଟି ଅଚଳ/ମରାମତିରେ ଅଛି?ମେସିନ୍ ଅଚଳ କିମ୍ବା ମରାମତିରେ ବିଳମ୍ବ ଯୋଗୁଁ ରୋଗୀମାନେ ନିୟମିତ ଡାଇଲିସିସ୍ ସେବା ପାଇବାରେ ଅସୁବିଧା ଭୋଗୁଥିବା ନେଇ ସରକାରଙ୍କ ନଜରକୁ କୌଣସି ଅଭିଯୋଗ ଆସିଛି କି, ଅଚଳ ମେସିନ୍‌ଗୁଡ଼ିକୁ କେତେ ସମୟ ମଧ୍ୟରେ ମରାମତି କରି ପୁନଃ କାର୍ଯ୍ୟକ୍ଷମ କରାଯିବ ଏବଂ ଏଥିପାଇଁ AMC/ବିକଳ୍ପ ବ୍ୟବସ୍ଥା ରହିଛି କି, ବର୍ତ୍ତମାନ ଦୈନିକ ଓ ମାସିକ କେତେଜଣ ରୋଗୀ ଡାଇଲିସିସ୍ ନେଉଛନ୍ତି ଏବଂ ଉପଲବ୍ଧ ମେସିନ୍ ଓ ସେବା ଚାହିଦା ଅନୁସାରେ ପର୍ଯ୍ୟାପ୍ତ କି, ଭଦ୍ରକ ଜିଲ୍ଲାର ଡାଇଲିସିସ୍ ରୋଗୀଙ୍କ ସଂଖ୍ୟା ଓ ଚାହିଦାକୁ ଦୃଷ୍ଟିରେ ରଖି ଅତିରିକ୍ତ ମେସିନ୍ କିମ୍ବା ନୂତନ ଡାଇଲିସିସ୍ କେନ୍ଦ୍ର ସ୍ଥାପନ ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି, ଭଦ୍ରକର ଦୂରଦୂରାନ୍ତର ଗରିବ ଓ ଆବଶ୍ୟକତାସମ୍ପନ୍ନ ରୋଗୀମାନଙ୍କୁ ଅନ୍ୟ ଜିଲ୍ଲାକୁ ଯିବାକୁ ନପଡ଼ିବା ପାଇଁ ଡାଇଲିସିସ୍ ସେବାର କ୍ଷମତା ବୃଦ୍ଧି କରିବାକୁ ସରକାର ତୁରନ୍ତ ପଦକ୍ଷେପ ନେବେ କି ?

----

## ଫାଇଲ ନିଷ୍ପତ୍ତି ପାଇଁ ଧାର୍ଯ୍ୟ ସମୟସୀମା

1980 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଫାଇଲ୍ ନିଷ୍ପତ୍ତି ପାଇଁ ଧାର୍ଯ୍ୟ ସମୟସୀମା କେତେ, ଗତ 2 ବର୍ଷରେ ଧାର୍ଯ୍ୟ ସମୟସୀମା ଅତିକ୍ରମ କରିଥିବା କେତେ ଫାଇଲ୍ ରହିଛି ଏବଂ ସର୍ବାଧିକ ବିଳମ୍ବ କେଉଁ ବିଭାଗରେ ହୋଇଛି, ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯାଇଛି ?

----

## ପୋଷ୍ଟମର୍ଟମ ସୁବିଧା ଥିବା ହସ୍ପିଟାଲର ତଥ୍ୟ

1981 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜିଲ୍ଲା ମୁଖ୍ୟ ଡାକ୍ତରଖାନା (DHH) ବ୍ୟତୀତ ଜିଲ୍ଲାର ଅନ୍ୟ କେଉଁ କେଉଁ ହସ୍ପିଟାଲ /ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC)ରେ ବର୍ତ୍ତମାନ ପୋଷ୍ଟମର୍ଟମ (ଶବ ବ୍ୟବଚ୍ଛେଦ) ସୁବିଧା ଉପଲବ୍ଧ ଅଛି, ବଡ଼ଚଣା CHCରେ ପୋଷ୍ଟମର୍ଟମ ସୁବିଧା ଉପଲବ୍ଧ ଥିବା ସତ୍ତ୍ୱେ ସ୍ଥାୟୀ ପୋଷ୍ଟମର୍ଟମ ସହାୟକ ପଦ ଖାଲି ପଡ଼ିଥିବାରୁ ଶବ ବ୍ୟବଚ୍ଛେଦ ସେବା ପ୍ରଭାବିତ ହେଉଛି, ସେଥିପାଇଁ ପୋଷ୍ଟମର୍ଟମ ସୁବିଧା ଥିବା ରାଜ୍ୟର ସମସ୍ତ CHC/ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ପୋଷ୍ଟମର୍ଟମ ସହାୟକ ନିଯୁକ୍ତି ପାଇଁ ସରକାର ନିଷ୍ପତ୍ତି ନେବେ କି, ଯଦି ହଁ, କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ଏବଂ ଖାଲି ପଦ ଗୁଡ଼ିକୁ କେବେ ସୁଦ୍ଧା ପୂରଣ କରାଯିବ ?

----

## Deterioration of law-and-order situation in the State

1982 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- The year-wise and district-wise number of cases of rape, murder, rape-cum-murder and other crimes against women registered during the last three years and the current year till date; (b) the number of accused arrested, charge-sheeted and convicted in such cases, along with the reasons for delay in investigation and trial; and the measures taken to ensure the safety of women and prevent the recurrence of such crimes ?

----

**Surrender of funds**

1983 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) Whether any funds has been surrendered by the state Govt. to Central Govt. due to non-utilisation and any Central assistance under Centrally Sponsored Schemes has been withheld, delayed or not released due to non-fulfilment of conditions, non- submission of utilisation certificates, pending State share or other procedural requirements; (b) if so, department-wise and scheme-wise details thereof, along with the amount involved; and the action taken to remove such deficiencies and secure early release of the funds ?

----

**Detail list of residential plots regularised by G.A. & P.G. Deptt.**

1984 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- The detail list of residential plots with Drawing nos. along with name of the allottees with their detail address which has been regularised by G.A. & P.G. Deptt. by way of collecting differential premium as well as ID cost though Policy decision of Govt. in the Ghatikia plotted development scheme of Kalinga Nagar (Drawing Nos. B/360, B/361, B/371, B/372, B/1082 revised to B/1392, B/1083 revised to B/1391 of Mouza- Ghatikia and Drawing No. B/367 of Mouza-. Bharatpur & Sampur) out of them how many plots are still lying vacant for regularisation, Will the government furnish the detail list in the said Mouzas in the above drawing nos. ?

----

**ତାଲିକା Online ରେ ଉପଲବ୍ଧ**

1985 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ଅଧିନରେ କର୍ତ୍ତବ୍ୟରତ Group - A ଓ Group - B କର୍ମଚାରୀ ବାର୍ଷିକ "PAR" ପାଇଁ ସମସ୍ତ ବିଭାଗର ରିପୋର୍ଟ ସ୍ୱୀକୃତି ଅଧିକାରୀମାନଙ୍କର ପଦାଧିକାରୀମାନଙ୍କ ତାଲିକା online ରେ ଉପଲବ୍ଧ ଅଛି କି; ଯଦି ନାହିଁ ତେବେ online ରେ ଉପଲବ୍ଧ କରିବେ କି ?

----

**Receive କରିଥିବା FIR ର data wise report**

1986 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଭୁବନେଶ୍ୱର DCPଙ୍କ ଅଧିନରେ ଥିବା ଚନ୍ଦକା ଥାନାର IIC ଓ S.I. ମାନେ FIR ରଖୁନଥିବା ସରକାରଙ୍କ ନଜରକୁ ଆସିଛି କି; June , 2026 ମାସଠାରୁ 31st August, 2026 ମଧ୍ୟରେ କେତେ FIR ଆସିଛି, କେତେ Receive କରିଛନ୍ତି, କେତେ receive କରିନାହାନ୍ତି ତାର ସମ୍ପୂର୍ଣ୍ଣ inquiry ସମ୍ବନ୍ଧୀୟ ତଥ୍ୟ date-wise ପ୍ରଦାନ କରିବେ କି ?

----

**ନୂତନ PHC Medical ନିର୍ମାଣ**

1987 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୟୁରଭଞ୍ଜ ଜିଲ୍ଲା Rairangpur Block ଅଧିନରେ ଥିବା ଗୋରୁମହିଷାଣୀ ରେ ଥିବା P.H.C Medical ନିଜସ୍ୱ ଜାଗାରେ ଅଛି ନା ନାହିଁ ଯଦି ନାହିଁ କେବେ ସୁଦ୍ଧା ସେ ନୂତନ P.H.C Medical କେବେ ସୁଦ୍ଧା ହେବ ?

----

**ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ I.P.H.S ହିସାବରେ ଗ୍ରହଣ କରିବା ପାଇଁ ପଦକ୍ଷେପ**

1988 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅନୁଗୋଳ ଜିଲ୍ଲା ଅନୁଗୋଳ ବ୍ଲକ୍ ଅନ୍ତର୍ଗତ ବନ୍ତଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ I.P.H.S ହିସାବରେ ଗ୍ରହଣ କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଛି ଏବଂ ଏହାକୁ ତୁରନ୍ତ I.P.H.S ହିସାବରେ ଦିଆଯାଇ ଏ ଦିଗରେ କଣ ପଦକ୍ଷେପ ନେବେ ?

----

**ପ୍ରତ୍ୟୁଷ ସଂସ୍ଥା ଦ୍ୱାରା ନିଯୁକ୍ତି**

1989 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)କଟକ ଜିଲ୍ଲାର ବିଭିନ୍ନ PHC ଓ CHC ସବସେଣ୍ଟର ଗୁଡିକରେ ସଫେଇ କର୍ମୀ, ଗାର୍ଡେନର , ଆଟେଣ୍ଡାଣ୍ଟ ଆଦି ପଦବୀ ନିଯୁକ୍ତି କ୍ଷେତ୍ରରେ ପ୍ରତ୍ୟୁଷ ସଂସ୍ଥା ଅଦ୍ୟାବଧି କେତୋଟି ନିଯୁକ୍ତି ନିମନ୍ତେ କେତେ ଯୁବକ/ଯୁବତୀଙ୍କର ନାମରେ କେତୋଟି ଚିଠି ପଠାଇଛି, (ଖ) ଏହି ନିଯୁକ୍ତି କ୍ଷେତ୍ରରେ ଜିଲ୍ଲାଅଧିକାରୀଙ୍କୁ ଧରି ସେମାନଙ୍କ ନାମକୁ ପରିବର୍ତ୍ତନ କରିବାର କାରଣ କଣ ଏବଂ ଏହି ନିଯୁକ୍ତି କ୍ଷେତ୍ରରେ ଏହି ସଂସ୍ଥା ଓ ଜିଲ୍ଲାଅଧିକାରୀମାନେ ବ୍ୟାପକ ଅର୍ଥ ଆଦାୟ କରୁଥିବା ସରକାର ଅବଗତ ଅଛନ୍ତି କି ?

----

## Subalaya PHC enhance its status to CHC

1990 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Subalaya PHC of Birmaharajpur block and Jaloi PHC of Ullunda blocks are handling patients of about 4 panchayats each, Is there any plan to enhance its status to CHC ?

----

## ରିପୋର୍ଟ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ

1991 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଉରକେଲା ସରକାରୀ ଡାକ୍ତରଖାନାରେ ହୋଇଥିବା ଦୁର୍ନୀତି ସମ୍ବନ୍ଧରେ ଗତ ୨୦୨୫ରେ ରାଜ୍ୟସରକାରଙ୍କ ଅଡିଟ ବିଭାଗଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜଣାଇବେ କି, ରାଉରକେଲା ସରକାରୀ ଡାକ୍ତରଖାନା ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ଅର୍ଥ ବ୍ୟୟ ବରାଦ କରିସାରିଥିବା ବେଳେ ଏହି କାର୍ଯ୍ୟ ପ୍ରାରମ୍ଭ ନ ହେବା ପଛରେ କାରଣ କ'ଣ, ସମ୍ପ୍ରସାରଣ କାର୍ଯ୍ୟ କେବେଠାରୁ ଆରମ୍ଭ ହେବ, DMF ପାଣ୍ଠି ସହାୟତାରେ ସୁନ୍ଦରଗଡ ଜିଲ୍ଲା ରେ ୨୦୨୧ ରୁ ୨୦ ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମନ୍ୱିତ ଭୌତିକ ଚିକିତ୍ସା ଓ ଥେରାପି.କେନ୍ଦ୍ର ଚାଲୁଥିଲା, ଯାହା ମାଧ୍ୟମରେ ଅନେକ ଲୋକ ଉପକୃତ ହୋଇ ଆସୁଥିଲେ, ବର୍ତ୍ତମାନ DMF କର୍ତ୍ତୃପକ୍ଷ ସହାୟତା ରାଶି ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଏହାର ସ୍ଥାୟିତ୍ୱ ପ୍ରତି ଆଶଙ୍କା ସୃଷ୍ଟି ହୋଇଛି ଏହି କେନ୍ଦ୍ରକୁ ଚାଲୁ ରଖିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

## Jio Tower ସ୍ଥାପନ

1992 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଟିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ବ୍ଲକର ଅଧିକାଂଶ ଗ୍ରାମାଞ୍ଚଳରେ JIO TOWER ସ୍ଥାପନ ହୋଇଛି, କିନ୍ତୁ ଏସବୁ ଜାଗାରେ NETWORK ଠିକ୍ ଭାବେ କାର୍ଯ୍ୟ କରୁନାହିଁ ତେଣୁ ଏସବୁ ଜାଗାରେ JIO Network ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## OTAS/ORS Selection ପ୍ରକ୍ରିୟାର ସ୍ଥିତି

1993 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବିଗତ ସରକାରଙ୍କ ସମୟରେ OTAS ଓ ORS Selection/Promotion ମାଧ୍ୟମରେ ବିଭିନ୍ନ ବିଭାଗରୁ କେତେଜଣଙ୍କୁ ଚୟନ କରାଯାଇଥିଲା; ସେଥିରେ +3 ରୁ କମ୍ ଯୋଗ୍ୟତା ଥିବା ଏବଂ B.Tech, MCA, MBA ଭଳି ଉଚ୍ଚ ବୃତ୍ତିଗତ ଯୋଗ୍ୟତା ଥିବା କର୍ମଚାରୀଙ୍କ ବିଭାଗୱାରୀ ତଥ୍ୟ ସରକାର ଦେବେ କି, (ଖ) ଉଚ୍ଚ ଶିକ୍ଷାଗତ ଯୋଗ୍ୟତା, ଦୀର୍ଘ ସେବା ଅଭିଜ୍ଞତା ଓ ଉଚ୍ଚ Pay Level ଥାଇ ମଧ୍ୟ OTAS/ORS ସୁଯୋଗରୁ ବଞ୍ଚିତ ହୋଇଥିବା ଯୋଗ୍ୟ କର୍ମଚାରୀଙ୍କ ମାମଲାକୁ ପୁନଃବିଚାର କରିବେ କି, ବର୍ତ୍ତମାନ OTAS/ORS Selection ପ୍ରକ୍ରିୟାର ସ୍ଥିତି କ'ଣ ଏବଂ ବିଭିନ୍ନ ବିଭାଗରେ ଦୀର୍ଘଦିନରୁ କାର୍ଯ୍ୟରତ ଯୋଗ୍ୟ କର୍ମଚାରୀଙ୍କୁ Career Advancement/Promotion ସୁଯୋଗ ଦେବା ପାଇଁ କୌଣସି ନୂତନ ବିକଳ୍ପ ନୀତି ରହିଛି କି?

----

## Sub-Treasury ସ୍ଥାପନ

1994 **ଶ୍ରୀ ଛବି ମଲିକ (ନିଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାର ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟାପଡା ବ୍ଲକରେ ଏକ ଉପ-କୋଷାଗାର (Sub-Treasury) ସ୍ଥାପନ କରିବା ପାଇ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ବିଚାରାଧୀନ ଅଛି କି, ଯଦି ଅଛି, ତେବେ ଏହାର ସ୍ଥାପନ ପାଇଁ ସରକାର କେବେ ସୁଦ୍ଧା ପଦକ୍ଷେପ ଗ୍ରହଣ କରିବେ ?

----